بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 14

ସାପ୍ତାହିକ ବଦର କାଦିଆନ

Weekly BADAR Qadian

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

04 ଏପ୍ରିଲ୍ 2019    04 ଶାହାଦତ୍ 1398 ହି.ଶ    27 ରଜବ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

وَاَمَّا الَّذِیۡنَ اٰمَنُوۡا
وَعَمِلُوا الصّٰلِحٰتِ
فَیُوَفِّیۡہِمۡ اُجُوۡرَہُمۡ ؕ
وَاللّٰہُ لَا یُحِبُّ الظّٰلِمِیۡنَ ○

(آل عمران:58)

**ଅନୁବାଦ** – ଏବଂ ଯେଉଁ ଲୋକମାନେ ବିଶ୍ୱାସକାରି ଅଟନ୍ତି ଓ ସେମାନେ ପୂଣ୍ୟ (ଓ ଉଚିତ) କାର୍ଯ୍ୟ କରିଛନ୍ତି ସେ ସେମାନଙ୍କୁ ସେମାନଙ୍କର (କାର୍ଯ୍ୟର) ସମ୍ପୂର୍ଣ୍ଣ ପ୍ରତିଫଳ ପ୍ରଦାନ କରିବେ; ଏବଂ ଅଲ୍ଲାଃ ଅତ୍ୟାଚାରୀମାନଙ୍କୁ ପ୍ରେମ କରନ୍ତି ନାହିଁ ।

*(ଆଲେ ଇମ୍ରାନ୍:୫୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ଏ ଦୁନିଆ କ'ଣ । ଏକ ପ୍ରକାରର ପରୀକ୍ଷାର ସ୍ଥାନ । ସେ ହେଉଛି ଉତମ (ବ୍ୟକ୍ତି) ଯିଏ ପ୍ରତ୍ୟେକ କଥାକୁ ଗୋପନ ରଖେ ଓ ଆତ୍ମବଡ଼ିମାରୁ ବଂଚିତ ରହେ । ଯେଉଁ ଲୋକମାନଙ୍କ କର୍ମ କେବଳ ଅଲ୍ଲାଃଙ୍କ ଖାତିର୍ ହୋଇଥାଏ ସେମାନେ ନିଜ କର୍ମ (ସମ୍ବନ୍ଧରେ) କାହାକୁ ପ୍ରକାଶ କରିନଥାନ୍ତି ଏମାନେ ହିଁ ହେଉଛନ୍ତି ମୁତ୍‌ତକି ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ମୁତ୍‌ତକି (ଧର୍ମପରାୟଣ ବ୍ୟକ୍ତି) ସର୍ବଦା ସଇତାନର ମୁକାବିଲାରେ ଯୁଦ୍ଧ କରିଥାଏ କିନ୍ତୁ ଯେବେ ସେ ସ୍ୱାଲେହ୍(ଅର୍ଥାତ୍ ସଦାଚାରି)ହୋଇଯାଏ ସେତେବେଳେ ଯୁଦ୍ଧର ଶଂଶୟ ମଧ ଶେଷ ହୋଇଯାଏ ଉଦାହରଣ ସ୍ୱରୂପ ଆତ୍ମଶ୍ଲାଘା ସହିତ ସେ ଆଠ ପ୍ରହର ଯୁଦ୍ଧ କରୁଛି । ମୁତ୍‌ତକ ଏପରି ଏକ କ୍ଷେତ୍ରରେ ଛିଡ଼ା ହୋଇଛି ଯେଉଁଠି ସର୍ବଦା ଯୁଦ୍ଧ ଚାଲିଛି । (ଯଦି) ଅଲ୍ଲାଃଙ୍କ କରୁଣାର ହାତ ତା ସହିତ ରହିବ ତେବେ ସେ ବିଜୟ ଲାଭ କରିବ । ଯେପରି ଆତ୍ମଗର୍ବର ଚାଲି ହେଉଛି ଗୋଟିଏ ପିମ୍ପୁଡ଼ିର ଚାଲି ସଦୃଶ । ବେଳେବେଳେ ମନୁଷ୍ୟ ଅଜାଣତରେ କିନ୍ତୁ ଠିକ୍ ସମୟରେ ଆତ୍ମବଡ଼ିମାକୁ ହୃଦୟ ଭିତରେ ସୃଷ୍ଟି ହେବାର ମୌକା ଦେଇ ଦେଇଥାଏ ଉଦାହରଣ ସ୍ୱରୁପ ଯେବେ ଜଣକର ଛୁରୀ ହଜିଯାଏ ସେ ଯଦି ଅନ୍ୟ କାହାଠାରୁ ତାହାକୁ ମାଗେ ତେବେ ଏପରି ପରିସ୍ଥିତିରେ ଜଣେ ମୁତକିର ଯୁଦ୍ଧ ସଇତାନ ସହିତ ଆରମ୍ଭ ହୋଇଯାଏ, ଯିଏ ତାକୁ ଶିଖାଇଥାଏ ଯେ ଏପରି ମାଗିବା ହେଉଛି ଏକ ପ୍ରକାରର ଅସମ୍ମାନ । ଏଥିରେ ରାଗି ଯିବାର ସଂଭାବନା ଅଛି ଓ ସମ୍ଭବତଃ ଆପୋଷରେ ଝଗଡ଼ା ମଧ ହୋଇପାରେ । ଏପରି ଅବସରରେ ଜରେ ମୁତ୍‌କି ତା ନିଜ ମନର କୁଅଭିଳାଷ ସହିତ ଯୁଦ୍ଧ କରିଥାଏ ଯଦି ସେହି ବ୍ୟକ୍ତିଙ୍କ ନିକଟରେ ପ୍ରଭୁଙ୍କ ଖାତିର୍ ଦିୟାନତ୍ (ଅର୍ଥାତ୍ ନିଷ୍ଠାଭାବ) ଥିବ ତେବେ ତାକୁ କ୍ରୋଧିତ ହେବାର କ'ଣ ଆବଶ୍ୟକ କାରଣ ଦିୟାନତ୍‌କୁ ଯେତେ ସମ୍ଭବ ଗୋପନ ରଖାଯାଏ ତାହା ସେତିକି ହିଁ ଭଲ । ଉଦାହରଣ ସ୍ୱରୁପ (ଯଦି) ଜଣେ ରତ୍ନାକରଙ୍କୁ ରାସ୍ତାରେ କିଛି ଚୋର ମିଳନ୍ତି ଓ ଚୋରମାନେ ଆପୋଷରେ ତା ସମ୍ବନ୍ଧରେ ଏପରି ମତ ପୋଷଣ କରିଥାନ୍ତି କି, କେତେକ (ଚୋର) ତାଙ୍କୁ ଧନୀ ବ୍ୟକ୍ତି ଭାବେ ଅଭିହିତ କରିଥାନ୍ତି ଓ କେତେକ (ଚୋର) ତାଙ୍କୁ କାଙ୍ଗାଳ ବୋଲି ବିବେଚନା କରିଥାନ୍ତି । ଏବେ ରତ୍ନାକର ଜଣକ ସେମାନଙ୍କୁ ହିଁ ପସନ୍ଦ କରିବ ଯେଉଁମାନେ ତାକୁ କାଙ୍ଗାଳବୋଲି ଅଭିହିତ କରିବେ ।

### କର୍ମକୁ ଗୋପନ ରଖିବା ଉତମ ଅଟେ

ସେହିଭଳି ଏ ଦୁନିଆ କ'ଣ । ଏକ ପ୍ରକାରର ପରୀକ୍ଷାର ସ୍ଥାନ । ସେ ହେଉଛି ଉତମ (ବ୍ୟକ୍ତି) ଯିଏ ପ୍ରତ୍ୟେକ କଥାକୁ ଗୋପନ ରଖେ ଓ ଆତ୍ମବଡ଼ିମାରୁ ବଂଚିତ ରହେ । ଯେଉଁ ଲୋକମାନଙ୍କ କର୍ମ କେବଳ ଅଲ୍ଲାଃଙ୍କ ଖାତିର୍ ହୋଇଥାଏ ସେମାନେ ନିଜ କର୍ମ (ସମ୍ବନ୍ଧରେ) କାହାକୁ ପ୍ରକାଶ କରିନଥାନ୍ତି ଏମାନେ ହିଁ ହେଉଛନ୍ତି ମୁତ୍‌ତକି ।

ମୁଁ ତଜ୍‌କରତୁଲ୍ ଅଓଲିୟାରେ ଦେଖିଛି ଯେ, ଗୋଟିଏ ଜନସମାବେଶରେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ମାଗିଲେ ଯେ ତାଙ୍କୁ କିଛି ଟଙ୍କାର ଆବଶ୍ୟକତା ଅଛଇ (ତେଣୁ) କେହି ତାଙ୍କୁ ସାହାଯ୍ୟ କରନ୍ତୁ । ଜଣେ ତାଙ୍କୁ ସଦାଚାରି ଭାବି ଏକ ହଜାର ଟଙ୍କା ଦେଲା ସେ ଉକ୍ତ ଟଙ୍କାକୁ ପାଇ ତା'ର (ଅର୍ଥାତ୍ ଦାନ କରିଥିବା ବ୍ୟକ୍ତିର) ବଦାନ୍ୟତା ଓ ଦାନଶୀଳ ହେବାର ପ୍ରଶଂସା ଗାନ କଲା । ଏହି ଭଳି ପ୍ରଶଂସା ଶୁଣି ସେ ଦୁଃଖିତ ହେଲା ଯେ ଯଦି ଏଠାରେ (ଅର୍ଥାତ୍ ଏ ସଂସାରରେ) ହିଁ ପ୍ରଶଂସା ହୋଇଗଲା ତେବେ ବୋଧ ହୁଏ ପରକାଳର ପୂର୍ଣ୍ଣରୁ ମୁଁ ବଂଚିତ ରହିବି । ଅଳ୍ପ କିଛି ସମୟପରେ ସେହି ଲୋକଟି ଆସି କହିଲା ଯେ, ଉକ୍ତ ଟଙ୍କା ତା ମା'ଙ୍କର ଥିଲା ଯିଏ ଦେବାକୁ ଚାହୁଁନଥିଲେ । ସୁତରାଂ ସେହି ଟଙ୍କାକୁ ଫେରସ୍ତ କରିଦିଆଗଲା । ଏହା ଦେଖି ସବୁ ଲୋକମାନେ ତାକୁ ଅଭିସାପ ଦେଲେ ଓ ତାକୁ ମିଥ୍ୟାବାଦୀ ବୋଲି କହିଲେ । ଅସଲରେ ସେ ଦେବାକୁ ଚାହୁଁନାହିଁ । ଯେବେ ସଂନ୍ଧ୍ୟା ସମୟରେ ସେହି ବୁଜୁର୍ଗ ଜଣକ ଘରକୁ ଗଲେ ସେତେବେଳେ ଉକ୍ତ ବ୍ୟକ୍ତି ଜଣକ ଏକ ହଜାର ଟଙ୍କା ନେଇ ତାଙ୍କ ନିକଟରେ ପଂହଚି କହିଲା କି, ଆପଣ ସର୍ବସାଧାରଣରେ ମୋର ପ୍ରଶଂସା କରି ମୋତେ ପରକାଳ ର ପୂଣ୍ୟରୁ ବଂଚିତ କଲେ ସେଥିପାଇଁ ମୁଁ ଏପରି ବାହାନା କଲି । ଏବେ ଏହି ଟଙ୍କାତକ ଆପଣଙ୍କର କିନ୍ତୁ ଆପଣ କାହା ନିକଟରେ ମୋ ନାମ ନେବେ ନାହିଁ । ବୁଜୁର୍ଗ ଜଣକ କାନ୍ଦିପକାଇ କହିଲେ ଯେ, ଏବେ ତ କୟାମତ ପର୍ଯ୍ୟନ୍ତ ନିନ୍ଦା ଓ ଅପବାଦର କାରଣ ହେବେ । କାରଣ ଗତ କାଲିର ଘଟଣା ସମସ୍ତେ ଜାଣିଛନ୍ତି କିନ୍ତୁ ଏ କଥା କାହାକୁ ଜଣା ନାହିଁ ଯେ ତୁମେ ମୋତେ ସେହି ଟଙ୍କାକୁ ମୋତେ ଦେଇ ଦେଇଛ ।

ଜଣେ ମୁତ୍‌ତକି ନିଜ ନଫ୍‌ସେ ଅମ୍ମାରାଃ (ଅର୍ଥାତ୍ ନିଜର ମନକୁ କୁକାର୍ଯ୍ୟ ଆଡ଼କୁ ଢ଼ଳିବା) ବିରୋଧରେ ଯୁଦ୍ଧକରି ନିଜର ଭାବନାକୁ ଲୁଚାଇଥାଏ ଓ ଗୋପନ ରଖେ କିନ୍ତୁ ଅଲ୍ଲାଃ ତାଲା ଏହି ଗୁପ୍ତ ଭାବନାକୁ ସର୍ବଦା ପ୍ରକାଶ କରିଦିଅନ୍ତି । ଯେପରି ଜଣେ ବଦ୍‌ମାସ କୌଣସି କୁକର୍ମରେ ଲିପ୍ତ ହୋଇ ମଧ ନିଜକୁ ଗୋପନରେ ରଖିବାକୁ ଚାହେଁ । ସେହିପରି ଜଣେ ମୁତ୍‌ତକି ଲୁଚିକରି ନମାଜ୍ ପାଠ କରିଥାଏ ଓ ଏ ଭୟ ମନରେ ରଖିଥାଏ ଯେ, କେହି ତାକୁ ନ ଦେଖନ୍ତୁ । ସଚ୍ଚା ମୁତ୍‌ତକି ଏକ ପ୍ରକାରର ପରଦା ଚାହିଁଥାଏ । ତକ୍‌ଓ୍ୱାର୍ ଅନେକ ସ୍ତର ରହିଛି କିନ୍ତୁ ସେ ଯାହା ହେଉ ତକ୍‌ଓ୍ୱା ନିମନ୍ତେ ତକ୍‌ଲୁଫ୍ (ଅର୍ଥାତ୍ ଦେଖାଣିଆ ଭାବ) ରହିଛି । ମୁତ୍‌ତକି ଯୁଦ୍ଧର ସମ୍ମୁଖୀନ ହୋଇଥାଏ କିନ୍ତୁ ସ୍ୱାଲେହ୍ ସେହି ଯୁଦ୍ଧରୁ ବାହାରି ଯାଏ । ଯେଉଁ ଭଳି ମୁଁ ଉଦାହରଣ ସ୍ୱରୁପ ଉପରେ ରିୟା(ଅର୍ଥାତ୍ ଆତ୍ମଗର୍ବ) ବିଷୟରେ ଚର୍ଚ୍ଚା କରିଛି, ଯାହା ସହିତ ମୁତ୍‌ତକି ଆଠ ପ୍ରହର ଯୁଦ୍ଧ କରିଥାଏ ।

### ଆତ୍ମଗର୍ବ ଓ ଉଦାରତା ମଧ୍ୟରେ ଯୁଦ୍ଧ

ବେଳେବେଳେ ରିୟା (ଅର୍ଥାତ୍ ଆତ୍ମଗର୍ବ) ଓ ହିଲମ୍ (ଅର୍ଥାତ୍ ଉଦାରତା) ମଧ୍ୟରେ ଯୁଦ୍ଧ ହୋଇଥାଏ । କେବେ ମଣିଷର କ୍ରୋଧ ଅଲ୍ଲାଃଙ୍କ ପୁସ୍ତକର ଖିଲାପ୍ ହୋଇଥାଏ । ଗାଳିଶୁଣି ତା ମନ ଉଦ୍‌ଗାରିତ/ ଯୋଶ୍ ହୋଇଥାଏ । (ଏପରିସ୍ଥଳେ) ତକ୍‌ଓ୍ୱା ତାଙ୍କୁ କ୍ରୋଧିତ ହେବାରୁ ବିରତ ରହିବାକୁ ଶିଖାଇଥାଏ । ଯେପରି ପବିତ୍ର କୋରାନ୍ ନିର୍ଦ୍ଦେଶ ଦେଇଛଇ: *ୱ ଇଜା ମର୍‌ରୁ ବିଲ୍ ଲଗ୍‌ଓ୍ୱେ ମର୍‌ରୁ କିରାମା* (ଫୁର୍‌କାନ୍ ୭୩) (ଅର୍ଥାତ୍ ସେମାନେ ନିରର୍ଥକ ବିଷୟର ପାର୍ଶ୍ୱ ଦେଇ ଯିବାବେଳେ (ସେଥିରେ ଅଂଶଗ୍ରହଣ ନକରି) ଭଦ୍ରଭାବେ ଚାଲିଯାଆନ୍ତି । ସେହିପରି ଅଧର୍ଯ୍ୟତା ସହିତ ତାକୁ ଅଧିକାଂଶ ସମୟ ଯୁଦ୍ଧ କରିବାକୁ ପଡ଼ିଥାଏ । ଅଧର୍ଯ୍ୟର ଅର୍ଥ ହେଉଛି ଏହା କି ତାକୁ ତକ୍‌ଓ୍ୱାର ମାର୍ଗରେ ଏତେ ମାତ୍ରାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ ଯେ ସେ ବହୁତ କଷ୍ଟରେ ତା ଲକ୍ଷ ସ୍ଥଳରେ ପଂହଚିଥାଏ । ତେଣୁ ଅଧର୍ଯ୍ୟ ହୋଇଯାଏ ଉଦାହରଣ ସ୍ୱରୁପ ଯଦି ଗୋଟିଏ କୂଅ ୫୦ ହାତ ଖୋଳାଯିବାର ଥାଏ (କିନ୍ତୁ ଯଦି ଦୁଇ ଚାରିହାତ ଖୋଳି ଛାଡ଼ିଦିଆଯାଏ ତେବେ ତାହା କେବଳ ଏକ ବଦ୍‌ଜନି ଅର୍ଥାତ୍ କୁବିଶ୍ୱାସ ହେବ ଏବେ ତକ୍‌ଓ୍ୱାର ସର୍ତ୍ତ ହେଉଛି ଏହାକି ଅଲ୍ଲାଃ ତାଲା ଯେଉଁ ସବୁ ନିର୍ଦ୍ଦେଶାବଳୀ ଦେଇଛନ୍ତି ତାହାକୁ ଶେଷ ପର୍ଯ୍ୟନ୍ତ ପହଂଚାଉ ଓ ଅଧର୍ଯ୍ୟ ନ ହେଉ

### ପୂଣ୍ୟ ମାର୍ଗରେ ଦୁଇଟି ଗୋଷ୍ଠିର ମୁବାରକ୍ ପଦକ୍ଷେପ

ପୁଣ୍ୟ ମାର୍ଗରେ ଦୁଇଟି ଗୋଷ୍ଠିର ମୁବାରକ୍ ପଦକ୍ଷେପ, ଗୋଟିଏ ହେଉଛି ଦୀନ୍‌ନୁଲ୍ ଅଜାଇଜ୍ ଯେଉଁମାନେ ମୋଟା ମୋଟା କଥା ଉପରେ ପରିଚାଳିତ ହୋଇଥାନ୍ତି ଉଦାହରଣ ସ୍ୱରୁପ ଶରିୟତ୍‌ର ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହୋଇ ମୋକ୍ଷ ପାଇଗଲେ । ଦ୍ୱିତୀୟ ଗୋଷ୍ଠି ହେଉଛି ସେହିମାନେ ଆଗକୁ ପାଦ ରଖିଲେ । କଦାପି ଥକିଲେ ନାହିଁ ଓ ଚାଲିବାକୁ ଲାଗିଲେ ଏପରି କି, ଲକ୍ଷ ସ୍ଥଳରେ ପହଂଚିଗଲେ କିନ୍ତୁ ଅସଫଳ ହେଲା ସେହି ଗୋଷ୍ଠି ଯିଏ ଦୀନ୍‌ନୁଲ୍ ଅଜାଇଜ୍ ଉପରେ ପାଦତ ରଖିଛି କିନ୍ତୁ ପୂଣ୍ୟର ଲକ୍ଷ୍ୟ ସ୍ଥଳକୁ ପାର କରିନାହିଁ । ସେ ନିଶ୍ଚିତରୂପେ ନାସ୍ତିକ ହୋଇଯାଆନ୍ତି । ଯେପରି କିଛି ଲୋକ କହିଥାନ୍ତି ଯେ ଆମେ ନମାଜ୍ ତ ପଢୁଛୁ, ଚିଲାକଶି ମଧ କରୁଛୁ କିନ୍ତୁ କିଛି ଲାଭ ହେଉନାହିଁ । ଯେମିତି ମନ୍‌ସୁର୍ ମସିହ୍ ନାମକ ଜଣେ ବ୍ୟକ୍ତି ବୟାନ୍ କଲେ ଯେ, ତାର ଇସାଇ ଧର୍ମ ଗ୍ରହଣ କରିବାର କାରଣ ଏହା ଥିଲା ଯେ, ସେ ମୁରଶିଦ୍‌ମାନଙ୍କ ପାଖକୁ ଗଲା, ଚିଲାକଶି କଲା କିନ୍ତୁ କିଛି ଲାଭ ମିଳିଲା ନାହିଁ ତେଣୁ ବଦ୍‌ଜନ୍ ହୋଇ ଇସାଇ ହୋଇଗଲା

### ସିଦିକ୍ ୱ ସବର୍ (ଅର୍ଥାତ୍ ସତ୍ୟତା ଓ ଧୈର୍ଯ୍ୟ)

ସୁତରାଂ ଯେଉଁ ଲୋକମାନେ ଅଧର୍ଯ୍ୟ ହୋଇଥାନ୍ତି ସେମାନେ ସଇତାନର କବଜାରେ ଆସିଯାଆନ୍ତି । ତେଣୁ ମୁତ୍‌ତକିଙ୍କୁ ଅଧର୍ଯ୍ୟ ସହିତ ମଧ ଯୁଦ୍ଧ ରହିଛି । ବୁସ୍‌ତାନରେ ଜଣେ ଆବିଦ୍ (ଅର୍ଥାତ୍ ଉପାସନା କାରୀ)ଙ୍କ ଚର୍ଚ୍ଚା କରାଯାଇଛି ଯେ, ଯେତେବେଳେ ସେ ଉପାସନା କରେ ସେତେବେଳେ ହାତିଫ୍ ଏହି ବାଣୀ ଶୁଣାଇଥାଏ ଯେ, ତୁ ହେଉଛୁ ମର୍‌ଦୁଦ୍ ଏବଂ ମଖ୍‌ଜୁଲ୍ (ଅର୍ଥାତ୍ ତୁମର ପ୍ରାର୍ଥନା ଶୁଣାଯିବ ନାହିଁ) । ଥରେ ଜଣେ ଶିଷ୍ୟ ଏହି ସବ୍ଦକୁ ଶୁଣିଲା ଓ କହିଲା ଯେ, ଏବେ ତା ନିଷ୍ପତି ହୋଇଗଲା ବର୍ତମାନ ମୁଣ୍ଡ ପିଟିବାରେ କଣ ଲାଭ । ସେ ବହୁତ କାନ୍ଦିକରି କହିଲା ଯେ ମୁଁ ଏହି ସ୍ଥାନକୁ ଛାଡ଼ି କୁଆଡ଼େ ଯିବି ଯଦି ଅଭିଶପ୍ତ ତେବେ ଅଭିଶପ୍ତ ହିଁ ଠିକ୍ । ଗନିମତ୍ ଯେ ମୋତେ ଅଭିଶପ୍ତ କୁହାଯାଉଛି ଏବେ ଏ କଥା ତା'ର ଶିଷ୍ୟ ଶୁଣୁଥିଲା ଯେ, ଆବାଜ୍ ଆସିଲା ତୁ ମକ୍‌ବୁଲ୍ ଅର୍ଥାତ୍ ଗ୍ରହଣୀୟ । ସୁତରାଂ ଏହା ସବୁ ସତ୍ୟତା ଓ ଧୈର୍ଯ୍ୟର ଫଳ ଥିଲା ଯାହା ମୁତ୍‌ତକି ନିକଟରେ ରହିବା ସର୍ତ୍ତ ଅଟେ ।

*(ମଲ୍‌ଫୁଜାତ୍ ଖଣ୍ଡ-୧ ପୃ-୧୪ ରୁ ୧୬)* .


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୭ର ଅବଶିଷ୍ଟାଂଶ ......*

ଚାର୍ଜ ସେରିନାମ୍ ଦକ୍ଷିଣ ଆମେରିକାଙ୍କ ମା'ଥିଲେ ଓ ଶେଖ୍ ମୁଜାଫର୍ ଅହେମଦ୍ ସାହେବଙ୍କ ପତ୍ନୀ ଥିଲେ । ତାଙ୍କର ଦେହାନ୍ତ ୧ ଫେବୃୟାରୀ ଦିନ ୭୪ ବର୍ଷ ବୟସରେ ହେଲା । *ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ୍*

ତାଙ୍କ ବଂଶରେ ଅହେମଦୀୟତ୍ ତାଙ୍କ ଜେଜେ ବାପା ମୋହତରମ୍ ଶେଖ୍ ମୁହମ୍ମଦ ସୁଲ୍ତାନ ସାହେବଙ୍କ ଜରିଆରେ ଆସିଥିଲା ଯେ ୧୮୯୭ ମସିହାରେ ୨୪ ବଷୟ ବୟସରେ ବୟତ କରିବାର ସୌଭାଗ୍ୟ ପାଇଥିଲେ । ମର୍‌ହୁମାଙ୍କ ବିବାହ ୨୯ ଅଗଷ୍ଟ ୬୪ ମସିହାରେ ହୋଇଥିଲା ସାରା ଜିବନ ସେ ଜଣେ ଉତମ ସ୍ତ୍ରୀ ରୂପେ ଦିନ କାଟିଛନ୍ତି ସିମିତ ଆମଦାନୀ ହେବା ସ୍ୱତେ ମଧ୍ୟ ସେ ନା କେବଳ ନିଜର ବଡ଼ କୁଟୁମ୍ବର ଦେଖାଶୁଣା କଲେ ବରଂ ନିଜ ଦିଅର ଓ ନଣନ୍ଦମାନଙ୍କର ବିବାହ ମଧ୍ୟ କରାଇଲେ । ସର୍ବଦା ଅନ୍ୟମାନଙ୍କ ଆରାମକୁ ନିଜର ଆରାମ ଉପରେ ଅଗ୍ରାଧିକାର ଦେଉଥିଲେ । ନମାଜ ଓ ରୋଜା ନିୟମିତ ପାଠ କରନ୍ତି ବହୁତ ଦୁଆ କରୁଥିବା ବ୍ୟକ୍ତି ଥିଲେ । ବିନମ୍ର ବ୍ୟକ୍ତି ଥିଲେ । ମେଳାପି ବ୍ୟକ୍ତି ଥିଲେ । ସାଧା ମିଜାଜର ବ୍ୟକ୍ତି ଥିଲେ । ଗରିବମାନଙ୍କ ଦେଖା ଶୁଣା କରିବା ବାଲା ଓ ପୂଣ୍ୟବତି ଓ ନିଷ୍ଠାବାନ ମହିଳା ଥିଲେ । ନିୟମିତ ପବିତ୍ର କୋରାନ ପାଠ କରୁଥିଲେ ଓ ଅନେକ ଅହେମଦି ଓ ଅଣ ଅହେମଦି ଝିଅପିଲାମାନଙ୍କୁ ପବିତ୍ର କୋରାନ ନାଜେରା ପଢ଼ାଇବାର ସୌଭାଗ୍ୟ ପାଇଛନ୍ତି । ପବିତ୍ର କୋରାନ ସହିତ ବହୁତ ପ୍ରେମଭାବ ଥିଲା ନିଜର ଜଣେ ଝିଅ ଓ ଦୁଇ ପୁଅଙ୍କୁ ମଧ୍ୟ ନିଜ ଖର୍ଚ୍ଚରେ ହାଫିଜ୍‌କୁ ଡାକି ପବିତ୍ର କୋରାନ ହିଫ୍‌ଜ ଅର୍ଥାତ୍ ସମ୍ପୂର୍ଣ୍ଣରୂପେ କଣ୍ଠସ୍ଥ କରାଇଲେ ।

ଦୁନିଆଁପୁରରେ ସଦର୍ ଲଜ୍‌ନା ବ୍ୟତୀତ ସେକ୍ରେଟାରୀ ମାଲ୍ ଏବଂ ସେକ୍ରେଟାରୀ ଇଶାଅତ୍ ରୂପେ ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଛନ୍ତି । ଖିଲାଫତ୍ ସହିତ ବହୁତ ଭକ୍ତି ରଖୁଥିଲେ । ସେ ମୁସିୟା ଥିଲେ । ସେ ତାଙ୍କ ଅନ୍ତେ ତାଙ୍କ ସ୍ୱାମୀ, ଦୁଇଜଣ ଝିଅ ଓ ପାଂଚଜଣ ପୁଅ ଛାଡ଼ି ଯାଇଛନ୍ତି । ତାଙ୍କର ଦୁଇଜଣ ପୁତ୍ର ୱାକିଫେ ଜିନ୍ଦେଗି ଅଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଲଇକ୍ ଅହମଦ ମୁଶ୍‌ତାକ ସାହେବ ଦକ୍ଷିଣ ଆଫ୍ରିକାରେ ସୁରେନାନ୍ ଇଲାକାରେ ମୋବଲିଗ୍ ରୂପେ ସେବା କରିବାର ସୌଭାଗ୍ୟ ପାଉଛନ୍ତି । ମା'ଙ୍କ ଦେହାନ୍ତ ସମୟରେ ସେ ପାକିସ୍ତାନ ମଧ୍ୟ ଯାଇ ପରିନଥିଲେ । ତାଙ୍କର ଦ୍ୱିତୀୟ ପୁତ୍ର ମୁହମ୍ମଦ୍ ୱଲିଦ୍ ଅହମଦ୍ ମୁରବୀ ସିଲ୍‌ସିଲା ପାକିସ୍ତାନରେ ସେବାରତ । ତାଙ୍କର ଜଣେ ଯ୍ୱାଇଁ ମୁଜଫର ଅହମଦ ଖାଲିଦ୍ ସାହେବ ମୁରବୀ ସିଲ୍‌ସିଲା ଅଛନ୍ତି ଯିଏ ପାକିସ୍ତାନର ରବୱା ଠାରେ ଇସ୍‌ଲାହ ୱ୍ ଇର୍‌ଶାଦ ମର୍କଜିୟାରେ ଖିଦ୍‌ବଦ କରୁଛନ୍ତି । ଅଲ୍ଲାଃ ତାଲା ମର୍‌ହୁମାଙ୍କ ଉପରେ ଦୟା ପରବସ ହୋଇ ତାଙ୍କ ପଦ ମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ । ତାଙ୍କ ପିଲାମାନଙ୍କୁ ତାଙ୍କ ପୂର୍ଣ୍ଣ୍ୟ କାର୍ଯ୍ୟଗୁଡ଼ିକ ଜାରି ରଖିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ତାଙ୍କ ସପକ୍ଷରେ ଥିବା ତାଙ୍କର ଦୁଆ ଗୁଡ଼ିକୁ କବୁଲ୍ କରନ୍ତୁ ।

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ଯେତେବେଳେ ଆପଣ ର:ଅଙ୍କୁ ଯୁବକ ଅବସ୍ଥାରେ ହିଁ ଅଲ୍ଲାଃ ତାଲା ଖିଲାଫତ୍‌ର ପୋଷାକ ପିନ୍ଧାଇଲେ । *(ସ୍ୱାନେହ୍ ଫଜ୍‌ଲେ ଉମର ଖଣ୍ଡ-୧ ପୃ-୧୫୧)*

ହଜ୍‌ରତ୍ ସାହାବଜାଦା ମୀର୍ଜା ମେହମୁଦ୍ ଅହମଦ୍ ସାହେବ ର:ଅ ''ତସ୍‌ହିଜୁଲ୍ ଅଜ୍‌ହାନ୍'' ପତ୍ରିକାରେ ନିଜର ଗୋଟିଏ ପ୍ରାର୍ଥନା ସମ୍ବନ୍ଧରେ ଚର୍ଚ୍ଚା କରିଛନ୍ତି ଯାହା ସେ ୧୯୦୯ ମସିହାରେ ଲେଖିଛନ୍ତି । ଏହି ବିଷୟରେ ରମ୍‌ଜାନ୍‌ର ବରକତ୍ ସମ୍ବନ୍ଧରେ ଚର୍ଚ୍ଚା କରିବାପରେ ସେ ଲେଖୁଛନ୍ତି କି: ''ମୁଁ ତଶ୍‌ହିଜୁଲ୍ ଅଜ୍‌ହାନ୍ ପତ୍ରିକା ପାଇଁ ମେଜ ଉପରେ ଗୋଟିଏ ବି ବିଷୟ ବସ୍ତୁ ଖୋଜୁଥିଲି ସେତେବେଳେ ମୋତେ ଗୋଟିଏ କାଗଜ ମିଳିଲା ଯାହା ମୋର ଗୋଟିଏ ଦୁଆ ଥିଲା ଯାହାକୁ ମୁଁ ପଛ ରମ୍‌ଜାନ୍‌ରେ କରିଥିଲି । ଏହି ଦୁଆଟି ପଢ଼ିବାରେ ମୋତେ ବହୁତ ଜୋର୍‌ରେ ଏ ତ୍‌ହରିକ୍ ହେଲା କି, ନିଜ ସମ୍ପ୍ରଦାୟର ଲୋକମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବି କିଏ ଜାଣେ କାହାର ପ୍ରାର୍ଥନା ଶୁଣାଯିବ ଓ ଈଶ୍ୱରଙ୍କର କରୁଣା କେତେବେଳେ ଆମ ଜମାତ୍ ଉପରେ ବିଶେଷରୂପେ ଅବତରଣ ହେବ । ମୁଁ ନିଜର ହୃଦୟର ବେଦନାକୁ ପ୍ରକାଶ କରିବାପାଇଁ ସେହି ଦୁଆଟିକୁ ଏଠାରେ ନକଲ କରିଦେଉଛି ଯେ, କାଳେ କୌଣସି ପୂର୍ଣ୍ଣ ପ୍ରକୃତି ଲୋକର ହୃଦୟରେ ଉତ୍ସାହ ସୃଷ୍ଟି ହେବ ଫଳତଃ ସେ ନିଜ ପାଳନ କର୍ତାଙ୍କ ନିକଟରେ ନିଜ ପାଇଁ ଓ ଜମାତ୍ ଅହମଦୀୟା ପାଇଁ ଦୁଆ କରିବାରେ ଲାଗିଯିବ । ଯାହା ହେଉଛି ମୋର ଅସଲ ଉଦ୍ଦେଶ୍ୟ ଓ ସେହି ଦୁଆଟି ହେଉଛି ଏପରି ''ହେ ମୋର ମାଲିକ୍ ମୋ ଶକ୍ତିଶାଳି ଈଶ୍ୱର । ମୋ ପ୍ରୀୟ ମୌଲା ଓ ମୋ ପ୍ରୀୟ ମାର୍ଗଦର୍ଶକ । ହେ ପୃଥିବୀ, ଆକାଶର ସୃଷ୍ଟିକର୍ତା । ହେ ପାଣି ଓ ପବନର ପରିଚାଳକ । ହେ ମୋର ଈଶ୍ୱର ଯିଏ ଆଦମ୍‌ଙ୍କଠାରୁ ନେଇ ହଜ୍‌ରତ୍ ଇସାଙ୍କ ପର୍ଯ୍ୟନ୍ତ ଲକ୍ଷାଧିକ ହାଦି ଓ କୋଟିକୋଟି ମାର୍ଗଦର୍ଶକଙ୍କୁ ଏ ସଂସାରର ହିଦାୟତ୍ ନିମନ୍ତେ ପ୍ରେରଣ କରିଛି । ହେ ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବା ଅସ୍ତିତ୍ୱ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରି ମହାନ୍ ରସୁଲ୍‌ଙ୍କୁ ପ୍ରେରଣ କରିଛନ୍ତି । ହେ ସେହି କରୁଣାମୟ ଯିଏ ମସିହ୍‌ଙ୍କ ସଦୃଶ ମାର୍ଗଦର୍ଶକଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ପ୍ରେରଣ କଲେ । ହେ ଜ୍ୟୋତିର ସୃଷ୍ଟିକାରି, ହେ ଅନ୍ଧାରର ଧ୍ୱସଂକାରୀ! ତୁମ ନିକଟରେ ମୁଁ ହିଁ କେବଳ ତୁମ ନିକଟରେ ମୋ ପରି ନିଚ ଭକ୍ତ ନତମସ୍ତକ ହୋଇ ନିବେଦନ କରୁଛି ଯେ, ମୋ ଡାକ ଶୁଣ ଓ ତାକୁ ଗ୍ରହଣ କର କାରଣ ତୁମର ପ୍ରତିଶୃତି ହିଁ ମୋତେ ସାହାସ ଦେଇଛି ଯେ, ମୁଁ ତୁମ ସମ୍ମୁଖରେ କିଛି କହିବାପାଇଁ ସାହାସ ବାନ୍ଧିଛି । ମୁଁ କିଛି ନ ଥିଲି ତୁମେ ମୋତେ ଗଢ଼ିଲ । ମୁଁ ଶୁନ୍ୟରେ ଥିଲି ତୁମେ ମୋତେ ଅସ୍ତିତ୍ୱ ଦେଲ ମୋ ଲାଳନପାଳନ ପାଇଁ ଚାରି ତତ୍ୱ ବନାଇଲ ଓ ମୋର ଖବର ନେବାପାଇଁ ମନୁଷ୍ୟଙ୍କୁ ଜନ୍ମଦେଲ ଯେବେ ମୁଁ ନିଜ ଆବଶ୍ୟକତାକୁ ବର୍ଣ୍ଣନା ମଧ୍ୟ କରିପାରୁନଥିଲି । ତୁମେ ମୋ ଉପରେ ଏପରି ମନୁଷ୍ୟକୁ ନିୟୋଜିତ କଲ ଯିଏ ମୋ ବିଷୟରେ ନିଜେ ଚିନ୍ତା କରିଥିଲେ । ପୁଣି ମୋତେ ଉନ୍ନତି ଦେଲ ଓ ମୋ ରିଜିକ୍‌କୁ ବ୍ୟାପକ କରିଦେଲ । ହେ ମୋର ଜୀବନ! ହଁ ହେ ମୋର ଜୀବନ! ତୁମେ ଆଦମ୍‌କୁ ମୋ ବାପା ହେବା ପାଇଁ ନିର୍ଦ୍ଦେଶ ଦେଲ ଓ ହୱାକୁ ମୋ ମା' ରୂପେ ନିୟୋଜିତ କଲ ଏବଂ ନିଜ ଗୁଲାମମାନଙ୍କ ମଧ୍ୟରୁ ଗୋଟିଏ ଗୁଲାମକୁ ଯେ ତୋ ନିକଟରେ ସମ୍ମାନର ଦୃଷ୍ଟିରେ ଦେଖାଯାଉଥିଲା, ତାଙ୍କୁ ଏଥିପାଇଁ ନିୟୋଜିତ କଲ ଯେ, ସେ ମୋ'ଠାରୁ ଅବିବେକି ଓ ମୂର୍ଖ ଓ ଅଳ୍ପ ବୁଦ୍ଧି ସମ୍ପନ୍ନ ନିମନ୍ତେ ତୁମ ଦରବାରରେ ସିପାରିଶ କରୁ ଓ ତୁମ କରୁଣାକୁ ମୋ ପାଇଁ ହାସଲ କରୁ । ମୁଁ ପାପୀ ଥିଲି ତୁମେ ତାହା ସବୁ ଘୋଡ଼ାଇଦେଲ । ମୁଁ ଖତାକାର୍ ଅର୍ଥାତ୍ ଦୋଷୀ ଥିଲି ତୁମେ ଗଫାରି ଅର୍ଥାତ୍ ମୋ ଦୋଷଦୁର୍ବଳତାକୁ ଲୁଚାଇବାରେ କାମ ନେଲ । ପ୍ରତ୍ୟେକ ପ୍ରକାର ଦୁଃଖ ଓ କଷ୍ଟ ସମୟରେ ମୋ ସାଥି ଦେଲ । ଯେତେବେଳେ ମଧ୍ୟ ମୋ ଉପରେ ବିପତି ପଡ଼ିଛି ତୁମେ ମୋତେ ସାହାଯ୍ୟ କରିଛ । ଯେତେବେଳେ ମୁଁ ପ୍ରଥଭ୍ରଷ୍ଟତା ଆଡ଼କୁ ଯାଇଛି ତୁମେ ମୋ ହାତକୁ ଧରି ନେଇଛ । ମୋର ଦୁଷ୍ଟାମି ସତ୍ୱେ ମଧ୍ୟ ତୁମେ ତାକୁ ଅଣଦେଖା କରିଛ ଓ ମୁଁ ଦୁରେଇଯିବା ସତ୍ୱେ ମଧ୍ୟ ତୁମେ ମୋ ନିକଟତର ହୋଇଛ । ମୁଁ ତୁମ ନାମଠାରୁ ଗାଫିଲ୍ ଥିଲି ଅର୍ଥାତ୍ ତୁମକୁ ଭୁଲି ଯାଇଥିଲି କିନ୍ତୁ ତୁମେ ମୋତେ ମନେ ରଖିଛ । ଯେତେବେଳେ ମା' ବାପା, ନିକଟ ସମ୍ପର୍କୀୟ ଏବଂ ବନ୍ଧୁବାନ୍ଧବଙ୍କ ସାହାଯ୍ୟରୁ ବଂଚିତ ହେଲି ସେତେବେଳେ ତୁମେ ନିଜ ଶକ୍ତିର ହାତ ଦେଖାଇ ମୋତେ ସାହାଯ୍ୟ କରିଛ । ମୁଁ ଯେବେ ଦୁଃଖରେ ପଡ଼ିଛି ତୁମେ ମୋତେ ଖୁସି କରାଇଛ ମୋ ହୃଦୟ ଯେତେବେଳେ ମଳିନ ପଡ଼ିଛି ସେତେବେଳେ ତୁମେ ମୋତେ ସତେଜ କରିଛ । ମୁଁ ଯେତେବେଳେ କାନ୍ଦିଛି ତୁମେ ମୋତେ ହସାଇଛ । କିଏ ଥିବ ଯିଏ ବିଚ୍ଛେଦରେ ତଡ଼ପୁଥିବ, ମୋତେ ତ ତୁମେ ନିଜେ ହିଁ ଚେହେରା ଦେଖାଇଛ । ତୁମେ ମୋତେ ପ୍ରତିଶୃତି ଦେଇ ପୁରଣ କରିଛି ଓ ଏପରି କଦାପି ହୋଇନାହିଁ ଯେ ତୁମେ ନିଜର ପ୍ରତିଶୃତିକୁ କେବେ ପୁରଣ କରିବାରେ ଅବହେଳା କରିଥିବ । ମୁଁ ତୁମ ସହିତ ପ୍ରତିଶୃତି କରି ପୁଣି ଭାଙ୍ଗିଦେଇଛି କିନ୍ତୁ ତୁମେ ତା'ର କିଛି ଖିୟାଲ କରିନାହଁ । ମୁଁ ମୋ ଠାରୁ ଅଧିକ ପାପି ଆଉ କାହାକୁ ପାଉନାହିଁ ଓ ମୁଁ ଜାଣୁନାହିଁ ଯେ ମୋ ଠାରୁ ଅଧିକା ଦୟା ତୁମେ ଆଉ କେଉଁ ପାପି ଉପରେ କରିଥିବ । ତୁମ ପରି ଦୟାଳୁ ମାନସପଟରେ ଆଉ କେହି ନାହାନ୍ତି ।'' ଅଲ୍ଲାଃ ତାଲାଙ୍କୁ କହୁଛନ୍ତି ''ତୁମ ପରିକା ଦୟାବାନ ଏ ମାନସପଟରେ ଆସିପାରିବନାହିଁ । ମୁଁ ଯେତେବେଳେ ତୁମ ନିକଟରେ ଆସି ବିଳାପ କରିଛି ସେତେବେଳେ ତୁମେ ମୋ କଥାକୁ ଶୁଣି ଗ୍ରହଣ କରିଛ । ମୁଁ ଏପରି କେବେ ଜାଣିନାହିଁ ଯେ, ତୁମେ କେବେ ମୋ ବ୍ୟାକୁଳର ପ୍ରାର୍ଥନାକୁ ରଦ୍ଦ କରିଥିବ । ସୁତରାଂ ହେ ମୋର ଖୁଦା! ମୁଁ ଅତ୍ୟନ୍ତ ଦରଦ ହୃଦୟତାର ସହିତ ଓ ସଚ୍ଚା ତଡ଼ପରେ ତୁମ ଗୋଚରେ ପଡୁଛି ଓ ନତମସ୍ତକ ହେଉଛି ଓ ନିବେଦନ କରୁଛି ଯେ, ମୋ ପ୍ରାର୍ଥନାକୁ ଶୁଣ ଓ ମୋ ଡାକ ପର୍ଯ୍ୟନ୍ତ ପହଂଚ । ହେ ମୋର ପବିତ୍ରମୟ ଈଶ୍ୱର! ମୋ କୌମ୍ (ଅର୍ଥାତ୍ ମୋ ସମ୍ପ୍ରଦାୟ) ନିଶେଷ ହେଉଅଛି ତା'କୁ ଧ୍ୱସଂ ମୁଖରୁ ବଂଚାଅ ଯଦି ସେମାନେ ଅହେମଦୀ ବୁଲାଉଛନ୍ତି, ତେବେ ତାଙ୍କ ସହିତ ମୋର କଣ ସମ୍ପର୍କ ଯେତେ ପର୍ଯ୍ୟନ୍ତ ତାଙ୍କର ହୃଦୟ ଓ ଛାତି ସଫା ନ ହୋଇଛି ଓ ସେମାନେ ତୁମ ପ୍ରେମରେ ମଜ୍ଜି ନ ଯାଇଛନ୍ତି ମୋତେ ତାଙ୍କଠାରୁ କଣ ଗରଜ? ସୁତରାଂ ହେ ମୋର ପାଳନକର୍ତା! ନିଜ ରେହମାନିୟତ୍ ଅର୍ଥାତ୍ ସଦା କରଣାମୟ ହେବାର ବିଶେଷ ଗୁଣ ଏବଂ ରହିମିୟତ୍‌ର ବିଶେଷ ଗୁଣକୁ ଜୋଶ୍‌ରେ ଆଣ । ଓ ସେମାନଙ୍କୁ ପବିତ୍ର କରିଦିଅ । ସାହାବମାନଙ୍କ ସଦୃଶ ଉତ୍ସାହ ସେମାନଙ୍କଠାରେ ସୃଷ୍ଟି ହେଉ । ସେମାନେ ତୁମ ଦୀନ୍ ପାଇଁ ବ୍ୟତିବ୍ୟସ୍ତ ହୋଇଯାନ୍ତୁ । ସେମାନଙ୍କର କାର୍ଯ୍ୟ ସେମାନଙ୍କ କଥା ତୁଳନାରେ ଅଧିକା ଉତମ ଓ ସ୍ୱଷ୍ଟ ହେଉ ସେମାନେ ତୁମ ପ୍ରୀୟ ଚେହେରା ଉପରେ ଉତ୍ସଗ ହୁଅନ୍ତୁ ଓ ନବି କରିମ୍ ସ:ଆ:ସଙ୍କ ଉପରେ ଫିଦା ହୁଅନ୍ତୁ । ତୁମ ମସିହ୍‌ଙ୍କ ଦୁଆ ସେମାନଙ୍କ ସପକ୍ଷ୍ୟରେ ଗୃହିତ ହେଉ ଓ ତାଙ୍କ ପବିତ୍ର ଓ ସତ୍‌ଶିକ୍ଷା ସେମାନଙ୍କ ହୃଦୟରେ ଘର କରି ରହୁ । ହେ ମୋର ଖୁଦା! ମୋ କୌମ୍‌କୁ ସବୁ ପ୍ରକାରର ବିପଦଆପଦ ଓ ଦୁଃଖକଷ୍ଟରୁ ବଂଚାନ୍ତୁ ଓ କିସମ୍ କିସମ୍‌ର ବିପଦରୁ ତାଙ୍କୁ ସୁରକ୍ଷା ଦିଅ । ସେମାନଙ୍କ ମଧ୍ୟରେ ବଡ଼ବଡ଼ ବୁଜୁର୍ଗ ଜନ୍ମକରନ୍ତୁ । ଏ ଗୋଟିଏ ଜାତି ହୋଇଯାନ୍ତୁ ଯାହାକୁ ତୁମେ ପସନ୍ଦ କରୁଥିବ ଏବଂ ଏ ଗୋଟିଏ ଗୋଷ୍ଠି ହୋଇଯାନ୍ତୁ ଯାହାଙ୍କୁ ତୁମେ..... ନିଜ ପାଇଁ ପ୍ରମୁଖ କରିନିଅ । ସଇତାନ୍‌ର ହାତ ପାହାନ୍ତାରୁ ସୁରକ୍ଷିତ ରୁହନ୍ତୁ ଓ ସଦା ସର୍ବଦା ଫରିସ୍ତାମାନଙ୍କର ଅବତରଣ ତାଙ୍କ ଉପରେ ହୋଇଚାଲୁ । ଏ କୌମ୍‌କୁ ଦୀନ୍ ଓ ଦୁନିଆରେ ମୁବାରକ୍ କର, ମୁବାରକ୍ କର । ଆମିନ୍ ସୁମ୍ମା ଆମିନ୍ ୟା ରବ୍‌ବଲ୍ ଆଲ୍‌ମିନ୍ *ସ୍ୱାନେହ୍ ଫଜ୍‌ଲେ ଉମର ଖଣ୍ଡ-୧ ପୃ-୩୦୯ ରୁ ୩୧୨)*

ଯେପରିକି ମୁଁ କହିଲି ଯେ, ଏହି ଦୁଆଟି ୧୯୦୯ ମସିହାର । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱଲଙ୍କ ଖିଲାଫତ୍ ସମୟରେ ଯେତେବେଳେ ଆପଣ ର:ଅଙ୍କ ବୟସ କେବଳ ୨୦ ବର୍ଷ ଥିଲା । ସେତେବେଳେ ମଧ୍ୟ ଆପଣ ର:ଅଙ୍କ ହୃଦୟରେ ଦିନ୍ ପାଇଁ ଓ କୌମ୍ ପାଇଁ ଏକ ଦରଦ ଥିଲା । ଅଲ୍ଲାଃ ତାଲା ହଜାର ହଜାର କରୁଣା ଆପଣଙ୍କ ଆତ୍ମା ଉପରେ ଅବତୀର୍ଣ୍ଣ କରନ୍ତୁ ଯିଏ ଆଁ ହଜ୍‌ରତ୍‌ଙ୍କ ଦୀନ୍‌କୁ ପ୍ରଚାର ପ୍ରସାର କରିବାପାଇଁ ଓ ଆପଣ ସ:ଆ:ସଙ୍କ ସଚ୍ଚା ଦାସ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍‌ଙ୍କ ଉଦ୍ଦେଶ୍ୟକୁ ପୁରଣ କରିବାପାଇଁ ଦିନରାତି ଏକ କରି ଓ ନିଜ ପ୍ରତିଶୃତିକୁ ପୁରଣ କରି ଅଲ୍ଲାଃ ତାଲାଙ୍କ ଗୋଚରେ ହାଜିର ହେଲେ । ଆମକୁ ଆପଣ ର:ଅଙ୍କ ସେହି ଦରଦ ଭରା ଦୁଆକୁ ବୁଝିବା, କରିବା ଏବଂ ଅହେମଦୀ ହେବାର ଉଦ୍ଦେଶ୍ୟକୁ ପୁରଣ କରିବା ପାଇଁ ଅଲ୍ଲାଃ ତାଲା ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

# ଖୁତ୍‌ବା ଜୁମା

''ରସୁଲୁଲ୍ଲାଃ ! ମୋର ଯାହା କିଛି ଅଛି ତାହା ହଜୁର ସ:ଆ:ସଙ୍କର ଏବଂ ଅଲ୍ଲାଃଙ୍କ ରାଣ ! ଯେଉଁ ଜିନିଷ ଅପେଣ ସ:ଆ:ସ ମୋ ଠାରୁ ଗ୍ରହଣ କରୁଛନ୍ତି ତାହା ମୋତେ ସେ ବସ୍ତୁର ତୁଳନାରେ ଯାହା ମୋ ନିକଟରେ ରହିଯାଇଥାଏ ଅଧିକ ଖୁସି ଦେଇଥାଏ''

ଆଜ୍ଞାବହତା, ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦିରି ସାହାବାଗଣ

ହଜ୍‌ରତ୍ ଖାଲିଦ ବିନ୍ କୈସ୍, ହଜ୍‌ରତ୍ ହାରିସ୍ ବିନ୍ ଖଜମାଃ, ହଜ୍‌ରତ୍ ଖୁନୈସ୍ ବିନ୍ ହୁଜାଫାଃ, ହଜ୍‌ରତ୍ ହାରିସାଃ ବିନ୍ ନୁମାନ୍ ଓ ହଜ୍‌ରତ୍ ବଶିର୍ ବିନ୍ ସାଆଦ୍ ର:ଅଙ୍କ ପବିତ୍ର ଜୀବନିର ହୃଦୟସ୍ପର୍ଶୀ ଚର୍ଚ୍ଚା

ପବିତ୍ର କୋରାନ୍‌ର ଶିକ୍ଷା ମୁତାବକ ହଜ୍‌ରତ୍ ମୁସଲେହ ମଉଦ୍ ର:ଅଙ୍କ ନିତିବାଣୀର ଆଲୋକରେ ହିବା ଓ ଓ୍ୱରାସତ୍ ଅର୍ଥାତ୍ ଉତରାଧିକାରି ମଧ୍ୟରେ ଫରକ ଓ ଏହାର କାରଣ ସମ୍ବନ୍ଧରେ ବର୍ଣ୍ଣନା

ଏହି ନିର୍ଦ୍ଦେଶ ଛୋଟ ଛୋଟ ଜିନିଷ ସମ୍ବନ୍ଧରେ ନୁହେଁ ବରଂ ବଡ଼ବଡ଼ ଜିନିଷ ସମ୍ବନ୍ଧିତ ଅଛି ଯେଉଁଥିରେ ବିଶେଷ ବ୍ୟବହାର କରିବା ଦ୍ୱାରା ଆପୋଷରେ ବିଦ୍ୱେଷଭାବ ଓ ସତୃତା ସୃଷ୍ଟି ହେବାର ଆଶଙ୍କା ହୋଇପାରେ

ଓ୍ୱସିୟତ୍ ଏବଂ ହିବା ନିଜ ସନ୍ତାନମାନଙ୍କ ପାଇଁ କରାଯାଏ ନାହିଁ ବରଂ ଦୀନ୍ ପାଇଁ ହୋଇଥାଏ ଓ ଏହା ବୈଦ୍ଧ

ସକିଫାଃ ବନୁ ସାଇଦା ଏଠାରେ ହଜ୍‌ରତ୍ ଅବୁବକର୍ ସିଦିକ୍ ର:ଅଙ୍କ ଖଲିଫା ଚୟନ ହେବାର ଘଟଣା ବଳୀ ସମ୍ବନ୍ଧରେ ସଂକ୍ଷିପ୍ତ ଚର୍ଚ୍ଚା

ଏହି ସମସ୍ତ କାରବାଇ ଦ୍ୱାରା ଅନୁମାନ ହେଉଛି ଯେ, ଅନ୍‌ଶାର୍ ଓ ମୁହାଜିର୍‌ମାନେ ସମସ୍ତେ ଇସ୍‌ଲାମ୍‌ର ହିତ ପାଇଁ ଚିନ୍ତା କରୁଥିଲେ

ବଙ୍ଗଳାଦେଶରେ ଦୁଷ୍ଟ ପ୍ରକୃତିର ବିରୋଦ୍ଧିମାନଙ୍କ ତରଫରୁ ଅହେମଦୀମାନଙ୍କ ଘରବାଡ଼ି ଓ ଦୋକାନ ଉପରେ ଆକ୍ରମଣ ତେଣୁ ଦୁଆ କରିବା ପାଇଁ ବିଶେଷ ତହ୍‌ରିକ

ଖିଲାଫତ୍ ସହିତ ଭକ୍ତିଭାବ ପୂର୍ଣ୍ଣ ସମ୍ପର୍କ ରଖିଥିବା, ନମାଜ୍ ରୋଜା ନିୟମିତ ପାଠ କରୁଥିବା, ଦୁଆଗୁ ଅର୍ଥାତ୍ ସର୍ବଦା ପ୍ରାର୍ଥନା କରୁଥିବା, ବିନମ୍ର ମହିଳା ମୋକରମା ସିଦିକା ବେଗମ୍ ସାହିବା ଅଫ୍ ଦୁନିୟାପୁରଙ୍କ ଦେହାନ୍ତରେ ତାଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଜନାଜାଃ ଗାଏବ୍ ପାଠ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୫ ଫେବୃଆରୀ ୨୦୧୯ ଅନୁଯାୟୀ ୧୫ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ଆଜି ଯେଉଁ ସାହାବା ମାନଙ୍କର ଏଠାରେ ମୁଁ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରୁ ପ୍ରଥମ ନାମ ହେଉଛି ହଜ୍‌ରତ୍ ଖାଲିଦ୍ ବିନ୍ କୈସ୍ । ହଜ୍‌ରତ୍ ଖାଲିଦ୍‌ଙ୍କ ସମ୍ବନ୍ଧ ଖଜ୍‌ରଜ କବିଲାର ଶାଖା ବନୁବୟାଜା ସହିତ ଥିଲା । ତାଙ୍କ ବାପା କୈସ୍ ବିନ୍ ମାଲିକ ଥିଲେ ଏବଂ ତାଙ୍କ ମା'ଙ୍କ ନାମ ଥିଲା ସଲ୍‌ମା ବିନ୍‌ତ ହାର୍‌ସାଃ । ତାଙ୍କ ସ୍ତ୍ରୀଙ୍କ ନାମ ଉମ୍ମେ ରବିଇ ଥିଲା ତାଙ୍କ ଠାରୁ ଅବଦୁର୍ ରହମାନ୍ ନାମକ ଏକ ପୁତ୍ର ଥିଲା । ଇବନେ ଇସ୍‌ହାକଙ୍କ ମତରେ ସେ ୭୦ ଜଣ ଅନ୍‌ସାରି ସାହାବାମାନଙ୍କ ସହିତ ବୟତ ଅକ୍‌ବାରେ ଯୋଗ ଦେଇଥିଲେ । ହଜ୍‌ରତ୍ ଖାଲିଦ୍ ର:ଅ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ଯୋଗଦେଇଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୪୯-୪୫୦, ଖାଲିଦ୍ ବିନ୍ କୈସ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

ଦ୍ୱିତୀୟ ସାହାବି ଜଣଙ୍କ ହେଉଛନ୍ତି ହଜ୍‌ରତ୍ ହାରିସ୍ ବିନ୍ ଖଜାମାଃ । ତାଙ୍କ କୁନିୟତ୍ ହେଉଛି ଅବୁ ବିଶର୍ ଥିଲା । ତାଙ୍କର ସମ୍ବନ୍ଧ ଅନ୍‌ସାରର କବିଲା ଖଜରଜ ସହିତ ଥିଲା । ବନୁ ଅବଦୁଲ୍ ଅଶହଲ୍‌ର ସେ ବନ୍ଧୁଥିଲେ । ହଜ୍‌ରତ୍ ହରିସ୍ ବିନ୍ ଖଜାମାଃ ବଦର, ଓ୍ୱହଦ୍, ଖନ୍ଦକ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ହରିସ୍ ବିନ୍ ଖଜାମାଃ ଏବଂ ହଜ୍‌ରତ୍ ଇଆସ୍ ବିନ୍ ବୁକୈର୍‌ଙ୍କ ମଧ୍ୟରେ ମୁଆଖାତ୍ (ଅର୍ଥାତ ଭାଇ ଭାଇ) ପ୍ରତିଷ୍ଠା କରିଥିଲେ । ଇତିହାସରେ ଏ କଥା ମଧ୍ୟ ମିଳୁଛି ଯେ, ତବୁକ ଯୁଦ୍ଧ ଅବସରରେ ଯେବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଓଟଟି ହଜିଗଲା ସେତେବେଳେ ମୁନାଫିକ୍ ମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଏ ଆରୋପ ଲଗାଇଲେ ଯେ, ଆପଣଙ୍କୁ ନିଜ ଓଟର ଖବର ନାହିଁ ଆକାଶର ଖବର କିପରି ଜାଣିପାରିବେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ କଥା ଜଣାପଡ଼ିଲା ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି, ମୁଁ ସେହି କଥା ଜାଣିଛି ଯାହା ସମ୍ବନ୍ଧରେ ଈଶ୍ୱର ମୋତେ ଖବର ଦେଇଛନ୍ତି ଏବଂ ପୁଣି କହିଲେ କି, ଏବେ ଈଶ୍ୱର ମୋତେ ଏ ଖବର ଦେଇସାରିଛନ୍ତି କି, ସେହି ଓଟଟି ଉପତ୍ୟାକାର ଅମୁକ ଘାଟିରେ ଅଛି । ପୂର୍ବରୁ ଜଣେ ସାହାବୀଙ୍କ ସମ୍ବନ୍ଧରେ ଚର୍ଚ୍ଚା କରିବା ସମୟରେ ଏ ବିଷୟରେ ଚର୍ଚ୍ଚା ହୋଇସାରିଛି । ସୁତରାଂ ଯେଉଁ ସାହାବୀ ଜଣକ ଆପଣ ସ:ଆ:ସଙ୍କ ଦ୍ୱାରା ବତାଯାଇଥିବା ସ୍ଥାନରୁ ଓଟଟିକୁ ଖୋଜି ନେଇଆସିଥିଲେ, ସେ ହଜ୍‌ରତ୍ ହରିସ୍ ବିନ୍ ଖଜାମାଃ ଥିଲେ । ତାଙ୍କ ଦେହାନ୍ତ ୪୦ ହିଜିରିରେ ହଜ୍‌ରତ୍ ଅଲୀ ର:ଅଙ୍କ ଖିଲାଫତ୍ ସମୟରେ ୬୭ବର୍ଷ ବୟସରେ ମଦିନା ଠାରେ ହୋଇଥିଲା । *(ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୦୨-୬୦୩, ହଜ୍‌ରତ୍ ହରିସ୍ ବିନ୍ ଖଜାମାଃ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ଅସବାଃ, ଖଣ୍ଡ-୧, ପୃଷ୍ଠା-୬୬୬ ହାରିସ୍ ବିନ୍ ଖଜାମାଃ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୫)*

ଆଉ ଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଖୁନୈସ୍ ବିନ୍ ହୁଜାଫାଃ । ତାଙ୍କ କୁନିୟତ୍ ଅବୁ ହୁଜାଫାଃ ଥିଲା । ହଜ୍‌ରତ୍ ଖୁନୈସ୍‌ଙ୍କ ମା'ଙ୍କ ନାମ ଜଇଫାଃ ବିନ୍ତ୍ ହିଜୈମ୍ ଥିଲା । ତାଙ୍କ ସମ୍ବନ୍ଧ ବନି ସହିମ୍ ବିନ୍ ଉମରୋ ଥିଲା । ଏହା ଗୋଟିଏ କବିଲା ଥିଲା । ରସୁଲୁଲ୍ଲାଃ ସ:ଆ:ସଙ୍କ ଦାରେ ଅରକମ୍‌କୁ ଯିବା ପୂର୍ବରୁ ହିଁ ସେ ଇସ୍‌ଲାମ ଗ୍ରହଣ କରିସାରିଥିଲେ । ହଜ୍‌ରତ୍ ଖୁନୈସ୍ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ହୁଜାଫାଃ ଏକ ଭାଇ ଥିଲେ । ହଜ୍‌ରତ୍ ଖୁନୈସ ସେହି ସମସ୍ତ ମୁସଲ୍‌ମାନମାନଙ୍କ ମଧ୍ୟରେ ସାମିଲ୍ ଥିଲେ, ଯେଉଁମାନେ ଦ୍ୱିତୀୟ ଥର ପାଇଁ ହବ୍‌ଶାଃ ଆଡ଼କୁ ହିଜ୍‌ରତ୍ କରିଥିଲେ । ହଜ୍‌ରତ୍ ଖୁନୈସଙ୍କ ଗଣନା ପ୍ରାଥମିକ ମୁହାଜିର୍‌ମାନଙ୍କ ମଧ୍ୟରେ ହୋଇଥାଏ । ଯେତେବେଳେ ହଜ୍‌ରତ୍ ଖୁନୈସ ମଦିନା ହିଜ୍‌ରତ୍ କଲେ ସେତେବେଳେ ହଜ୍‌ରତ୍ ରିଫଆ ବିନ୍ ଅବଦୁଲ୍ ମୁନଜିର୍‌ଙ୍କ ନିକଟରେ ରହିଲେ । ଆ: ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଖୁନୈସ ଏବଂ ଅବୁ ଅବସ୍ ବିନ୍ ଜବର୍‌ଙ୍କ ମଧ୍ୟରେ ମୁଆଖାତ୍ ସ୍ଥାପନ କରିଥିଲେ । ହଜ୍‌ରତ୍ ଖୁନୈସ ବଦର ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଛନ୍ତି । ଉମ୍ମୁଲ୍ ମୁମିନିନ୍ ହଜ୍‌ରତ୍ ହଫ୍‌ସାଃ ଆଁ ହଜୁର ସ:ଆ:ସଙ୍କ ପୂର୍ବରୁ ହଜ୍‌ରତ୍ ଖୁନୈସଙ୍କ ନିକାହ୍‌ରେ ଥିଲେ । ତାଙ୍କ ସହିତ ତାଙ୍କର ବିବାହ ହୋଇଥିଲା । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୦୦, ଖୁନୈସ୍ ବିନ୍ ହୁଜାଫାଃ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୧୮୮, ''ଅଖୁନୈସ୍ ବିନ୍ ହୁଜାଫାଃ ର:ଅ', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)*

ସିରତ୍ ଖାତ୍‌ମୁନ୍ ଲବୀୟିନ୍‌ରେ ଏହାର ବାଖ୍ୟା ଏପରି ଉଲ୍ଲେଖ ରହିଛି ଯେ: ହଜ୍‌ରତ୍ ଉମର ବିନ୍ ଖତାବ୍ ର:ଅଙ୍କର ଗୋଟିଏ ଝିଅ ଥିଲେ ଯାହାଙ୍କ ନାମ ହଫ୍‌ସାଃ ଥିଲା । ସେ ଖୁନୈସ୍ ବିନ୍ ହୁଜାଫାଃ ଙ୍କୁ ବିବାହ କରିଥିଲେ, ଯିଏ ଜଣେ ନିଷ୍ଠାବାନ ସାହାବି ଥିଲେ ଓ ବଦର ଯୁଦ୍ଧରେ ମଧ୍ୟ ସାମିଲ ଥିଲେ । ବଦର ଯୁଦ୍ଧରୁ ଫେରିବା ପରେ ଖୁନୈସ୍ ବିମାର ହୋଇଗଲେ ଓ ଏହି ବେମାରରୁ ଭଲ ହୋଇପାରିଲେନି ତେଣୁ ତାଙ୍କର ଦେହାନ୍ତ ହୋଇଗଲା । ହଜ୍‌ରତ୍ ଉମର୍ ର:ଅ ଙ୍କୁ ହଜ୍‌ରତ୍ ହଫ୍‌ସାଃ ର:ଅଙ୍କ ଦ୍ୱିତୀୟ ବିବାହ ପାଇଁ ବହୁତ ଚିନ୍ତା ଥିଲା ସେତବେଳେ ହଜ୍‌ରତ୍ ହଫ୍‌ସାଃ ର:ଅଙ୍କ ବୟସ ୨୦ ବର୍ଷରୁ ଅଧିକା ହୋଇଯାଇଥିଲା । କିଛି ଦିନ ପରେ ହଜ୍‌ରତ୍ ଉମର୍ ନିଜର ସାଦା ପଣିଆରେ ନିଜେ ଉସ୍‌ମାନ ବିନ୍ ଅଫାନ୍ ର:ଅଙ୍କ ସହିତ ମିଶି ଏ କଥା କହିଲେ କି, ମୋ ଝିଅ ହଫ୍‌ସାଃ ବିଧବା ହୋଇଯାଇଛନ୍ତି, ତେଣୁ ଯଦି ଆପଣ ତାଙ୍କୁ ପସନ୍ଦ କରିବେ ତେବେ ତାଙ୍କୁ ବିବାହ ହୋଇଯାଆନ୍ତୁ, କିନ୍ତୁ ହଜ୍‌ରତ୍ ଉସ୍‌ମାନ ଏ କଥା କୁ ଟାଳି ଦେଲେ । ଏହା ପରେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁବକର୍ ର:ଅଙ୍କୁ ବିବାହ କରିବାପାଇଁ କହିଲେ କିନ୍ତୁ ହଜ୍‌ରତ୍ ଅବୁବକର୍ ର:ଅ ମଧ୍ୟ କୌଣସି ଉତର ଦେଲେ ନାହିଁ ଫଳତଃ ଏଥିରେ ଏହା ଦ୍ୱାରା ହଜ୍‌ରତ୍ ଉମର୍ ର:ଅଙ୍କୁ ବହୁତ ଦୁଃଖ ହେଲା । ତେଣୁ ସେ ଏପରି ଦୁଃଖିତ ଅବସ୍ଥାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହୋଇ ସବୁ କଥା ଶୁଣାଇଦେଲେ । ସବୁ କଥା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ଉମର୍ ! କିଛି ଚିନ୍ତା କର ନାହିଁ ଯଦି ପ୍ରଭୁଙ୍କର ଇଚ୍ଛା ହୁଏ ତେବେ ହଫ୍‌ସାଃଙ୍କୁ ଉସ୍‌ମାନ ର:ଅ ଏବଂ ଅବୁବକର୍ ର:ଅଙ୍କ ଅପେକ୍ଷା ଉତମ ସ୍ୱାମୀ ମିଳିଯିବେ ଏବଂ ଉସ୍‌ମାନ ର:ଅଙ୍କୁ ହଫ୍‌ସାଃଙ୍କ ଅପେକ୍ଷା ଉତମ ସ୍ତ୍ରୀ ମିଳିଯିବେ । ଏ କଥା ଆଁ ହଜ୍‌ରତ୍ ସ:ଆ:ସ ଏଥିପାଇଁ କହିଥିଲେ କି ସେ ହଫ୍‌ସାଃଙ୍କ ସହିତ ନିଜେ ବିବାହ କରିବାର ଏବଂ ନିଜ ଝିଅ ଉମ୍ମେ କୁଲ୍‌ସୁମ୍ ର:ଅଙ୍କୁ ହଜ୍‌ରତ୍ ଉସ୍‌ମାନଙ୍କ ସହିତ ବିବାହ ଦେବାର ମନସ୍ଥ କରିସାରିଥିଲେ, ସେ ବିଷୟରେ ହଜ୍‌ରତ୍ ଅବୁବକର୍ ଓ ହଜ୍‌ରତ୍ ଉସ୍‌ମାନ ଦୁଇଜଣଯାକୁ ଜଣାଥିଲା । ସେମାନଙ୍କୁ ଜଣାଇଦେଇଥିଲେ ସେଥିପାଇଁ ସେ ଦୁଇଜଣ ଯାକ ହଜ୍‌ରତ୍ ଉମର୍‌ଙ୍କ କଥାକୁ ଟାଳି ଦେଇଥିଲେ । କିଛିଦିନ ପରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ନିଜ ଝିଅ ଉମ୍ମେ କୁଲ୍‌ସୁମ୍ ର:ଅଙ୍କ ବିବାହ କରିଦେଲେ ଏବଂ ତା'ପରେ ସେ ନିଜ ନିଜ ତରଫରୁ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ହଫ୍‌ସାଃଙ୍କୁ ବିବାହ କରିବା ପାଇଁ ବାର୍ତା ପଠାଇଲେ । ହଜ୍‌ରତ୍ ଉମର୍ ର:ଅଙ୍କୁ ଏହା ଠାରୁ ବଳି ଆଉ କ'ଣ ଆବଶ୍ୟକ ଥିଲା ସେ ବହୁତ ଖୁସି ହୋଇ ଏହି ରିସ୍ତାକୁ କବୁଲ୍ କଲେ ଓ ଶୋବାନ ତିନି ହିଜିରିରେ ହଜ୍‌ରତ୍ ହଫ୍‌ସାଃ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ବିବାହ ହୋଇ ହରମେ ନବଓ୍ୱି ସ:ଆ:ସରେ ଦାଖିଲ୍ ହୋଇଗଲେ ।

ଯେତେବେଳେ ଏହି ରିସ୍ତା ହୋଇଗଲା ସେତେବେଳେ ହଜ୍‌ରତ୍ ଅବୁବକର୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ, କି କାଳେ ଆପଣଙ୍କ ମନ ଭିତରେ ମୋ ସମ୍ବନ୍ଧରେ କିଛି ଦୁଃଖ ଥିବ କିନ୍ତୁ ପ୍ରକୃତ କଥା ହେଉଛି ଏହାକି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ମନ କଥା ବିଷୟରେ

ଜାଣିଥିଲି କିନ୍ତୁ ମୁଁ ତାଙ୍କ ଅନୁମତି ବିନା ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିନା ଅନୁମତିରେ ଆପଣ ସ:ଆ:ସଙ୍କ ଗୋପନ କଥାକୁ ପ୍ରକାଶ କରିପାରିନଥାନ୍ତି । ହଁ ଯଦି ଆଁ ହଜ୍‌ରତ୍ ସ:ଆ:ସଙ୍କର ଏହି ବନ୍ଧୁ ବିଷୟରେ କୌଣସି ମନସ୍ଥ ନ'ଥାନ୍ତା ତେବେ ମୁଁ ବହୁତ ଖୁସୀରେ ହଫ୍‌ସାଃଙ୍କୁ ବିବାହ କରିଥାନ୍ତି ।

ହଫ୍‌ସାଃଙ୍କୁ ନିକାହ୍ କରିବାରେ ଗୋଟିଏ ବିଶେଷ କାରଣ ଏହା ଥିଲା କି, ସେ ହଜ୍‌ରତ୍ ଉମର୍ ର:ଅଙ୍କ ସୁପୁତ୍ରୀ ଥିଲେ ଯେ ହଜ୍‌ରତ୍ ଅବୁବକର୍ ର:ଅଙ୍କ ପରେ ସମସ୍ତ ସାହାବା ମାନଙ୍କଠାରୁ ପଦମର୍ଯ୍ୟାଦାରେ ଅଧିକ ଥିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଶେଷ ନିକଟତମ ସାହାବୀମାନଙ୍କ ଭିତରୁ ଜଣେ ଥିଲେ । ସୁତରାଂ ଆପୋଷ ସମ୍ବନ୍ଧକୁ ଅଧିକ ମଜଭୁତ୍ କରିବାପାଇଁ ଏବଂ ହଜ୍‌ରତ୍ ଉମର୍ ଓ ହଫ୍‌ସାଃଙ୍କ ଦୁଃଖକୁ ହରଣ କରିବା ନିମନ୍ତେ ଯାହା ଖୁନୈସ ବିନ୍ ହୁଜାଫାଃଙ୍କ ମୃତ୍ୟୁରେ ତାଙ୍କୁ ପହଂଚିଥିଲା, ଆଁ ହଜ୍‌ରତ୍ ସ:ଆ:ସ ସେଥିଯୋଗୁଁ ଉଚିତ ମଣିଲେ କି, ହଫ୍‌ସାଃଙ୍କୁ ବିବାହ କରିନେଲେ । *(ସିରତ୍ ଖାତମୁନ୍ ନବିୟିନ୍ ଲେଖକ ହଜ୍‌ରତ୍ ମିର୍ଜା ବଶିର ଅହମଦ୍ ସାହେବ ର:ଅ ଏମ୍.ଏ, ପୃ-୪୭୭-୪୭୮)*

ଆଉ ଗୋଟିଏ ରିଓ୍ୱାୟତ୍ ମୁତାବକ ହଜ୍‌ରତ୍ ଖୁନୈସ ବିନ୍ ହୁଜାଫାଃଙ୍କୁ ଓ୍ୱହଦ୍ ଯୁଦ୍ଧରେ କିଛି ଆଘାତ ପହଂଚିଥିଲା । ପରେ ସେହି ଆଘାତ ଯୋଗୁଁ ତାଙ୍କର ମଦିନା ଠାରେ ଦେହାନ୍ତ ହୋଇଗଲା । ହଜୁର ସ:ଆ:ସ ତାଙ୍କର ନମାଜ ଯନାଜାଃ ପଢ଼ାଇଲେ ଓ ତାଙ୍କୁ ଜନ୍ନତୁଲ୍ ବକିଇ ଠାରେ ହଜ୍‌ରତ୍ ଉସ୍‌ମାନ ବିନ୍ ମଜଉନ୍‌ଙ୍କ କଡ଼ରେ ଦଫନ କରାଗଲା । *(ଅଲ୍ ଇସ୍‌ତିଆବ୍, ଖଣ୍ଡ-୨, ପୃଷ୍ଠା-୪୫୨,* ଜ୍‌ରତ୍ ଖୁନୈସ ବିନ୍ ହୁଜାଫାଃ, *ମୁଦ୍ରଣ ଦାରୁଲ୍ ଜଏଲ୍ ବେରୁତ୍ ୧୯୯୨) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୦୦,* ହଜ୍‌ରତ୍ ଖୁନୈସ ବିନ୍ ହୁଜାଫାଃ, *ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

*ଆଉ ଜଣେ ସାହାବି ହେଉଛନ୍ତି ହଜ୍‌ରତ୍ ହାରିସା ବିନ୍ ନୋମାନ୍ । ତାଙ୍କ କୁନିୟତ୍ ଅବୁ ଅବଦୁଲ୍ଲାଃ ଥିଲା । ହଜ୍‌ରତ୍ ହାରିସା ବିନ୍ ନୋମାନ୍* ଅନ୍‌ସାରି ସାହାବି ଥିଲେ । ତାଙ୍କ ସମ୍ବନ୍ଧ ଖଜ୍‌ରଜ କବିଲାର ଶାଖା ବନୁ ନଜାର୍ ସହିତ ଥିଲା । ସେ ବଦର୍, ଓ୍ୱହଦ୍, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ଥିଲେ । ବଡ଼ ବଡ଼ ସାହାବା ମାନଙ୍କ ମଧ୍ୟରେ ତାଙ୍କର ଗଣନା କରାଯାଏ । ହଜ୍‌ରତ୍ ହାରିସା ବିନ୍ ନୋମାନ୍‌ଙ୍କ ମା'ଙ୍କ ନାମ ଜାଆଦାଃ ବିନ୍‌ତେ ଉବୈଦ୍ ଥିଲା । ହଜ୍‌ରତ୍ ହାରିସା ବିନ୍ ନୋମାନ୍‌ଙ୍କ ସନ୍ତାନମାନଙ୍କ ମଧ୍ୟରେ ଅବଦୁଲ୍ଲାଃ, ଅବଦୁର୍ ରହମାନ୍, ସୌଦାଃ, ଉମ୍‌ରାଃ ଏବଂ ଉମ୍ମେ ହିଶାମ୍ ସାମିଲ ଥିଲେ । ଏହି ସବୁ ପିଲାମାନଙ୍କର ମା'ଙ୍କ ନାମ ଉମ୍ମେ ଖାଲିଦ୍ ଥିଲା । ତାଙ୍କର ଅନ୍ୟ ସନ୍ତାନମାନଙ୍କ ମଧ୍ୟରେ ଉମ୍ମେ କୁଲ୍‌ସୁମ୍ ଯାହାଙ୍କ ମା' ବନୁ ଅବଦିଲ୍ଲାଃ ବିନ୍ ଗତଫାନ୍‌ର ଥିଲେ ଏବଂ ଅମତୁଲ୍ଲାଃ ତାଙ୍କ ମା' ଜୁନ୍‌ଦୁଉର ଥିଲେ ।

ଆଉଗୋଟିଏ ରିବାୟତ୍‌ରେ ଆସୁଛି କି, ହଜ୍‌ରତ୍ ଇବ୍‌ନେ ଅବାସ୍ ବର୍ଣ୍ଣନା କରୁଛନ୍ତି କି, ଏହି ହଜ୍‌ରତ୍ ହାରିସା ବିନ୍ ନୋମାନ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟ ଦେଇ ଗଲେ । ତାଙ୍କ ନିକଟରେ ଜିବ୍‌ରାଇଲ୍ ଆ:ସ ବସିଥିଲେ ଏଥିରେ ସେ ତାଙ୍କୁ ସଲାମ କଲେ ଓ ଜିବ୍‌ରାଇଲ୍ ଆ:ସ ''ଓ୍ୱ ଆଲିକୁମ୍ ସଲାମ୍'' କହିଲେ କିନ୍ତୁ ଯେଉଁ ସମ୍ପୂର୍ଣ୍ଣ ବାଖ୍ୟା ରହିଛି ତାହା ହେଉଛି ଏପରି କି, ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅ ବର୍ଣ୍ଣନା କରୁଛନ୍ତି ହଜ୍‌ରତ୍ ହାରିସା ବିନ୍ ନୋମାନ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟଦେଇ ଯାଉଥିଲେ । ଆପଣ ସ:ଆ:ସଙ୍କ ନିକଟରେ ହଜ୍‌ରତ୍ ଜିବ୍‌ରାଇଲ୍ ବସିଥିଲେ ଏବଂ ଆପଣ ସ:ଆ:ସ ତାଙ୍କ ସହିତ ଧିରେ ଧିରେ କିଛି କଥା ହେଉଥିଲେ । ହାରିସାଃ ତାଙ୍କୁ ସଲାମ କଲେ ନାହିଁ ଏଥିରେ ଜିବ୍‌ରାଇଲ୍ ଆ:ସ କହିଲେ ସେ କାହିଁକି ସଲାମ କଲେ ନାହିଁ? ରସୁଲୁଲ୍ଲାଃ ସ:ଆ:ସ ପରେ ସଲାମ ନ କରିବାର କାରଣ ପଚାରିଲେ ହାରିସାଃ ଉତର ଦେଲେ ମୁଁ ଆପଣଙ୍କ ନିକଟରେ ଜଣେ ବ୍ୟକ୍ତିକୁ ଦେଖିଥିଲି ଆପଣ ତାଙ୍କ ସହିତ ଧିରେ ଧିରେ କଥା ହେଉଥିଲେ ତେଣୁ ଆପଣଙ୍କ କଥାରେ ବାଧା ଦେବାକୁ ମୁଁ ଉଚିତ ମଣିଲି ନାହିଁ । ଅର୍ଥାତ୍ ସଲାମ କରିବା ଦ୍ୱାରା ଆପଣଙ୍କ ଧ୍ୟାନ ଭଙ୍ଗ ହୋଇଥାନ୍ତା । ଆଁ ହଜ୍‌ରତ୍ ସ:ଆ:ସ ପଚାରିଲେ କି, କ'ଣ ତୁମେ ମୋ ନିକଟରେ ବସିଥିବା ଲୋକକୁ ଦେଖିନେଇଥିଲ? ସେ କହିଲେ ହଁ ଏଥିରେ ଆପଣ ସ:ଆ:ସ କହିଲେ ସେ ଜିବ୍‌ରାଇଲ୍ ଆ:ସ ଥିଲେ ଓ କହୁଥିଲେ କି, ଯଦି ଏହି ଲୋକ ଜଣକ ସଲାମ କରିଥାନ୍ତା ତେବେ ମୁଁ ତାଙ୍କୁ ଉତର ଦେଇଥାନ୍ତି । ପୁଣି ତା'ପରେ ଜିବ୍‌ରାଇଲ୍ କହିଲେ କି, ସେ ୮୦ ଜଣଙ୍କ ଲୋକମାନଙ୍କ ମଧ୍ୟରୁ ଜଣେ । ରସୁଲୁଲ୍ଲାଃ ସ:ଆ:ସ କହିଲେ କି, ମୁଁ ଜିବ୍‌ରାଇଲ୍ ଆ:ସଙ୍କୁ ପଚାରିଲି ଯେ, ଏହାର ଅର୍ଥ କ'ଣ, ଏଥିରେ ଜିବ୍‌ରାଇଲ୍ ଆ:ସ କହିଲେ ଇଏ ସେହି ୮୦ ଜଣଙ୍କ ମଧ୍ୟରୁ ଜଣେ ଯେଉଁମାନେ ହୁନୈନ୍ ଯୁଦ୍ଧରେ ଆପଣଙ୍କ ସହିତ ଦୃଢ଼ତାର ସହିତ ଛିଡ଼ା ହୋଇଥିଲେ । ସେମାନଙ୍କର ରିଜକ୍ (ଅର୍ଥାତ୍ ରୋଜଗାରର ସମସ୍ତ ଉସ୍) ଓ ତାଙ୍କ ସନ୍ତାନ ମାନଙ୍କର ରିଜକ୍ ଜନ୍ନତ୍‌ରେ ଅଲ୍ଲାଃ ତାଲାଙ୍କ ଜିମାରେ ରହିଛି । ସୁତରାଂ ଆପଣ ସ:ଆ:ସ ହାରିସାଃଙ୍କୁ ଏହି ସବୁ କଥା ବର୍ଣ୍ଣନା କଲେ ।

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି କି, ରସୁଲୁଲ୍ଲାଃ ସ:ଆ:ସ ହାରିସାଃଙ୍କୁ ବହୁତ ସମ୍ମାନ ଓ ଆଦର କରୁଥିଲେ ଓ ତାଙ୍କ ସମ୍ବନ୍ଧରେ ଏହା ମଧ୍ୟ ବର୍ଣ୍ଣିତ ରହିଛି । ହଜ୍‌ରତ୍ ଆଇଶା ର:ଅ କହିଲେ କି, ସେ ନିଜ ମା'ଙ୍କ ସହିତ ଉତମ ବ୍ୟବହାର କରୁଥିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି କି, ଏହିପରି ପୂର୍ଣ୍ଣ କାର୍ଯ୍ୟକୁ ତୁମ ସମସ୍ତଙ୍କୁ କରିବା ଉଚିତ ।

ହଜ୍‌ରତ୍ ହାରିସାଃ ବିନ୍ ନୁମାନ୍ ଶେଷ ବୟସରେ ଅନ୍ଧ ହୋଇଯାଇଥିଲେ । ଦୃଷ୍ଟିଶକ୍ତି ଖରାପ ହୋଇଯାଇଥିଲା ଅର୍ଥାତ୍ ବିଲ୍‌କୁଲ ଶେଷ ହୋଇଯାଇଥିଲା । ତେଣୁ ସେ ନିଜ ନମାଜ୍ ପାଠ କରିବା ସ୍ଥାନରୁ ଗୋଟିଏ ରସିକୁ ନିଜ ଘରର କାନ୍ଥ ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ ଓ ନିଜ ନିକଟରେ ଗୋଟିଏ ଟୋକେଇ ରଖିଥିଲେ ଯେଉଁଥିରେ ଖଜୁର୍ ରହୁଥିଲା । ଯେବେ କୌଣସି ଗରିବ ଲୋକ ଆପଣଙ୍କ ନିକଟକୁ ଆସେ, କୌଣସି ମାଗିବାବାଲା ଆସି ତାଙ୍କୁ ସଲାମ କରନ୍ତି ବା ତାଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଥିବା ବ୍ୟକ୍ତିଙ୍କୁ ସେ ଗରିବବୋଲି ଜାଣନ୍ତି ସେତେବେଳେ ସେହି ରସିକୁ ନିଜ ନମାଜ ପଢ଼ିବା ସ୍ଥାନରୁ ଧରି କବାଟ ପର୍ଯ୍ୟନ୍ତ ଯାଇ ତାଙ୍କୁ ଖଜୁର ଦିଅନ୍ତି । ତାଙ୍କ ଘର ଲୋକମାନେ କହୁଥିଲେ କି, ଆମେ ଆପଣଙ୍କ ତରଫରୁ ଏହି ସେବା କରିଦେଉଛୁ ଆପଣଙ୍କର ଦୃଷ୍ଟିଶକ୍ତି ଠିକ୍ ନାହିଁ ତେଣୁ କାହିଁକି କଷ୍ଟ କରିବେ? କିନ୍ତୁ ସେ କହୁଥିଲେ କି, ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଶୁଣିଛି ଯେ, ଗରିବ ଲୋକଙ୍କୁ ସାହାଯ୍ୟ କରିବା ଦ୍ୱାରା ଖରାପ ମୃତ୍ୟୁରୁ ବଂଚାଇଥାଏ । ରିଓ୍ୱାୟତ୍‌ରେ ଆସୁଛି କି, ହଜ୍‌ରତ୍ ହାରିସାଃ ବିନ୍ ନୋମାନ୍‌ଙ୍କ ଘର ମଦିନାରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଘର ନିକଟରେ ଥିଲା, ବହୁତ ଗୁଡ଼ିଏ ଘର ଥିଲା, ଅନେକ ସମ୍ପତି ଥିଲା ଏବଂ ଆବଶ୍ୟକ ଅନୁସାରେ ହଜ୍‌ରତ୍ ହାରିସାଃ ର:ଅ ନିଜ ଘର ଗୁଡ଼ିକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ପେଷ କରିଦେଉଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୧-୩୭୨,* ହଜ୍‌ରତ୍ ହାରିସାଃ ବିନ୍ ନୋମାନ୍, *ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୬୫୫-୬୫୬,* ''ହଜ୍‌ରତ୍ ହାରିସାଃ ବିନ୍ ନୋମାନ୍'', *ମୁଦ୍ରଣ ଦାରୁଲ୍ କୁତ୍‌ବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)* ଅର୍ଥାତ ସବୁଦିନ ପାଇଁ ବା ବିବାହ ଇତ୍ୟାଦି କାର୍ଯ୍ୟ ସମୟରେ ବା ଅନ୍ୟ କୌଣସି ଅର୍ନ୍ତଗତ ଯେବେ ମଧ୍ୟ ରହିବାକୁ ଆବଶ୍ୟକ ପଡ଼ିଥାଏ ସେ ତାହା ଦେଇ ଦିଅନ୍ତି ବରଂ ସବୁବେଳ ପାଇଁ ମଧ୍ୟ ଦେଇ ଦିଅନ୍ତି,

ଯେବେ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ହଜ୍‌ରତ୍ ଫାତିମାଃ ର:ଅଙ୍କ ବିବାହ ହେଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅଲୀଙ୍କୁ କହିଲେ କି ନିଜ ପାଇଁ ଆଉ ଏକ ଅଲଗା ଘରର ବ୍ୟବସ୍ଥା କର । ହଜ୍‌ରତ୍ ଅଲୀ ର:ଅ ଘରର ବ୍ୟବସ୍ଥା କଲେ ଓ ହଜ୍‌ରତ୍ ଫାତିମାଃ ର:ଅଙ୍କୁ ବିବାହ ହୋଇ ସେହି ଘରକୁ ନେଇଗଲେ । ପୁଣି ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଫାତିମାଃ ର:ଅଙ୍କୁ କହିଲେ ଯେ ମୁଁ ତୁମକୁ ନିଜ ପାଖକୁ ଡ଼ାକି ଆଣିବାକୁ ଚାହୁଁଛି ଅର୍ଥାତ୍ ମୋ ନିକଟକୁ ଆସିଯାଅ । ଘର ନେଇ ନିଅ । ଏଥିରେ ହଜ୍‌ରତ୍ ଫାତିମାଃ ଆପଣ ସ:ଆ:ସଙ୍କୁ ପରାମର୍ଶ ଦେଲେ । ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଜଣାଇଲେ କି ଆପଣ ହାରିସାଃ ବିନ୍ ନୁମାନ୍‌ଙ୍କୁ କହନ୍ତୁ ଯେ ସେ ଆଉ ଅନ୍ୟ କୌଣସି ସ୍ଥାନକୁ ଚାଲିଯିବେ ଓ ତାଙ୍କର ଯେଉଁ ଘର (ଆପଣଙ୍କ ନିକଟରେ ଅଛି) ତାହା ଆମକୁ ଦେଇଦିଅନ୍ତୁ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ହାରିସାଃ ଆମ ପାଇଁ ଅନେକ ଥର ଘର ଛାଡ଼ି ସାରିଛନ୍ତି । ତାଙ୍କ ଘର ଆମ ଘରର ନିକଟରେ ତେଣୁ ସେ ତାଙ୍କର ନିକଟତର ଘରକୁ ମତେ ଦେଇଦେଇଛନ୍ତି । ଏବେ ମତେ ଲାଜ ଲାଗୁଛି କି ପୁଣି ଆଉଥରେ ତାଙ୍କୁ ଘର ବଦଳାଇବା ପାଇଁ କହିବି । ଏ ଖବର ହଜ୍‌ରତ୍ ହାରିସାଃଙ୍କୁ ପହଂଚିଲା ଓ ସେ ଘର ଖାଲିକରି ଅନ୍ୟ ଏକ ସ୍ଥାନକୁ ଚାଲିଗଲେ ଏବଂ ନବୀ କରିମ୍ ସା:ଆ:ସଙ୍କ ନିକଟରେ ଆସି ନିବେଦନ କଲେ କି ହେ ଅଲ୍ଲାଃଙ୍କ ରସୁଲ୍! ମୁଁ ଜାଣିବାକୁ ପାଇଲି ଯେ ଆପଣ ହଜ୍‌ରତ୍ ଫାତିମାଃ ର:ଅଙ୍କୁ ନିଜ ଘର ନିକଟରେ ରଖିବାକୁ ଚାହୁଛନ୍ତି । ମୋର ଏହି ଘରଟି ଅଛି ଏବଂ ଏହା ବନୁ ନଜାର୍‌ର ଘରମାନଙ୍କ ମଧ୍ୟରୁ ଆପଣଙ୍କର ଅତି ନିକଟତର ଘର । ମୁଁ ଏବଂ ମୋର ଧନସମ୍ପତି ଅଲ୍ଲାଃ ଓ ଅଲ୍ଲାଃଙ୍କ ରସୁଲ୍‌ଙ୍କ ନିମନ୍ତେ ଉଦ୍ଧିଷ୍ଟ । ହେ ଅଲ୍ଲାଃଙ୍କ ରସୁଲ୍ । ଆପଣ ମୋଠାରୁ ଯେଉଁ ମାଲ୍ ଚାହୁଁଛନ୍ତି ନେଇଯାଆନ୍ତୁ । ତାହା ମୋତେ ସେହି ମାଲ୍‌ଠାରୁ ବହୁତ ଅଧିକ ପ୍ରୀୟତମ ହେବ, ଯାହା ଆପଣ ଛାଡ଼ିଦେବେ । ଏଥିରେ ନବୀ କରିମ୍ ସ:ଆ:ସ କହିଲେ ତୁମେ ସତ କହିଛ । ଈଶ୍ୱର ତୁମ ଉପରେ ବର୍‌କତ୍ ଅବତୀର୍ଣ୍ଣ କରନ୍ତୁ । ସୁତରାଂ ଆପଣ ସ:ଆ:ସ ହଜ୍‌ରତ୍ ଫାତିମାଃ ର:ଅଙ୍କୁ ହଜ୍‌ରତ୍ ହାରିସାଃ ର:ଅଙ୍କ ଦ୍ୱାରା ଦିଆଯାଇଥିବା ଘରକୁ ଡାକିଆଣିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୮, ପୃଷ୍ଠା-୧୮-୧୯, ଫାତିମାଃ ବିନ୍‌ତ ରସୁଲୁଲ୍ଲାଃ ସ:ଆ:ସ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଉକ୍ତ ଘଟଣାର କିଛି ବାଖ୍ୟା ପୁସ୍ତକ ସିରତ୍ ଖାତମୁନ୍ ନବୀୟିନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ମଧ୍ୟ ବର୍ଣ୍ଣନା କରିଛନ୍ତି । ସେ ଲେଖୁଛନ୍ତି କି ହଜ୍‌ରତ୍ ଅଲୀ ସେ ପର୍ଯ୍ୟନ୍ତ ବୋଧହୁଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ମସ୍‌ଜିଦ୍‌ର କୌଣସି କୋଠରୀ ଇତ୍ୟାଦିରେ ରହୁଥିଲେ କିନ୍ତୁ ବିବାହ ହେବା ପରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଘରର ଆବଶ୍ୟକ ଥିଲା ଯେଉଁଥିରେ ସ୍ୱାମି, ସ୍ତ୍ରୀ ଦୁଇଜଣ ରହପାରିବେ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ ଯେ ଏବେ ତୁମେ କୌଣସି ଏକ ଘର ଖୋଜ ଯେଉଁଠାରେ ତୁମେ ଦୁଇଜଣ ସ୍ୱାମୀ ଓ ସ୍ତ୍ରୀ ରହିପାରିବ । ହଜ୍‌ରତ୍ ଅଲୀ ର:ଅ ଅସ୍ଥାୟୀ ରୂପେ ଗୋଟିଏ ଘରର ବ୍ୟବସ୍ଥା କରିଦେଲେ ଓ ସେହି ଘରକୁ ହଜ୍‌ରତ୍ ଫାତିମାଃ ର:ଅଙ୍କୁ ବିବାହ ହୋଇ ନେଇ ଆସିଲେ । ସେହିଦିନ ବିବାହ କାର୍ଯ୍ୟ ସମ୍ପାଦନ ପରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ସେହି ଘରକୁ ଆସିଲେ ଓ ଅଳ୍ପ ପାଣି ମଗାଇ ସେଥିରେ ଦୁଆ (ଅର୍ଥାତ୍ ପ୍ରାର୍ଥନା) କଲେ । ପୁଣି ସେହି ପାଣିକୁ ହଜ୍‌ରତ୍ ଫାତିମାଃ ର:ଅ ଓ ହଜ୍‌ରତ୍ ଅଲୀ ର:ଅ ପ୍ରତ୍ୟେକଙ୍କ ଉପରେ ଏହି ବାକ୍ୟକୁ କହି ଛିଂଚିଦେଲେ କି *ଅଲ୍ଲାହୁମ୍ମା ବାରିକ୍ ଫିହିମା ଓ୍ୱ ବାରିକ୍ ଆଲୈହିମା ଓ୍ୱ ବାରିକ୍ ଲହୁମା ନସଲହୁମା* । ଅର୍ଥାତ୍: ''ହେ ମୋର ଅଲ୍ଲାଃ! ତୁମେ ଏହି ଦୁଇଜଣଙ୍କ ଆପୋଷ ପ୍ରେମକୁ ବଢ଼ାଇଦିଅ । ଏମାନଙ୍କ ସେହି ସମ୍ପର୍କକୁ ବରକତ୍ ଦିଅ ଯାହା ଏମାନେ ଅନ୍ୟମାନଙ୍କ ସହିତ କାଏମ୍ କରିଛନ୍ତି । ଏବଂ ଏମାନଙ୍କ ବଂଶରେ ବରକତ୍ ପ୍ରଦାନକର ।'' ଅର୍ଥାତ୍ ନିଜ ସମ୍ପର୍କ ଓ ବନ୍ଧୁବାନ୍ଧବ ମାନଙ୍କ ସମ୍ପର୍କ ମଧ୍ୟ, ସାମାଜିକ ସୁସମ୍ପର୍କ ମଧ୍ୟ । ସବୁଥିରେ ବର୍‌କତ୍ ମିଳିବା ପାଇଁ ପ୍ରାର୍ଥନା କଲେ । ପୁଣି କହିଲେ କି ଏମାନଙ୍କ ବଂଶରେ ମଧ୍ୟ ବର୍‌କତ୍ ପ୍ରଦାନ କର । ତା'ପରେ ଆପଣ ସ:ଆ:ସ ଏହି ନୂଆ ଯୋଡ଼ା (Couple)କୁ ଏକତ୍ର ଛାଡ଼ି ଫେରିଆସିଲେ । ତା'ପରେ ଦିନେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଫାତିମାଃ ର:ଅଙ୍କ ଘରକୁ ଗଲେ । ହଜ୍‌ରତ୍ ଫାତିମାଃ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କହିଲେ କି ହାରିସାଃ ବିନ୍ ନୋମାନ୍ ଅନ୍‌ସାରି ର:ଅଙ୍କର ବହୁତ ଗୁଡ଼ିଏ ଘର ଅଛି । ଆପଣ ସ:ଆ:ସ ତାଙ୍କୁ କହି ଦିଅନ୍ତୁ କି ସେ ନିଜର କୌଣସି ଏକ ଘର (ଆମ ପାଇଁ) ଖାଲି କରିଦେବେ । ଏଥିରେ ଆପଣ ସ:ଆ:ସ କହିଲେ ସେ ଆମ ଖାତିର୍ ଏତେ ଗୁଡ଼ିଏ ଘର ପୂର୍ବରୁ ମଧ୍ୟ ଖାଲି କରିସାରିଛନ୍ତି ତେଣୁ ଏବେ ତାଙ୍କୁ ଆଉ କହିବା ପାଇଁ ଲାଜ ଲାଗୁଛି । ହାରିସାଃଙ୍କୁ ଏ ବିଷୟରେ କୌଣସି ମତେ ଜଣାପଡ଼ିଗଲା ତେଣୁ ସେ ଦଉଡ଼ିଆସି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିବେଦନ କଲେ କି ହେ ଅଲ୍ଲାଙ୍କ ରସୁଲ୍! ମୋର ଯାହା କିଛି ଅଛି ତାହା ସବୁ ହଜୁର୍ ସ:ଆ:ସଙ୍କର । ଅଲ୍ଲାଙ୍କ ରାଣ! ଯାହା କିଛି ଆପଣ ମୋଠାରୁ ଗ୍ରହଣ କରୁଛନ୍ତି ତାହା ମତେ ମୋ ନିକଟରେ ଥିବା ବସ୍ତୁ ତୁଳନାରେ ବହୁତ ଆନନ୍ଦ ପ୍ରଦାନ କରୁଛି । ପୁଣି ସେହି ନିଷ୍ଠାବାନ ସାହାବି ଜଣଙ୍କ ନିଜର ଏକ ଘରକୁ ବାଧ୍ୟକରି ଖାଲିକରାଇ ପେଶ୍ କରିଦେଲେ । ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ଫାତିମାଃ ର:ଅ

ସେଠାରେ ଆସି ରହିଲେ । *(ସିରତ୍ ଖାତମୁନ୍ ନବୀୟିନ୍, ହଜରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ ର:ଅ, ପୃ-୪୫୬)*

ହଜ୍‌ରତ୍ ଆଇଶା ! ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି, ହୁନୈନ୍ ଯୁଦ୍ଧ ଦିନ ଆଁ ହଜ୍‌ରତ୍ ସ:ଆ:ସ ସାହାବାମାନଙ୍କୁ ସମ୍ବୋଧନ କରି କହିଲେ ଯେ ତୁମମାନଙ୍କ ମଧ୍ୟରୁ କିଏ ରାତିରେ ପହରା ଦେବ ? ଏହା ଶୁଣି ହଜ୍‌ରତ୍ ହାରିସାଃ ବିନ୍ ନୋମାନ୍ ଧିରେ ଧିରେ ଶାନ୍ତିରେ ଉଠିଲେ । ହଜ୍‌ରତ୍ ହାରିସାଃ ର:ଅ ନିଜର କୌଣସି କାର୍ଯ୍ୟକୁ ଶିଘ୍ର କରୁନଥିଲେ । ତାଙ୍କର ଏପରି ଧିରେଧିରେ ଉଠିବାରେ ସାହାବାମାନ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ କହିଲେ କି ହାରିସାଃଙ୍କୁ ତାଙ୍କର ଲାଜକୁଳା ସ୍ୱଭାବ ଖରାପ କରିଦେଉଛି । ଏପରି ଅବସରରେ ଶିଘ୍ର ଉଠିବା କଥା । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଏପରି କୁହ ନାହିଁ କି ଲାଜ ହାରିସାଃଙ୍କୁ ଖରାପ କରିଦେଉଛି ବୋଲି । ଏହା ନ କୁହ କି ହାରିସାଃଙ୍କୁ ଖରାପ କରିଦେଉି ବରଂ ଯଦି ତୁମେ ଏହା କହିବ କି ଲାଜ ହାରିସାଃଙ୍କୁ ଠିକ୍ କରିଦେଇଛି ବୋଲି ତେବେ ତାହା ସତ୍ୟ ହେବ । *(ଅଲ୍‌ମୁନ୍‌ତକି ମିନ୍ କିତାବ୍.... ପୃ-୬୮, ବାବ୍ ଫଜିଲତୁଲ୍ ହୟା ଓ୍ୱ ଯସିମ୍ ଖତରାଃ ହଦିସ୍-୧୨୭ ମୁଦ୍ରଣ ଦାରୁଲ୍ ଫିକର୍ ଦମସ୍କ ୧୯୮୮)*

ହଜ୍‌ରତ୍ ହାରିସାଃ ବିନ୍ ନୋମାନ୍‌ଙ୍କ ଦେହାନ୍ତ ହଜ୍‌ର୍ ଅମୀର୍ ମାଓ୍ୱିୟାଙ୍କ ସମୟରେ ହୋଇଥିଲା । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭୨, ହାରିସାଃ ବିନ୍ ନୁମାନ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

ଆଉ ଜଣେ ସାହାବି ହେଉଛନ୍ତି ବଶିର୍ ବିନ୍ ସାଆଦ୍ । ତାଙ୍କ କୁନିୟତ୍ ଅବୁ ନୁମାନ୍ ଥିଲା । ସାଆଦ୍ ବିନ୍ ସାଆଲବାଃ ତାଙ୍କର ବାପା ଥିଲେ । ସେ ହଜ୍‌ରତ୍ ସିମାକ୍ ବିନ୍ ସାଆଦ୍‌ଙ୍କ ଭାଇ ଥିଲେ । ତାଙ୍କର ସମ୍ବନ୍ଧ ଖଦ୍‌ରଜ୍ କବିଲା ସହିତ ଥିଲା ।

*(ଇସ୍‌ତିୟାବ୍, ଖଣ୍ଡ-୧, ପୃ-୧୭୨, ବଶିର୍ ବିନ୍ ସାଆଦ୍ ର:ଅ, ମୁଦ୍ରଣ ଦାରୁଲ୍ ଜୈଲ୍ ବେରୁତ-୧୯୯୨)*

ତାଙ୍କ ମାଆଙ୍କ ନାମ ଉନୈସାଃ ବିନ୍‌ତ୍ ଖଲିପା ଥିଲା ଏବଂ ତାଙ୍କ ସ୍ତ୍ରୀଙ୍କ ନାମ ଅମ୍‌ରାଃ ବିନ୍‌ତ୍ ରଓ୍ୱାହା ଥିଲା । ହଜ୍‌ରତ୍ ବଶିର୍ ବିନ୍ ସାଆଦ୍ ଜାହିଲିୟତ୍ ଯୁଗରେ ଲେଖିବା ଜାଣିଥିଲେ । ଏହା ଏପରି ଯୁଗଥିଲା ଯେବେ ଆରବରେ ବହୁତ କମ୍ ଲୋକ ଲେଖିବା ଜାଣିଥିଲେ । ସେ ବୟତ୍ ଉକ୍‌ବା ସାନିୟାରେ ୭୦ ଜଣ ଅନ୍‌ସାର୍‌ଙ୍କ ସହିତ ସାମିଲ୍ ହୋଇଥିଲେ । ରସୁଲୁଲ୍ଲାଃ ସ:ଆ:ସ ଶୋବାନ୍ ୭ ହିଜ୍‌ରିରେ ହଜ୍‌ରତ୍ ବଶିର୍‌ବିନ୍ ସାଆଦ୍‌ଙ୍କ ତତ୍ତ୍ୱାବଧାନରେ ୩୦ ଜଣ ବିଶିଷ୍ଟ ଲୋକଙ୍କୁ ଗୋଟଏ ସରିୟା (ଅର୍ଥାତ୍ ଛୋଟ ଯୁଦ୍ଧ) ଯାହାର ନାମ ଥିଲା ଫଦକ୍, ତାହାକୁ ବନି ମୁର୍‌ରାଃ ଆଡ଼କୁ ପଠାଇଥିଲେ । ସେମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ମଧ୍ୟ ହେଲା । ହଜ୍‌ରତ୍ ବଶିର୍ ର:ଅ ଅତ୍ୟନ୍ତ ବାହାଦୁରି ଦେଖାଇ ଲଢ଼ିଲେ । ଲଢ଼ିବାବେଳେ ତାଙ୍କ ଗୋଇଠିରେ ତରବାରୀର ଆଘାତ ଲାଗିଲା ଫଳତଃ ଲୋକମାନେ ଏ କଥା ଭାବିଲେ କି ସେ ଶହିଦ୍ ହୋଇଗଲେ । ଶତ୍ରୁମାନେ ତାଙ୍କୁ ଏକଥା ଭାବି ଛାଡ଼ିଦେଲେ କି ବୋଧହୁଏ ବେହୋସ୍ ହୋଇଯାଇଛନ୍ତି ବା ଶହିଦ୍ ହୋଇଯାଇଛନ୍ତି । ଛାଡ଼ି ଚାଲି ଆସିଲେ । କିନ୍ତୁ ସଂନ୍ଧ୍ୟା ସମୟରେ ଯେବେ ତାଙ୍କୁ ଚେତା ଆସିଲା ସେ ସେଠାରୁ ଫିଦକ୍ ଚାଲିଆସିଲେ । ଫିଦକ୍‌ଠାରେ ସେ କିଛିଦିନ ପର୍ଯ୍ୟନ୍ତ ଜଣେ ଇହୁଦୀଙ୍କ ଘରେ ରହିଲେ ପୁଣି ସେଠାରୁ ମଦିନା ଚାଲିଆସିଲେ । ସେହିପରି ଶଓ୍ୱାଲ୍ ୭ ହିଜ୍‌ରିରେ ରସୁଲୁଲ୍ଲା ସ:ଆ:ସ ତାଙ୍କୁ ତିନିଶହ ଲୋକଙ୍କ ସଙ୍ଗେ ୟମନ୍ ଓ ଯବ୍‌ବାର ଆଡ଼କୁ ପଠାଇଲେ ଯାହା ଫିଦକ୍ ଓ ଓ୍ୱାଦିଲ୍‌କୁରା ମଧ୍ୟରେ ଅବସ୍ଥିତ । ଏଠାରେ ଗତ୍‌ଫାନ୍‌ର କିଛି ଲୋକ ରୟଇଦାଃ ବିନ୍ ହିସ୍‌ନଲ୍ ଫଦାରିଙ୍କ ସହିତ ଏକାଠି ହୋଇଗଲେ । ଏମାନେ ଇସ୍‌ଲାମ୍ ବିରୋଧରେ ଯୋଜନା କରୁଥିଲେ । ହଜ୍‌ରତ୍ ବଶିର୍ ସେମାନଙ୍କ ସହିତ ମୁକାବିଲା କରି ସେମାନଙ୍କୁ ଘଉଡ଼ାଇଦେଲେ । ମୁସଲ୍‌ମାନମାନେ କିଛି ଲୋକଙ୍କୁ ହତ୍ୟାମଧ୍ୟ କଲେ ଏବଂ କିଛି ଲୋକଙ୍କୁ ବଳି ମଧ୍ୟ କଲେ । ଏବଂ ମାଲେ ଗନିମତ୍ (ଅର୍ଥାତ୍ ଯୁଦ୍ଧରେ ଜିତିଥିବା ବସ୍ତୁ)କୁ ଧରି ଫେରିଲେ ।

(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୦୩, ବଶିର୍ ବିନ୍ ସାଆଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ସେମାନେ ଯୁଦ୍ଧ କରିବାପାଇଁ ଏବଂ କ୍ଷତି ପହଂଚାଇବା ନିମନ୍ତେ ଏକାଠି ହୋଇଥିଲେ ସେଥିପାଇଁ ସେମାନଙ୍କ ବିରୁଦ୍ଧରେ ମୁସଲ୍‌ମାନମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା । ଧନ ସମ୍ପତି ଲୁଣ୍ଠନକରିବା ବା କାହାରିକୁ ହତ୍ୟାକରିବା ଉଦ୍ଦେଶ୍ୟ ନଥିଲା । ଯେପରି ମୁଁ ବିଗତ ଖୁତ୍‌ବାରେ ବର୍ଣ୍ଣନା କରିଥିଲି କି, ଗୋଟିଏ ଭୁଲ୍ ଆକ୍ରମଣ ଯୋଗୁଁ, ଯେବେ କି ତାର କୌଣସି ଆବଶ୍ୟକ ନଥିଲା, ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ସାହାବାମାନଙ୍କ ଉପରେ ଭୀଷଣ ଅସନ୍ତୋଷ ପ୍ରକାଶ କରିଥିଲେ ଯେ, କାହିଁକି ତୁମେ ମାନେ ଯୁଦ୍ଧ କଲ ?

ବଶିର୍ ବିନ୍ ସାଆଦ୍‌ଙ୍କ ସମ୍ବନ୍ଧରେ ତାଙ୍କ ପୁତ୍ର ହଜ୍‌ରତ୍ ନୁମାନ୍ ବିନ୍ ବଶିର୍ ର:ଅ ବର୍ଣ୍ଣନା କରୁଛନ୍ତି କି, ତାଙ୍କ ବାପା ତାଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ନେଇ କହିଲେ କି, ମୁଁ ଏହି ପୁଅକୁ ଗୋଟିଏ ଗୁଲାମ ଦେଇଛି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ କି, କ'ଣ ତୁମେ ତୁମର ସବୁ ପୁଅମାନଙ୍କୁ ଏହିପରି ଦେଇଛ କି ? ଏଥିରେ ସେ କହିଲେ ନୁହେଁ ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ତେବେ ପୁଣି ତାଙ୍କ ଠାରୁ ଏହା ଫେରାଇ ନିଅ । *(ସହ୍‌ହି ବୁଖାରୀ, କିତାବୁଲ୍ ହିବା..... ହଦିସ୍ ୨୫୮୬)*

ଆଉ ଗୋଟିଏ ରିଓ୍ୱାୟତରେ ଆସୁଛି କି, ହଜ୍‌ରତ୍ ନୁମାନ୍ ବିନ୍ ବଶୀର୍ ର:ଅ କହୁଛନ୍ତି ଯେ, ମୋ ବାପା ମୋତେ କିଛି ମାଲ୍ ପ୍ରଦାନ କଲେ । (ତାହା ମଧ୍ୟ ବୁଖାରୀର ରିଓ୍ୱାୟତ୍ ଥିଲା ଓ ଏହା ମଧ୍ୟ) ଏଥିରେ ମୋ ମା' ଅମ୍‌ରାଃ ବିନ୍‌ତ ରଓ୍ୱାହା କହିଲେ ମୁଁ ଏଥିରେ ସନ୍ତୁଷ୍ଟ ହେବି ନାହିଁ ଯେ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ:ଆ:ସଙ୍କୁ ସାକ୍ଷୀ ନ ରଖିଛ । ମୋ ବାପା ନବିକରିମ୍ ସ:ଆ:ସଙ୍କ ନିକଟକୁ ଗଲେ ଫଳତଃ ସେ ଆପଣ ସ:ଆ:ସଙ୍କୁ ମୋତେ ପ୍ରଦାନ କରିଥିବା ମାଲ୍‌ର ସାକ୍ଷୀ ବନାଇବେ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ କି, ତୁମେ ନିଜର ସବୁ ପିଲାମାନଙ୍କ ସହିତ ଏପରି କରିଛ କି, କ'ଣ ପ୍ରତ୍ୟେକଙ୍କୁ ସେତିକି ଲେଖାଏଁ ମାଲ ଦେଇଛ କି ? ସେ କହିଲେ ନୁହେଁ ଏଥିରେ ଆପଣ ସ:ଆ:ସ କହିଲେ କି, ଅଲ୍ଲାଃଙ୍କ ଭୟ ମନରେ ରଖ ଏବଂ ନିଜ ସନ୍ତାନମାନଙ୍କ ସହିତ ସମାନ ଭାବେ ବ୍ୟବହାର କର । ମୋ ବାପା ଫେରି ଆସିଲେ ଓ ମୋତେ ଦେଇଥିବା ଜିନିଷ ଫେରାଇ ନେଲେ । *(ସହ୍‌ହି ବୁଖାରୀ, କିତାବୁଲ୍ ହିବା..... ହଦିସ୍ ୨୫୮୭)*

ସହି ମୁସ୍‌ଲିମ୍‌ର ରିଓ୍ୱାୟତ୍‌ରେ ଏପରି ଅଛି କି, ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ମୋତ ସାକ୍ଷୀ ରଖ ନାହିଁ କାରଣ ମୁଁ ଜୁଲମ୍ କଥାରେ ସାକ୍ଷ୍ୟ ଦିଏ ନାହିଁ । *(ସହ୍‌ହି ମୁସ୍‌ଲିମ୍, କିତାବୁଲ୍ ହିବା..... ହଦିସ୍ ୪୧୮୨)*

ଏହି ସମସ୍ୟାର ବା ଏହି ହଦିସ୍‌ର ସ୍ପଷ୍ଟିକରଣ ଦେଇ, ବାଖ୍ୟା କରି ବା ଏହିପରି ହେବା (ଅର୍ଥାତ୍ ଦାନ) ସମ୍ବନ୍ଧରେ ସ୍ପଷ୍ଟିକରଣ କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ବହୁତ ସୁନ୍ଦର ବାଖ୍ୟା କରିଛନ୍ତି, ଯାହା ଅତ୍ୟନ୍ତ ମାର୍ଗଦର୍ଶକ ଅଟେ । ଆପଣ ର:ଅ କହୁଛନ୍ତି କି, ମୁଁ ଭାବୁଛି ଯେ, ରସୁଲେକରିମ୍ ସ:ଆ:ସଙ୍କ ଏହି ଉପଦେଶ ଗୁରୁତ୍ୱପୂର୍ଣ୍ଣ ଜିନିଷ ସମ୍ବନ୍ଧିତ ଥିଲା ଛୋଟମୋଟ ଜିନିଷ ପାଇଁ ନୁହେଁ ଉଦାହରଣ ସ୍ୱରୁପ ଯଦି ଆମେ କଦଳୀ ଖାଉଛେ ତେବେ ଏପରି ହୋଇପାରେ ଯେ ଯେଉଁ ପିଲାଟି ସମ୍ମୁଖରେ ଉପସ୍ଥିତ ଥିବ ଆମେ ତାକୁ ତାହା ଦେଇଦେବା ଓ ଅନ୍ୟ ପିଲାମାନେ ସେଥିରୁ ବଂଚିତ ରହିବେ । ହଦିସ୍‌ରେ ଘୋଡ଼ାର ଦୃଷ୍ଟାନ୍ତ ଆସିଛି ବା ଧନ ସମ୍ପତିର ଉଦାହରଣ ମିଳୁଛି ବା ଗୁଲାମର, କୌଣସି ମୁଲ୍ୟବାନ ବସ୍ତୁ ତେଣୁ ରସୁଲେକରିମ୍ ସ:ଆ:ସ ଜଣେ ବ୍ୟକ୍ତିଙ୍କୁ କହିଲେ ଯେ, ସେ ତାଙ୍କର ସବୁ ପୁଅମାନଙ୍କୁ ଗୋଟିଏ ଗୋଟିଏ ଘୋଡ଼ା ଦିଅନ୍ତୁ ଅନ୍ୟଥା କାହାକୁ ନ ଦିଅନ୍ତୁ ଏହାର କାରଣ ଏପରି ଥିଲା କି, ଆରବରେ ଘୋଡ଼ାର ମୂଲ୍ୟ ବହୁତ ଅଧିକ ଥିଲା (ଯଦି ଗୁଲାମ ତେବେ ଗୁଲାମ ମଧ୍ୟ ଗୋଟିଏ ସମ୍ପତିରୂପେ ବୁଝା ଯାଉଥିଲା ବା ଏପରି କୌଣସି ପ୍ରକାରର ମାଲ୍ ଯାହା ମୂଲ୍ୟବାନ ବସ୍ତୁ ଅଟେ । ତେଣୁ ସେଥିପାଇଁ ମନା କରାଯାଇଛି ଏବଂ ଘୋଡ଼ା ମଧ୍ୟ ଆରବରେ ବହୁତ ମୂଲ୍ୟବାନ ବସ୍ତୁ ଥିଲା) ସୁତରାଂ ଏ ନିର୍ଦ୍ଦେଶ ସେହି ସବୁ ବସ୍ତୁ ଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଯେଉଁ ଥିରେ ଜଣେ ଅନ୍ୟ ଜଣଙ୍କ ସହିତ ବିଦ୍ୱେଷ ଭାବ ସୃଷ୍ଟି କରିବାର ସମ୍ଭବ ହୋଇପାରେ । ଗୋଟିଏ ପିଲାକୁ ଦେଇଦେଲେ ଅନ୍ୟକୁ ଦେଲେ ନାହିଁ ଏଥିରେ ଜଣେ ଅନ୍ୟ ଜଣଙ୍କ ଖିଲାଫ୍‌ରେ ବିଦ୍ୱେଷ ଭାବ ରଖିପାରେ । ଆପଣ ର:ଅ ଲେଖୁଛନ୍ତି କି, ଏହା ମାମୁଲି ଜିନିଷ ସମ୍ବନ୍ଧରେ ନୁହେଁ ଉଦାହରଣ ସ୍ୱରୁପ ମନେ କର ବଜାର ଯାଇଛେ ଓ ଗୋଟିଏ ପିଲା ଆମ ସହିତ ଯାଇଛି ଏବଂ ଆମେ ତା'ପାଇଁ ଦୋକାନରୁ କୋର୍ଟ କପଡ଼ା କିଣିଦେଉଛେ ତେବେ ଏହା ସମ୍ପୂର୍ଣ୍ଣ ରୂପେ ଉଚିତ ହେବ । ଓ ଏକଥା କୁହାଯିବ ନାହିଁ ଯେ, ଯେ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ କୋର୍ଟ ଖରିଦ ନ ହୋଇଛି ଏହି ପିଲାଟିକୁ ମଧ୍ୟ କୋର୍ଟ କପଡ଼ା ଖରିଦ କରି ଦିଆଯାଇପାରିବ ନାହିଁ । ଆପଣ ର:ଅ ଲେଖୁଛନ୍ତି କି, ବେଳେବେଳେ ଆମ ନିକଟକୁ କିଛି ଉପହାର ଆସିଥାଏ ସେତେବେଳେ ଗୋଟିଏ ପିଲା ଆମ ସମ୍ମୁଖରେ ରହି କହିଥାଏ ଯେ ଏହା ମୋତେ ଦେଇଦିଆଯାଉ ତେଣୁ ଆମେ ସେହି ଉପହାର ତାକୁ ଦେଇଦଉଛେ । ଏହାର ମତଲବ ଏପରି ନୁହେଁ କି ଆମେ ଅନ୍ୟକୁ ବଂଚିତ ରଖୁଛେ ବରଂ ଏ କଥା ଜାଣୁଛେ ଯେ, ଯେବେ ଆଉ କେବେ କୌଣସି ଉପହାର ଆସେ ତେବେ ଅନ୍ୟକୁ ଦେଇ ଦିଆଯିବ । ତେଣୁ ଏହି ହୁକୁମଟି ଛୋଟ ଛୋଟ ଜିନିଷ ସମ୍ବନ୍ଧରେ ନୁହେଁ ବରଂ ବଡ଼ ବଡ଼ ଜିନିଷ ସମ୍ବନ୍ଧରେ ରହିଛି ଯେଉଁ ସବୁ ଜିନିଷ ଗୁଡ଼ିକରେ ଅନ୍ୟ କାହା ସହିତ ସ୍ୱତନ୍ତ୍ର ବ୍ୟବହାର କରିବା ଦ୍ୱାର ଆପୋଷରେ ଈର୍ଷା ଓ ବିଦ୍ୱେଷଭାବ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଥାଏ । ଆପଣ ର:ଅ କହୁଛନ୍ତି କି, ମୋର ତ' ଶୈଳୀ ଏପରି କି, ଯେତେବେଳେ ମୋର କୌଣସି ପୁତ୍ର ଯୁବକ ହୋଇଯାଏ ସେତେବେଳେ ମୁଁ ତାକୁ କିଛି ଜମି ଦେଇଦିଏ ଯଦ୍ୱାରା ସେ ସେଥିରୁ ଓ୍ୱସିୟତ୍ କରିପାରିବ । (ଜାଏଦାଦ୍ ଅର୍ଥାତ୍ ତା'ର ସମ୍ପତି ହୋଇଯିବ ଫଳତଃ ଓ୍ୱସିୟତ୍ କରି ତା'ର ଏବେ ସେ ଚାନ୍ଦା ଦେବ) ଏହାର ମତଲବ ଏହା ନୁହେଁ କି, ମୁଁ ଅନ୍ୟମାନଙ୍କୁ ସେମାନଙ୍କର ହକ୍‌ରୁ ବଂଚିତ ରଖୁଛି ବରଂ ମୁଁ ଏହା କହୁଛି ଯେ, ଯେତେବେଳେ ସେମାନେ ସାବାଳକ ହେବେ ସେତେବେଳେ ତାଙ୍କୁ ମଧ୍ୟ ଭାଗ ମିଳିଯିବ କିନ୍ତୁ ସେ ଯାହା ହେଉ ଜାଏଦାଦ୍ ଏପରି ହେବା ଉଚିତ୍ ଯାହା ବିଶେଷ ଗୁରୁତ୍ୱ ରଖୁନଥିବ ଯଦି କୌଣସି ବ୍ୟକ୍ତି ଏପରି ହେବା କରେ ଯଦ୍ୱାରା ଅନ୍ୟମାନଙ୍କ ମନରେ ବିଦ୍ୱେଷଭାବ ସୃଷ୍ଟି ହେବାର ସମ୍ଭାବନା ଥାଏ ତେବେ ପବିତ୍ର କୁର୍‌ଆନ୍‌ରେ ଏ ନିର୍ଦ୍ଦେଶ ରହିଛି କି, ସେ ତାକୁ ଫେରାଇ ନେଉ ଓ ବନ୍ଧୁବାନ୍ଧବଙ୍କର ମଧ୍ୟ ଏହା କର୍ତବ୍ୟ କି ତାକୁ ସେହି ପାପରୁ ବଂଚାନ୍ତୁ । *(ଅଲ୍‌ଫଜଲ୍ ୧୬ ଏପ୍ରିଲ୍ ୧୯୬୦ ପୃ-୫)*

ପୁଣି ଆଉଗୋଟିଏ ଅବସରରେ ଏହିପରି ହିବ୍ା କରିବାର ମାମଲା ପେଶ ହେଲା । ମୁଫ୍‌ତି ସାହେବ ପେଶ କଲେ ଏଥିରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ କହିଲେ କି, ଆମେ ଏ ସମ୍ବନ୍ଧରେ ପବିତ୍ର କୋରାନ୍ ଦେଖିବାକୁ ପଡ଼ିବ କି, ସେ ଏ ସମ୍ବନ୍ଧରେ ଅର୍ଥାତ୍ ସମ୍ପତି ବଂଟନ କରିବାରେ କି ନିର୍ଦ୍ଦେଶ ଦେଇଛି । ପବିତ୍ର କୋରାନ୍ ଏହି ପ୍ରକାରର ହିବ୍‌କୁ ବର୍ଣ୍ଣନା କରିନାହିଁ ବରଂ ସମ୍ପତି ସମ୍ବନ୍ଧରେ ବର୍ଣ୍ଣନା କରିଛି ଯାହା ସମ୍ବନ୍ଧରେ ସମସ୍ତ ହକ୍‌ଦାର ମାନଙ୍କର ହକ୍ ସମ୍ପର୍କରେ ନିର୍ଦ୍ଦିଷ୍ଟ କରାଯାଇଛି । ବେଳେବେଳେ ଲୋକମାନେ ନିଜ ଧନସମ୍ପତିକୁ ବଂଟନ କରିବା ସମୟରେ ଉପରୋକ୍ତ କଥାକୁ ଧ୍ୟାନ ଦିଅନ୍ତି ନାହିଁ ଫଳତଃ ମୋକଦ୍ଦମା ଚାଲିଥାଏ ଓ ଶତ୍ରୁତା ସୃଷ୍ଟି ହୋଇଥାଏ ।

ଏବଂ ପୁଣି ଆପଣ ର:ଅ କହୁଛନ୍ତି କି, ଏବେ ପବିତ୍ର କୋରାନ୍ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଭାଗକୁ ପରିବର୍ତନ କରାଯାଇପାରିବ ନାହିଁ ଏବେ ଦେଖିବାକୁ ପଡ଼ିବ ଯେ, ଏପରି ନିର୍ଦ୍ଦେଶ ଧାର୍ଯ୍ୟ କରିବାରେ କ'ଣ ଯଥାର୍ତତା ରହିଛି । ଉତରାଧିକାରୀ ରୂପେ କାହିଁକି ସବୁ ପୁଅମାନଙ୍କୁ ସମାନରୂପେ ମିଳିବା ଉଚିତ୍ ଏବଂ ଜଣେ ପୁଅଙ୍କ ଅଭିଯୋଗରେ କାହିଁକି ରସୁଲୁଲ୍ଲାଃ ସ:ଆ:ସ ତା'ବାପାକୁ ନିର୍ଦ୍ଦେଶ ଦେଲେ ଯେ, ତୁମେ ଆକୁ ମଧ୍ୟ ଘୋଡ଼ା ଦିଅ ନଚେତ୍ ପୁଣି ଯାହାକୁ ଦେଇଛ ତାହାଠାରୁ ନେଇଯାଅ । ଏଥିରେ ହିକ୍‌ମତ ଏହା ଥିଲା କି, ଯେଉଁ ଭଳି ସନ୍ତାନମାନଙ୍କ ପାଇଁ ମା'ବାପାଙ୍କ ଆଜ୍ଞା ପାଳନ କରିବା ଜରୁରୀ ଅଟେ ସେହିପରି ମା'ବାପା ମଧ୍ୟ ସନ୍ତାନମାନଙ୍କ ନିମନ୍ତେ ସମ ବ୍ୟବହାର କରିବା ଓ ଏକାପରି ପ୍ରେମ କରିବା ଧାର୍ଯ୍ୟ କରାଯାଇଛି । କିନ୍ତୁ ଯଦି ମା'ବାପା ଏହାର ବିପରୀତ ଅସମାନତା କାର୍ଯ୍ୟ କରୁଛନ୍ତି ଓ ଗୋଟିଏ ପଟକୁ ଢଳି ଯାଉଛନ୍ତି ତେବେ ଏହା ଦ୍ୱାରା ସମ୍ଭବତଃ ସନ୍ତାନମାନେ ନିଜର କର୍ତବ୍ୟ ସମ୍ପାଦନା କରିବାରୁ ମୁହଁ ନ ବୁଲାଇଦିଅନ୍ତୁ । ସନ୍ତାନମାନେ ବୋଧ ହୁଏ ମା'ବାପାଙ୍କର ହକ୍‌କୁ ପ୍ରଦାନ

କରୁଥିବେ କିନ୍ତୁ ଖୁସିରେ ଓ ସନ୍ତୋଷ ହୋଇ ମା'ବାପାଙ୍କ ସେବା କରିବାରେ ଆନନ୍ଦ ଅନୁଭବ କରିବେ ନାହିଁ ବରଂ ସନ୍ତାନମାନେ ଏହାକୁ ଏକ ବୋଝ ବୋଲି ଭାବି ସମ୍ପାଦନ କରିବେ । ଠିକ୍ ଅଛି ଅଲ୍ଲାଃ ତାଲା କହିଛନ୍ତି ତେଣୁ ସେବା କର । ଆମେ ସେବା କରୁଅଛୁ କିନ୍ତୁ ଖୁସିହୋଇ କରୁନାହୁଁ ।

କିଛି ଲୋକ ଲେଖୁଛନ୍ତି କି, ସନ୍ତାନମାନଙ୍କ ସହିତ ଏପରି କେତେ ଲୋକଙ୍କ ବ୍ୟବହାର କ୍ଷତିକାରକ ହୋଇଥାଏ ଓ ପ୍ରେମ, ସ୍ନେହକୁ ନଷ୍ଟ କରିଦେଇଥାଏ । ତେଣୁ ଇସ୍‌ଲାମ ଏହାକୁ ମନା କରିଛି କିନ୍ତୁ ଓ୍ୱସିୟତ୍ ଓ ହେବା ଯାହା ନିଜ ସନ୍ତାନମାନଙ୍କ ପାଇଁ କରାଯାଇନଥାଏ ବରଂ ଧର୍ମ କାର୍ଯ୍ୟପାଇଁ ଏହା କରାଯାଇଥାଏ ଅର୍ଥାତ୍ ସନ୍ତାନମାନଙ୍କ ବ୍ୟତିତ ଓ ଯେଉଁମାନେ ବୈଦ୍ଧ ଉତରାଧିକାରୀ ଅଛନ୍ତି, ସେମାନଙ୍କ ବ୍ୟତୀତ ଆପଣ ଅନ୍ୟ କାହାପାଇଁ ଓ୍ୱସିୟତ କରିପାରିବେ କାରଣ ସେହି ବ୍ୟକ୍ତି ସେଥିରୁ ନିଜେ ମଧ୍ୟ ବଂଚିତ ହୋଇଥାଏ । କେବଳ ସନ୍ତାନମାନଙ୍କୁ ହିଁ କ୍ଷତି ପହଂଚି ନଥାଏ ବରଂ ତା ନିଜକୁ ମଧ୍ୟ ପହଂଚିଥାଏ କାରଣ ସେ ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କରିଥାଏ । ତେଣୁ ସନ୍ତାନମାନେ ମଧ୍ୟ ଏଥିରେ ଦୁଃଖ କରିନଥାନ୍ତି, କିନ୍ତୁ ଯଦି ହିବା ବା ଓ୍ୱସିୟତ୍ କୌଣସି ଏକ ବିଶେଷ ଏକ ସନ୍ତାନଙ୍କ ନାମରେ କରିଦିଆଯାଏ ତେବେ ଏହା ଅବୈଦ୍ଧ ହେବ ଏଥିରେ ଗୋଟିଏ କଥା ବୁଝିବାକୁ ପଡ଼ିବ ଯେ ଏହା ଗୋଟିଏ ସାମୟିକ ଦାୟିତ୍ୱ ଯାହାକୁ ପ୍ରଦାନ କରିବା ଜରୁରୀ ହୋଇଥାଏ । ଏହାର ଉଦାହରଣ ଏପରି ବୁଝିପାରିବେ କି, ଜଣେ ବ୍ୟକ୍ତିର ଚାରିଜଣ ପୁଅ ଅଛନ୍ତି ଓ ସେ ସବୁଠାରୁ ବଡ଼ ପୁଅକୁ ଏମ୍.ଏ ଶିକ୍ଷା ଦେଲେ ଏବଂ ଅନ୍ୟ ପୁଅମାନେ ତଳ କ୍ଲାସରେ ପଢୁଥିଲେ ଯେ ତା'ର ଚାକିରୀ ଚାଲିଗଲା ବା ତା'ର ଆମଦାନୀ କମ୍ ହୋଇଗଲା ଫଳତଃ ପିଲାମାନଙ୍କର ଶିକ୍ଷା ବନ୍ଦ ହୋଇଗଲା ଏବେ ଏ ଆରୋପ ତା' ଉପରେ ଲଗା ଯାଇପାରିବ ନାହିଁ ଯେ ସେ ବଡ଼ ପୁଅ ସହିତ ଏକ ସ୍ୱତନ୍ତ୍ର ବ୍ୟବହାର କରିଥିଲା ବୋଲି ବରଂ ତାହା ତ' ସଂଯୋଗ ବଶତଃ ହୋଇଥିଲା । ତା'ର ତ ଏ ଚେଷ୍ଟା ଥିଲା ଯେ, ମୁଁ ପ୍ରଥମେ ବଡ଼ ପୁଅକୁ ପଢ଼ାଇବା ପରେ ପୁଣି ଅନ୍ୟ ପିଲାମାନଙ୍କୁ ଜଣ ଜଣ କରି ଏମ୍.ଏ ପର୍ଯ୍ୟନ୍ତ ପଢ଼ାଇବି ବା ଯେ ପର୍ଯ୍ୟନ୍ତ ପଢ଼ିପାରିବେ ସେ ପର୍ଯ୍ୟନ୍ତ ପଢ଼ାଇବି ଅର୍ଥାତ୍ ସମୟର ଆବଶ୍ୟକତା ଅନୁସାରେ ସେ ତା ଦାୟିତ୍ୱକୁ ବଂାଟି ଥିଲା । (ତା'ର ନିୟତ ଠିକ୍ ଥିଲା) ବର୍ତମାନ ଏହି କାମ କରିଦିଏ ଯେବେ ଅନ୍ୟମାନଙ୍କର ସମୟ ଆସିବ ତାକୁ କରିନେବି କିନ୍ତୁ ଅଚାନକ୍ ପରିସ୍ଥିତି ବଦଳିଗଲା ଯଦ୍ୱାରା ସେ ନିଜର ଇଚ୍ଛାକୁ ପୂରଣ କରିପାରିଲା ନାହିଁ । କିନ୍ତୁ ଏହାର ବିପରୀତ ଜଣେ ବାପା ନିଜର ବଡ଼ ପୁଅକୁ, ଯିଏ ପାରିବାରିକ ହୋଇସାରିଲାଣି, ତା'କୁ ୨୦୦୦ ଟଙ୍କା ଦେଇ ଅଲଗା କରିଦେଉ କି, ତୁମେ ଏହାକୁ ନେଇ ବାଣିଜ୍ୟ କର କିନ୍ତୁ ଯେତେବେଳେ ଅନ୍ୟ ପୁଅ ପରିବାର କରେ ତା'କୁ କିଛି ଦେବ ନାହିଁ, ତାହା ହେଲେ ଏହା ଅନୁଚିତ୍ କାର୍ଯ୍ୟ ଓ ସ୍ୱତନ୍ତ୍ର ବ୍ୟବହାର ହେବ । ସେ ଯାହା ହେଉ ହିବା ସମ୍ବନ୍ଧରେ ବା ଖାସ୍ ସମ୍ପତି ସମ୍ବନ୍ଧରେ ଏହା ହେଉଛି ଫିକ୍‌ହି ମସ୍‌ଅଲା ଅର୍ଥାତ୍ ଏହା ଏକ ଧାର୍ମିକ ଧାର୍ଯ୍ୟ କର୍ତବ୍ୟ ଯାହାକୁ ପ୍ରତ୍ୟେକ ବ୍ୟକ୍ତି ସମ୍ପତି ବଂଟନ ସମୟରେ ବା ହିବା କରିବା ସମୟରେ ବା ଓ୍ୱସିୟତ୍ କରିବା ସମୟରେ ରଖିବା ଉଚିତ୍ । *(ଫରମୁଦାତ୍ ମୁସ୍‌ଲେହ ମଉଦ୍ ର:ଅ ସଂକଳକ ସୟଦ ଶମ୍‌ସୁର୍ ହକ୍ ସାହେବ ମୁରବି ସିଲ୍‌ସିଲା ପୃ-୩୧୬-୩୧୭)*

ଖନ୍ଦକ ଯୁଦ୍ଧ ଅବସରରେ ଏ ରିଓ୍ୱାୟତ ମିଳୁଛି କି, ହଜ୍‌ରତ୍ ବଶିର ବିନ୍ ସାଆଦ୍‌ଙ୍କ ଝିଅ ବର୍ଣ୍ଣନା କରୁଛନ୍ତି କି, ମୋ ମା'ଅମ୍‌ରାଃ ବିନ୍‌ତ ରଓ୍ୱାହା ମୋ କପଡ଼ାରେ ଅଳ୍ପ କିଛି ଖଜୁର ଦେଇ କହିଲେ କି, ଝିଅ ଏହାକୁ ନେଇ ନିଜ ବାପା ଓ ମାମୁଁଙ୍କୁ ଦେଇ ଦିଅ ଓ କୁହ କି, ଏହା ହେଉଛି ତୁମର ସକାଳ ବେଳର ଖାଦ୍ୟ । ତାଙ୍କ ଝିଅ କହୁଛନ୍ତି ମୁଁ ସେହି ଖଜୁର ଗୁଡ଼ିକୁ ନେଇ ଗଲି ଓ ନିଜ ବାପା ଓ ମାମୁଁଙ୍କୁ ଖୋଜିଖୋଜି ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟଦେଇ ଯାଉଥିଲି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଲେ କି, ହେ ଝିଅ ! ତମ ପାଖରେ କ'ଣ ରଖିଛ ? ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ଏହା ତ' ଖଜୁରୀ ଅଟେ । ମୋ ମା' ଏହାକୁ ମୋ ବାପା ବଶିର୍ ବିନ୍ ସାଆଦ୍ ଏବଂ ମୋ ମାମୁଁ ଅବଦୁଲ୍ଲାଃ ବିନ୍ ରଓ୍ୱାହାଙ୍କ ପାଇଁ ଦେଇ ପଠାଇଛନ୍ତି । ଏଥିରେ ରସୁଲୁଲ୍ଲା ସ:ଆ:ସ କହିଲେ ଆଣ ମୋତେ ଦେଇଦିଅ । ମୁଁ ସେହି ଖଜୁରୀ ଗୁଡ଼ିକୁ ଆପଣ ସ:ଆ:ସଙ୍କ ଦୁଇ ହାତରେ ରଖିଦେଲି ଆଁ ହଜ୍‌ରତ୍ ସ:ଆ:ସ ସେହି ଖଜୁରୀଗୁଡ଼ିକୁ ଗୋଟିଏ କପଡ଼ାରେ ପକାଇଦେଲେ ଓ ପୁଣି ସେହି ସବୁ ଉପରେ ଆଉଗୋଟିଏ କପଡ଼ା ଢାଙ୍କି ଦେଲେ ତା'ପରେ ଜଣେ ବ୍ୟକ୍ତିକୁ କହିଲେ କି, ଲୋକମାନଙ୍କୁ ଖାଇବାପାଇଁ ଡାକି ଆଣ । ସୁତରାଂ ଖନ୍ଦକ ଖୋଳୁଥିବା ସମସ୍ତ ଲୋକମାନେ ଏକାଠି ହୋଇ ସେହି ଖଜୁରୀକୁ ଖାଇବାକୁ ଲାଗିଲେ ଓ ସେହି ଖଜୁରୀଗୁଡ଼ିକ ଅଧିକା ହୋଇଚାଲିଥାଏ ଏପରି କି, ଯେତେବେଳେ ଖନ୍ଦକ ନିବାସି ଖାଇ ସାରିଲେ ସେତେବେଳେ ଖଜୁରୀକୋଳି ଗୁଡ଼ିକ କପଡ଼ାର କୋଣ ଦେଇ ତଳକୁ ଖସି ପଡୁଥିଲେ । ଏହି ପରି ବର୍‌କତ ସେଥିରେ ହେଲା । *(ସିରତ୍ ଇବ୍‌ନେ ହୁଶାମ୍, ପୃ-୪୫୪-୪୫୫..... ହଫରୁଲ୍ ଖନ୍ଦକ୍, ମୁଦ୍ରଣ ଦାରେ ଇବ୍‌ନେ ହଜମ୍ ବେରୁତ୍ ୨୦୦୯)*

ହଜ୍‌ରତ୍ ଅବୁବକର୍ ସିଦିକ୍ ର:ଅଙ୍କ ଖିଲାଫ୍‌ତ ସମୟରେ ବାର ହିଜ୍‌ରିରେ ହଜ୍‌ରତ୍ ବଶିର୍ ର:ଅ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ ର:ଅଙ୍କ ସହିତ ଅଏନୁଲ୍ ତମର୍ ଯୁଦ୍ଧରେ ସାମିଲ ହୋଇଥିଲେ ଏବଂ ସେ ଶହିଦ୍ ହୋଇଥିଲେ । *(ଅସାବାଃ ଖଣ୍ଡ-୧ ପୃ-୪୪୨, ବଶିର୍ ବିନ୍ ସାଆଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୫)*

ଅଏନୁଲ୍ ତମର୍ ହେଉଛି କୁଫାଃ ନିକଟରେ ଗୋଟିଏ ସ୍ଥାନ । ମୁସଲ୍‌ମାନମାନେ ୧୨ ହିଜିରିରେ ହଜ୍‌ରତ୍ ଅବୁବକର୍ ର:ଅଙ୍କ ଖିଲାଫ୍‌ତ ସମୟରେ ସେହି ଇଲାକା ଉପରେ ବିଜୟ ପ୍ରାପ୍ତ କରିଥିଲେ । *(ମୁଅଜମୁଲ୍ ବଲ୍‌ଦାନ, ଖଣ୍ଡ-୪, ପୃ-୧୯୯ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍)*

ରସୁଲୁଲ୍ଲାଃ ସ:ଆ:ସ ଯେବେ ଉମ୍‌ରାଃ କଜା ନିମନ୍ତେ ୭ ହିଜ୍‌ରିରେ ଜିଲ୍‌କାଦାଃ ବାହାରିଲେ. ସେତେବେଳେ ଆପଣ ସ:ଆ:ସ ହଜ୍‌ରତ୍ ବଶିର୍ ବିନ୍ ସାଆଦ୍‌ଙ୍କ ଅଧକ୍ଷତାରେ ପୂର୍ବରୁ ଆସବାବ ହତିୟାର ଇତ୍ୟାଦି ପଠାଇଦେଇଥିଲେ । *(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୦୩, ବଶିର୍ ବିନ୍ ସାଆଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

ଉମ୍‌ରାଃ (ଅର୍ଥାତ୍ ଖାନା କାବାର ପରିକ୍ରମା) କଜାର ବାଖ୍ୟା ହେଉଛି ଏପରି କି, ହୁଦବିୟାଠାରେ ଯେଉଁ ସୁଲାହ୍ ନାମା ଲେଖାଯାଇଥିଲା, ସେଥିଯୋଗୁଁ ସେତେବେଳେ ଉମ୍‌ରାଃ ହୋଇପାରିନଥିଲା । ସେଥିରେ ଗୋଟିଏ ଟିପ୍ପଣି ଏହା ମଧ୍ୟ ଥିଲା କି ଆସନ୍ତା ବର୍ଷ ଆଁ ହଜ୍‌ରତ୍ ସ:ଆ:ସ ମକ୍କାରେ ଆସି ଉମ୍‌ରାଃ କରିବା ପାଇଁ ମକ୍କା ବାହାରିଲେ ଓ ଏ ଘୋଷଣା କଲେ କି ଯେଉଁ ଲୋକମାନେ ହୁଦବିୟାଠାରେ ଯୋଗଦେଇଥିଲେ, ସେମାନେ ସମସ୍ତେ ମୋ ସହିତ (ଉମ୍‌ରାଃ ନିମନ୍ତେ) ଯିବେ । ସୁତରାଂ ଯେଉଁମାନେ ଖୈବର୍ ଯୁଦ୍ଧରେ ଶହିଦ୍ ହୋଇଯାଇଥିଲେ ବା ମୃତ୍ୟୁ ବରଣ କରିସାରିଥିଲେ, ସେ ସମସ୍ତଙ୍କୁ ବାଦ ଦେଇ ବାକି ସମସେ୍ ଉମ୍‌ରାଃ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । କିଛି ଲୋକଙ୍କୁ ଅସ୍ତ୍ରଶସ୍ତ୍ର ଦେଇ ଆଗରେ ପଠାଇଦେଲେ ଏବେ ପ୍ରଶ୍ନ ଉଠୁଛି ଯେ ଉମ୍‌ରାଃ କରିବା ପାଇଁ ଅସ୍ତ୍ରଶସ୍ତ୍ର କ'ଣ ଆବଶ୍ୟକତା ଥିଲା ? ଏ ବାବଦରେ ଯେଉଁ କଥା ମିଳୁଛି ତାହା ହେଉଛି ଏପରି କି ହଜୁର୍ ସ:ଆ:ସଙ୍କୁ ଯେହେତୁ କୁଫାରେ ମକ୍କା (ଅର୍ଥାତ୍ ମକ୍କାର ଅବିଶ୍ୱାସୀ ଅଧିବାସୀ)ଙ୍କ ଉପରେ ଭରସା ନଥିଲା ଯେ ସେମାନେ ତାଙ୍କ ପ୍ରତିଶୃତିକୁ ପାଳନ କରିବେ ବୋଲି, ସେଥିପାଇଁ ଆପଣ ସ:ଆ:ସ ଯୁଦ୍ଧର ପୂର୍ଣ୍ଣ ପ୍ରସ୍ତୁତି କରି ଯାହା ଅସ୍ତ୍ରଶସ୍ତ୍ର ନେବାର ଥିଲା ତାହାସବୁ ନେଇକରି ଗଲେ ଓ ଯାତ୍ରା କରିବା ସମୟରେ ଜଣେ ସାହାବାଙ୍କୁ, ଯାହାଙ୍କ ନାମ ଅବୁ ରହମ୍ ଶାଫାରି ଥିଲା ତାଙ୍କୁ ମଦିନାର ହାକିମ୍ ନିୟୋଜିକ କଲେ ଓ ଏକ ଶହ ଘୋଡ଼ା ଆରୋହଣକାରୀ ସମେତ ଦୁଇହଜାର ମୁସଲ୍‌ମାନମାନଙ୍କ ସହିତ ଆପଣ ସ:ଆ:ସ ମକ୍କା ଅଭିଯାନରେ ଗଲେ । ସାଥିରେ ୬୦ଟି ଓଟ କୁର୍ବାନୀ କରିବା ପାଇଁ ନେଲେ । ଯେବେ କୁଫାରେ ମକ୍କାଙ୍କୁ ଏ ଖବର ମିଳିଲା ଯେ ହଜୁର୍ ସ:ଆ:ସ ଯୁଦ୍ଧ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଧରି ମକ୍କା ଆସୁଛନ୍ତି, ସେମାନେ ବହୁତ ଘାବେରା ଛାନିଆ ହୋଇ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ଓ ସେମାନେ କିଛି ଲୋକଙ୍କୁ ପରିସ୍ଥିତିର ଅନୁଧ୍ୟାନ କରିବା ପାଇଁ ମର୍‌ରନ୍ ଜହ୍‌ରାନ୍ ପର୍ଯ୍ୟନ୍ତ ପଠାଇଲେ । ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ ଯିଏ ଏ ଅଭିଯାନର ଅଫିସର ଥିଲେ, ତାଙ୍କୁ କୁରୈଶ୍‌ର ପ୍ରତିନିଧିମାନେ ସାକ୍ଷାତ କଲେ । ସେ ସେମାନଙ୍କୁ ସାନ୍ତ୍ୱନା ଦେଲେ କି ନବି କରିମ୍ ସ:ଆ:ସ ସୁଲାହ୍ ନାମାର ସର୍ତ ମୁତାବକ ବିନା କୌଣସି ଯୁଦ୍ଧାସ୍ତ୍ର ନେଇ ମକ୍କାରେ ପ୍ରବେଶ କରିବେ । ଏହା ଶୁଣି କୁଫାରମାନେ ଶାନ୍ତିରେ ନିଃଶ୍ୱାସ ମାରିଲେ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ଯେବେ ଭଜଜ୍ ନାମଙ୍କ ସ୍ଥାନରେ ପହଂଚିଲେ, ଯାହା ମକ୍କାଠାରୁ ଆଠ ମାଇଲ୍ ଦୂରତାରେ ଅବସ୍ଥିତ ସେଠାରେ ସବୁ ଅସ୍ତ୍ରଶସ୍ତ୍ରକୁ ରଖିଦେଲେ ଓ ବଶିର୍ ବିନ୍ ସାଆଦ୍‌ଙ୍କ ତତ୍ୱାବଧାନରେ କେତେକ ସାହାବାମାନଙ୍କୁ ସେହି ସବୁ ଅସ୍ତ୍ରଶସ୍ତ୍ରର ସୁରକ୍ଷା ନିମନ୍ତେ ନିୟୋଜିତ କରିଦେଲେ । ନିଜ ସହିତ କେବଳ ଗୋଟିଏ ତରବାରୀ ବ୍ୟତୀତ ଆଉ କୌଣସି ଅସ୍ତ୍ରଶସ୍ତ୍ର ରଖିଲେ ନାହିଁ ଓ ସାହାବାମାନଙ୍କ ମେଳରେ ଲବେକ୍ ପାଠକରି ହରମ୍ (ଅର୍ଥାତ ଖାନା କାବାର ପରିସର) ଆଡ଼କୁ ବଢ଼ିଲେ । କୁହାଯାଏ କି ଯେତେବେଳେ ରସୁଲେ କରିମ୍ ସ:ଆ:ସ ବିଶେଷ ହରମ ଅର୍ଥାତ୍ ଖାନା କାବାରେ ପ୍ରବେଶ କଲେ ସେତେବେଳେ କୁରୈଶ୍ର କିଛି କୁଫାର କ୍ରୋଧିତ ହୋଇ ଏ ଦୃଶ୍ୟକୁ ଦେଖି ସହ୍ୟ କରିପାରିଲେ ନାହିଁ ଓ ପାହାଡ଼ ଉପରକୁ ଚାଲିଗଲେ ଯେ ଆମେ ମୁସଲ୍‌ମାନ ମାନଙ୍କୁ ଏପରି ତଓ୍ୱାଫ୍ କରିବାର ଅର୍ଥାତ୍ ଖାନା କାବାର ପରିକ୍ରମା କରିବାର ଦେଖିବାକୁ ସହ୍ୟ କରିପାରିବୁ ନାହିଁ । ଆଉ କିଛି କୁଫାର୍ ତାଙ୍କ ପରାମର୍ଶ ଗୃହ ଭିତରେ ଏକତ୍ରିତ ହେଲେ । ସେଠାରେ ଏକାଠି ହୋଇ ଏକଶ୍ୱରବାଦରେ ପରିପୂର୍ଣ୍ଣ ମୁସଲ୍‌ମାନମାନଙ୍କୁ ଆଶ୍ଚର୍ଯ୍ୟଚକିତ ନୟନରେ ଦେଖିବାକୁ ଲାଗିଲେ ଓ ଆପୋଷରେ ଏ କଥା ହେଉଥିଲେ କି ଏହି ମୁସଲମାନମାନେ କଣ ଭଲା ତଓ୍ୱାଫ୍ କରିବେ । ସେମାନଙ୍କୁ ତ ଭୋକ ଓ ମଦିନାର ଜ୍ୱର ବଳି ଦେଇଛି ଅର୍ଥାତ୍ ବହୁତ ଦୃବଳଶ୍ରେଶୀର ଲୋକ । ହଜୁର ସ:ଆ:ସ ମସ୍‌ଜିଦ୍ ହରାମ୍‌ରେ ପହଂଚି ଇଦ୍‌ତିବାଅ କରିନେଲେ ଅର୍ଥାତ୍ ଚାଦରକୁ ଏପରି ଘୋଡ଼ାଇ ହୋଇଗଲେ କି ଆପଣ ସ:ଆ:ସ ଡ଼ାହାଣ କାନ୍ଧ ଏବଂ ବାହୁ ଖୋଲା ରହିଲା ଓ ଆପଣ ସ:ଆ:ସ କହିଲେ ପ୍ରଭୁ ଆ ଉପରେ ନିଜର କରୁଣା ଅବତୀର୍ଣ୍ଣ କରନ୍ତୁ ଯିଏ ଏହି କୁଫାରଙ୍କ ସମ୍ମୁଖରେ ଶକ୍ତି ପ୍ରଦର୍ଶନ କରିବ । ଅର୍ଥାତ କୁଫାରମାନେ ଯେଉଁ କଥା ହେଉଛନ୍ତି କିନ୍ତୁ ତୁମେମାନେ ନିଜ ଶକ୍ତିକୁ ପ୍ରଦର୍ଶନ କର । ଏପରି ଶକ୍ତି ପ୍ରଦର୍ଶନ କର କି ତୁମର ଏହି ଦୃବଳଶରୀର ତାଙ୍କୁ ଦେଖା ନ ଯାଏ ବରଂ ବଳିଷ୍ଠ ଶରୀର ଦେଖାଯାଉ ବା ଚଉଡ଼ା କାନ୍ଧ ଦେଖାଯାଉ । ପୁଣି ଆପଣ ସ:ଆ:ସ ପ୍ରାରମ୍ଭିକ ତିନି ଫେରାରେ (ଅର୍ଥାତ୍ ପ୍ରଥମ ତିନିଥର ଖାନା କାବାର ପରିକ୍ରମାରେ) କାନ୍ଧକୁ ଦୋହଲାଇ ଖୁବ୍ ଠାଣି ଦେଖାଇ ତଓ୍ୱାଫ୍ କଲେ । ଆରବୀ ଭାଷାରେ ଏପରି ଶୈଳୀକୁ 'ରମଲ' କୁହାଯାଏ । ସୁତରାଂ ଏହି ସୁନ୍ନତ (ଅର୍ଥାତ୍ କାର୍ଯ୍ୟନମୁନା) ଏ ପର୍ଯ୍ୟନ୍ତ ଜାରି ରହିଛି ଓ କୟାମତ୍ ପର୍ଯ୍ୟନ୍ତ ରହିବ ଯେ କାବାର ପରିକ୍ରମା କରୁଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରାରମ୍ଭିକ ତିନିଥର ପରିକ୍ରମା 'ରମଲ' କରିବ । ଏହା ହେଉଛି ତା'ର କାରଣ । *(ଶରହ୍ ଜର୍‌କାନୀ.... ଖଣ୍ଡ-୩, ପୃ- ୩୧୪ ରୁ ୩୧୭, ୩୨୧ ରୁ ୩୨୩..... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୬), (ସିରତେ ଇବ୍‌ନେ ହୁଶାମ୍... ପୃ-୫୨୯.... ମୁଦ୍ରଣ ଦାରେ ଇବ୍‌ନେ ଜଜମ୍ ବେରୁତ୍ ୨୦୦୯)* (ଲୁଗାତୁଲ୍ ହଦିସ୍ ଖଣ୍ଡ-୨, ପୃ-୧୬୩, ମୁଦ୍ରଣ ନୁମାନି କୁତୁବ୍‌ଖାନା ଲାହୋର୍ ୨୦୦୫)

ଆଁ ହଜ୍‌ରତ୍ ସ:ଆ:ସ କେତେଥର ଉମ୍‌ରାଃ କରିଛନ୍ତି ? ଏ ସମ୍ବନ୍ଧରେ ବୁଖାରୀରେ ଯେଉଁ ହଦିସ୍ ଅଛି, ରାଓ୍ୱି ବର୍ଣ୍ଣନା କରୁଛନ୍ତି କି: ମୁଁ ହଜ୍‌ରତ୍ ଅନସ୍ ର:ଅଙ୍କୁ ପଚାରିଲି ଯେ ନବୀ କରିମ୍ ସ:ଆ:ସ କେତେଥର ଉମ୍‌ରାଃ କରିଛନ୍ତି ? ଏହାର ଉତରରେ ସେ କହିଲେ ଚାରିଥର । ଉମ୍‌ରାଃ ହୁଦବିୟା ଜୁଲ୍‌କାଦାଃରେ କଲେ । ଯଦି ଏହା ଉମ୍‌ରାଃ ତ ହୋଇପାରିନଥିଲା କିନ୍ତୁ ତାହାକୁ ଉମ୍‌ରାଃ ରୂପେ ଏଥିପାଇଁ ଗଣାଯାଇଥାଏ କି ସେଠାରେ କୁର୍ବାନୀ ଇତ୍ୟାଦି କାର୍ଯ୍ୟ କରାଯାଇଥିଲା । ମୁଣ୍ଡ ଲଣ୍ଡା ହୋଇଥିଲେ ତେଣୁ ଏହି ସବୁ କାରଣ ଯୋଗୁଁ ତାହାକୁ କିଛିଲୋକ ଉମ୍‌ରାଃ ରୂପେ ବିବେଚନା କରିଛନ୍ତି । ପୁଣି କହୁଛନ୍ତି ଦ୍ୱିତୀୟ ଉମ୍‌ରାଃ ହେଉଛି ଯେବେ ମୁଶ୍‌ରିକ ମାନେ ଆପଣ ସ:ଆ:ସଙ୍କୁ ସୁଲାହ୍ ହୁଦିବୟାଠାରେ ରୋକିଥିଲେ । ସେହି ଉମ୍‌ରାଃ ଦ୍ୱିତୀୟ ବର୍ଷ ଜୁଲ୍‌କାଦାଃ ମାସରେ ହେଲା । ପ୍ରଥମବର୍ଷ ହୁଦବିୟାଠାରେ ଉମ୍‌ରାଃ ହୋଇପାରିନଥିଲା । କେବଳ କୁର୍ବାନୀ ଇତ୍ୟାଦି କାର୍ଯ୍ୟ ହୋଇଥିଲା । ଦ୍ୱିତୀୟ ଉମ୍‌ରା ଜୁଲ୍‌କାଦାଃ ମାସରେ ଦ୍ୱିତୀୟ ବର୍ଷ ସେତେବେଳେ ହେଲା ଯେବେ ଆପଣ ସ:ଆ:ସ ସେମାନଙ୍କ ସହିତ ସୁଲାହ୍ କଲେ । ପୁଣି ଆଗକୁ ଲେଖିଛନ୍ତି ଉମ୍‌ରାଃ ଯିରାନଃ ଯେବେ ଆପଣ ମାଲେ ଗନିମତ୍ ବଂଟନ କଲେ । ସେ

କହୁଛନ୍ତି କି ମୋ ମତରେ ତାହା ହୁନୈନ୍ ଯୁଦ୍ଧର ଗନିମତ୍ ଥିଲା । ସେତେବେଳେ ମଧ ଉମ୍ରାଃ କରିଛନ୍ତି । ମୁଁ ନିବେଦନ କଲି କି ଆପଣ ସ:ଆ:ସ କେତେଥର ହଜ୍ କରିଛନ୍ତି ? ଅର୍ଥାତ୍ ରାଓ୍ୱି ପଚାରିଲେ । ସେ କହିଲେ ହଜ୍ ଗୋଟିଏ ଥର କରିଥିଲି । ହଜ୍ କରିବା ସମୟରେ ମଧ ଉମ୍ରାଃ ପାଳନ କରିଥିଲି । ଏହିପରି ଚାରିଥର ଉମ୍ରାଃ କରିଥିଲେ ବୋଲି କେତେକଙ୍କ ମତ । ଆଉ କେତେକ କେବଳ ଦୁଇଥର ଗଣିଛନ୍ତି । (ସହ୍ହି ବୁଖରୀ, କିତାବୁଲ୍ ଉମ୍ରାଃ.... ହଦିସ୍ ୧୭୭୮-୧୭୭୯)

ହଜ୍‌ରତ୍ ବଶିର୍ ବିନ୍ ସାଆଦ୍ ଅନ୍‌ସାରୀମାନଙ୍କ ମଧ୍ୟରୁ ପ୍ରଥମ ବ୍ୟକ୍ତିଥିଲେ ଯିଏ ହଜ୍‌ରତ୍ ଅବୁବକର ସିଦ୍ଧିକ୍ ର:ଅଙ୍କ ହାତରେ ସକିଫାଃ ବନୁ ସାଆଦା ଦିନ ବୟତ କରିଥିଲେ । *(ଇସ୍ତିୟାବ୍ ଖଣ୍ଡ-୧, ପୃ-୧୭୨-୧୭୩ ବଶିର୍ ବିନ୍ ସାଆଦ୍ ମୁଦ୍ରଣ, ଦାରୁଲ୍ ଯୈଲ୍ ବେରୁତ ୧୯୯୨)*

ସକିଫାଃ ବନୁ ସାଆଦ୍ଃ କ'ଣ ? ଏ ସମ୍ବନ୍ଧରେ ଉଲ୍ଲେଖ ଅଛି କି ମଦିନାରେ ଏହା ବନୁ ଖଜ୍‌ରଜ୍‌ର ବସିବାସ୍ଥାନ ଥିଲା । (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୩, ପୃ-୨୫୯ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ) । ସେ ଯାହାହେଉ ତାହା ଏକ କୋଠରୀ ଥଲା ବା ସେ ସମୟ ମୁତାବକ ଶେଡ୍ (Shade) ଥିଲା । ନବୀ କରିମ୍ ସ:ଆ:ସଙ୍କ ଦେହାନ୍ତ ପରେ ସକିଫାଃ ବନୁ ସାଆଦାଃ ଠାରେ ବନୁ ଖଜ୍‌ରଜ୍ ନବି କରିମ୍ ସ:ଆ:ସଙ୍କ ଉତରାଧିକାରୀ ପ୍ରସଙ୍ଗରେ ଗୋଟିଏ ବୈଠକ ଅନୁଷ୍ଠିତ କରିଥିଲା । ଏହି ବୈଠକରେ ଖଦର ହଜ୍‌ରତ୍ ଉମ୍ର ର:ଅଙ୍କୁ ଦିଆଗଲା । ତତ୍‌ସହିତ ଏହା କୁହାଗଲା ଯେ ଏପରି ହୋଇପାରେ କି ମୁନାଫିକ୍ ଓ ଅନ୍‌ସାର୍‌ମାନଙ୍କ ଯୋଗୁଁ କୌଣସି ପ୍ରକାରର ବିଭ୍ରାଟ ନ ଉପୁଜୁ ଏଥିରେ ହଜ୍‌ରତ୍ ଉମର୍ ଫାରୁକ ର:ଅ ହଜ୍‌ରତ୍ ଅବୁବକର୍ ସିଦ୍ଧିକ୍ ର:ଅଙ୍କୁ ସାଥିରେ ନେଇ ସକିଫାଃ ବନି ସାଆଦାଃ ଗଲେ । ସେଠାରେ ପହଂଚି ଜାଣିବାକୁ ପାଇଲେ କି ବନୁ ଖଜ୍‌ରଜ୍ ଉତରାଧକାରୀ ହେବାର ଦାବି କରିଛନ୍ତି ଓ ବନୁ ଅଓସ୍ ତାଙ୍କ କଥାକୁ ବିରୋଧ କରୁଛି । ଏମାନେ ଆପୋଷରେ ମଦିନାର ଅନ୍‌ସାରମାନଙ୍କ ଦୁଇଟି କବିଲା ଥିଲେ । ଏହି ଅବସରରେ ଜଣେ ଅନ୍‌ସାରୀ ସାହାବି ନବି କରିମ୍ ସ:ଆ:ସଙ୍କ ସେହି ବଚନକୁ ମନେ ପକାଇଦେଲେ କି ଶାସକ ଅର୍ଥାତ୍ ଉତରାଧିକାରୀ କୁରୈଶ୍‌ମାନଙ୍କ ମଧ୍ୟରୁ ହେବେ । ଏହି କଥା ଚାଲିଥିବା ବେଳେ ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ହୃଦୟଙ୍ଗମ କଲେ । ଅନ୍‌ସାର୍‌ମାନେ ନିଜର ଦାବିରୁ ଓହରିଗଲେ ଓ ସମସ୍ତେ ତତ୍‌କ୍ଷଣାତ୍ ହଜ୍‌ରତ୍ ଅବୁବକର୍ ତିନି ଦିନ ପର୍ଯ୍ୟନ୍ତ ଏ ଘୋଷଣା କରିଚାଲିଥିଲେ କି ସେ ସକିଫାଃ ବନି ସାଆଦାଃଙ୍କ ବୟତରୁ ସ୍ୱାଧିନ । ଯଦି କାହାରିକୁ ଆପତି ଅଛି ସେ ବତାଇଦେଉ । କିନ୍ତୁ କାହାକୁ ଆପତି ନଥିଲା । ଏହି କଥା ଡ଼ାଃ ହମିଦୁଲ୍ଲାଃଙ୍କ ପୁସ୍ତକରୁ ଉଦ୍ଧୃତ ଅଛି ଯାହା ଗୋଟିଏ ସ୍ଥାନରେ ସଂକ୍ଷେପରେ ଚର୍ଚ୍ଚା କରାଯାଇଛି ।

*(ସିରତେ ଇବ୍‌ବେ ହୁଶାମ୍, ପୃ-୬୬୮, ଅମର୍ ସକିଫାଃ ବନି ସାଆଦଃ ମୁଦ୍ରଣ ଦାରେ ଇବ୍‌ନେ ହଜମ୍ ବେରୁତ୍ ୨୦୦୯), (ପୁସ୍ତକ ରସୁଲୁଲ୍ଲାଃ ସ:ଆ:ସଙ୍କ ଶାସନ ଏବଂ ଉତରାଧିକାରୀ ଲେଖକ ଡ଼ାଃ ମୁହମ୍ମଦ୍ ହମିଦୁଲ୍ଲାଃ ଅନୁବାଦକ ପ୍ରଫେସର୍ ଖାଲିଦ୍ ପର୍‌ୱେଜ୍, ପୃ-୧୫୫-୧୬୬, ମୁଦ୍ରଣ ମକ୍‌ତବୁଲ୍ ରହ୍‌ମାନିୟା ଲାହୋର୍ ୨୦୦୬)*

କିନ୍ତୁ ତାହାର ଆହୁରି ଅଧିକ ବାଖ୍ୟା ଏପରି ରହିଛି କି, ଯେବେ ଏହି ସମସ୍ତ ଘଟଣା ଘଟିଲା ଅର୍ଥାତ୍ ଆପୋଷରେ ବୈଠକ ହେଉଥିଲା ସେତେବେଳେ ମୁନାଫିକ୍‌ମାନେ ଅନ୍‌ସାର୍‌ମାନଙ୍କୁ ଉସୁକାଇବା ପାଇଁ ଚେଷ୍ଟା କରୁଥିଲେ, ସେତେବେଳେ ହଜ୍‌ରତ୍ ଉମର ର:ଅଙ୍କ ସହିତ ହଜ୍‌ରତ୍ ଅବୁବକର୍ ସେଠାରେ ପହଂଚିଗଲେ । ଅନ୍‌ସାର୍‌ମାନେ ସେମାନଙ୍କ ସମ୍ମୁଖରେ ପୁଣି ନିଜର ରାୟକୁ ପ୍ରକାଶ କଲେ । ହଜ୍‌ରତ୍ ଅବୁବକର୍ ର:ଅ ମଧ ନିଜର ରାୟ ଜାହିର୍ କଲେ । ଏହି ସମସ୍ତ ଘଟଣାବଳୀରୁ ଏ କଥା ଆକଳନ ହେଉଅଛି ଯେ, ଅନ୍‌ସାର ଏବଂ ମୁହାଜିର୍‌ମାନେ ସମସ୍ତେ ଇସ୍‌ଲାମର ହିତ ନିମନ୍ତେ ଚିନ୍ତା କରୁଥିଲେ । ମୁନାଫିକ୍‌ମାନେ ଏ କଥା ଭାବୁଥିଲେ କି, କିପରି ବିଭ୍ରାଟ ସୃଷ୍ଟି କରିବେ କିନ୍ତୁ ଅନ୍‌ସାର୍‌ମାନଙ୍କ ଭିତରୁ ଯେଉଁମାନେ ମୁମିନ୍ ଥିଲେ, ସେମାନେ ତ ଇସ୍‌ଲାମ୍‌ର ହିତ କଥା ଚିନ୍ତା କରୁଥିଲେ କି, ଖିଲାଫତ୍ ବା ଇମାମତ୍‌ର ସ୍ଥାପନ ଜରୁରି ଅଟେ, ତାହା ଅନ୍‌ସାରଙ୍କ ମଧ୍ୟରୁ ହେଉ ବା ମୁହାଜିର୍‌ମାନଙ୍କ ମଧ୍ୟରୁ ହେଉ । ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ଖିଲାଫତ୍‌ର ବ୍ୟବସ୍ଥାକୁ ସେମାନେ ଚାହୁଁଥିଲେ ଏବଂ ସେମାନେ ଗୋଟିଏ ଦିନ ମଧ ଜମାତ୍ ଓ ଅମୀର୍ ବିନା ବିତାଇବାକୁ ଚାହୁଁନଥିଲେ । ସୁତରାଂ ସେମାନଙ୍କର ଗୋଟିଏ ଏ ରାୟ ଥିଲା କି, ଅନ୍‌ସାର୍‌ଙ୍କ ମଧ୍ୟରୁ ଅମୀର ହୁଅନ୍ତୁ ଏବଂ ଦ୍ୱିତୀୟ ରାୟ ଏହା ଥିଲା କି, ମୁହାଜିର୍‌ମାନଙ୍କ ମଧ୍ୟରୁ ଅମୀର ହୁଅନ୍ତୁ, କାରଣ ସେମାନଙ୍କ ବିନା ଆରବର ଲୋକମାନେ ଅନ୍ୟ କୌଣସି ନେତୃତ୍ୱକୁ ଗ୍ରହଣ କରିବେ ନାହିଁ । ଏତତ୍ ଭିନ୍ନ ତୃତୀୟ ରାୟ ଏହା ମଧ ଥିଲା କି, ଦୁଇ ଜଣ ଅମୀର୍ ହୁଅନ୍ତୁ ଜଣେ ଅନ୍‌ସାରଙ୍କ ମଧ୍ୟରୁ ଓ ଆଉ ଜଣେ କୁରୈଶଙ୍କ ମଧ୍ୟରୁ । ଏଠାରେ ମୁହାଜିର୍‌ମାନେ ଅନ୍‌ସାରଙ୍କୁ ଏହା ମଧ ବତାଇଲେ କି, ବର୍ତମାନ କୁରୈଶରୁ ହିଁ ଅମୀର ହେବା ଜରୁରୀ ଅଟେ । ସୁତରାଂ ସେମାନେ ନିଜର ଏହି ମତର ସମର୍ଥନରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ କୁରୈଶ ମଧ୍ୟରୁ ଅମୀର ହେବା ସମ୍ବନ୍ଧରେ ହଜୁର ସ:ଆ:ସଙ୍କ ଭବିଷ୍ୟବାଣୀ ମଧ ପେଶ୍ କଲେ ଏ ବିଷୟରେ ପୂର୍ବରୁ ଚର୍ଚ୍ଚା ହୋଇସାରିଛି ଅର୍ଥାତ୍ *ଅଲ୍‌ଅଇମ୍ମତୁ ମିନ୍ କୁରୈଶ୍* ଅର୍ଥାତ୍ ଇମାମ୍ କୁରୈଶଙ୍କ ମଧ୍ୟରୁ ହେବେ । *(ସିରତୁଲ୍ ହଲ୍‌ବିୟା ଖଣ୍ଡ-୩, ପୃ-୫୦୪-୫୦୬..... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩)*

ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜରାହ୍ ଅନ୍‌ସାର୍‌ମାନଙ୍କୁ ସମ୍ବୋଧନ କରି କହିଲେ କି, ହେ ମଦିନାର ଅନ୍‌ସାର୍‌ଗଣ ! ତୁମେ ମାନେ ହେଉଛ ସେହି ଜାତି ଯେଉଁମାନେ ସବୁଠାରୁ ବଳି ନିଜକୁ ଏହି ଦୀନ୍ (ଅର୍ଥାତ୍ ଧର୍ମ)ର ସେବା ନିମନ୍ତେ ପେଶ୍ କରିଥିଲ ଏବଂ ଏବେ ବର୍ତମାନ ତୁମେମାନେ ସବୁଠାରୁ ପ୍ରଥମେ ତାହା ବଦଳାଇବାକୁ ବା ବିଗାଡ଼ିବାକୁ ଚାହଁନାହିଁ । ଏ କଥା ନ କୁହ କି, ଅନ୍‌ସାରମାନଙ୍କ ମଧ୍ୟରୁ ଅମୀର ହୁଅନ୍ତୁ ବା ଦୁଇ ଗୋଷ୍ଠିଙ୍କ ମଧ୍ୟରୁ ଅମୀର ହୁଅନ୍ତୁ । ଏହି ବାସ୍ତବିକତାରେ ପରିପୂର୍ଣ୍ଣ ବାର୍ତା ଅନ୍‌ସାରମାନଙ୍କୁ ପ୍ରଭାବିତ କଲା ଓ ସେମାନଙ୍କ ମଧ୍ୟରୁ ହଜ୍‌ରତ୍ ବଶୀର୍ ବିନ୍ ସାଆଦ୍ ଉଠିଲେ, ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯାଉଛି, ଓ ସେ ଅନ୍‌ସାରମାନଙ୍କୁ ସମ୍ବୋଧନ କରି କହିଲେ ହେ ଅନ୍‌ସାର୍ ! ଈଶ୍ୱରଙ୍କ ରାଣ !! ଯଦିଚ ଆମକୁ ମୁସ୍‌ରିକମାନଙ୍କ ସହିତ ଜେହାଦ୍ କରିବାର ଦୃଷ୍ଟିକୋଣରୁ ଦୀନ୍‌ରେ ଆଗକୁ ବଢ଼ିଯିବା ଦୃଷ୍ଟିକୋଣରେ ମୁହାଜିର୍‌ମାନଙ୍କ ଉପରେ ଅଗ୍ରାଧିକାର ରହିଛି କିନ୍ତୁ ଏହା ଆମେ କେବଳ ପ୍ରଭୁଙ୍କ ପ୍ରଶନ୍ନତା ନିମନ୍ତେ, ରସୁଲ୍‌ଙ୍କ ଆଜ୍ଞାବହତା ଗ୍ରହଣ କରିବା ନିମନ୍ତେ ଏବଂ ନିଜକୁ ସୁଧାରିବା ନିମନ୍ତେ କରିଥିଲେ ତେଣୁ ଆମକୁ ଏ କଥା ଶୋଭାଦେଉନାହିଁ ଯେ, ଆମେ ବର୍ତମାନ ଗର୍ବ ଅହଂକାର କରିବା ଓ ଦୀନ୍‌ର ସେବା କରିବା ପରିବର୍ତେ ଆମେ ଏପରି ପୁରସ୍କାରର ଇଚ୍ଛା କରିବା ଯେଉଁଥିରେ ଭୌତିକ ସଂସାର ଚାହିଁବାର ବାସ୍ନା ଆସୁଥିବ । ଆମ ପୁରସ୍କାର ତ ଈଶ୍ୱରଙ୍କ ନିକଟରେ ରହିଛି ଓ ତାହା ହିଁ ଆମ ପାଇଁ ଯଥେଷ୍ଟ ରସୁଲୁଲ୍ଲାଃ ସ:ଆ:ସ କୁରୈଶର ଥିଲେ ଏବଂ ସେହି ଲୋକମାନେ ଏହି ଖିଲାଫତ୍‌ର ହକ୍‌ଦାର ଅଛନ୍ତି । ଈଶ୍ୱର ନ କରନ୍ତୁ ଯେ, ଆମେ ସେହିମାନଙ୍କ ସହିତ ଝଗଡ଼ାରେ ଲିପ୍ତ ରହିବା । ହେ ଅନ୍‌ସାର ! ଅଲ୍ଲାଃଙ୍କୁ ଭୟକର ଓ ମୁହାଜିର୍‌ମାନଙ୍କୁ ବିରୋଦ୍ଧ କରନାହିଁ । ଏହି ସବୁ କଥା ପରେ ହଜ୍‌ରତ୍ ହବାବ୍ ବିନ୍ ମୁନଜିର୍ ଅନ୍‌ସାରଙ୍କ ଗୁରୁତ୍ୱ ସମ୍ବନ୍ଧରେ ଚର୍ଚ୍ଚାକରିବା ଆରମ୍ଭ କରିଦେଲେ କିନ୍ତୁ ହଜ୍‌ରତ୍ ଉମର୍ ର:ଅ ପୁଣି ପରିସ୍ଥିତିକୁ ସମ୍ଭାଳି ନେଲେ । ମୁଁ ଏଠାରେ ସଂକ୍ଷିପ୍ତରେ ସେହି କଥାକୁ ବର୍ଣ୍ଣନା କରୁଛି । ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁବକର୍ ର:ଅଙ୍କ ହାତକୁ ଧରି କହିଲେ କି, ଆମ ବୟତ ନିଅନ୍ତୁ ଏହା କହି ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁବକର୍ ର:ଅଙ୍କ ବୟତ କରି ନିବେଦନ କଲେ କି, ହେ ଅବୁବକର୍ ର:ଅ ! ଆପଣଙ୍କୁ ରସୁଲୁଲ୍ଲାଃ ସ:ଆ:ସ ଏ ନିର୍ଦ୍ଦେଶ ଦେଇଥିଲେ କି, ଆପଣ ନମାଜ୍ ପଢ଼ାଇବେ ତେଣୁ ଆପଣ ହିଁ ଅଲ୍ଲାଃଙ୍କ ଖଲିଫାଃ ଅଟନ୍ତି । ଆମେ ଆପଣଙ୍କ ବୟତ ଏଥିପାଇଁ କରୁଛୁ ଯେ, ଆପଣ ହେଉଛନ୍ତି ରସୁଲୁଲ୍ଲାଃ ସ:ଆ:ସଙ୍କ ଆମ ସମସ୍ତଙ୍କ ଠାରୁ ଅଧିକ ପ୍ରୀୟତମ । ହଜ୍‌ରତ୍ ଉମର୍‌ଙ୍କ ପରେ ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜରାହ୍ ବୟତ କଲେ ଓ ତାଙ୍କ ପରେ ପୁଣି ଅନ୍‌ସାର୍‌ମାନଙ୍କ ମଧ୍ୟରୁ ହଜ୍‌ରତ୍ ବଶୀର୍ ବିନ୍ ସାଆଦ୍ ତତ୍‌କ୍ଷଣାତ ବୟତ କରିନେଲେ । ତା'ପରେ ହଜ୍‌ରତ୍ ଜୈଦ ବିନ୍ ସାବିତ୍ ବିନ୍ ଅନ୍‌ସାରୀ ବୟତ କଲେ ଏବଂ ହଜ୍‌ରତ୍ ଅବୁବକର୍ ର:ଅଙ୍କ ହାତକୁ ଧରି ଅନ୍‌ସାରମାନଙ୍କୁ ସମ୍ବୋଧନ କଲେ ଓ ସେମାନଙ୍କୁ ମଧ ହଜ୍‌ରତ୍ ଅବୁବକର୍‌ଙ୍କ ହାତରେ ବୟତ କରିବାପାଇଁ ଉପଦେଶ ଦେଲେ ସୁତରାଂ ଅନ୍‌ସାର୍‌ମାନେ ମଧ ହଜ୍‌ରତ୍ ଅବୁବକର୍ ର:ଅଙ୍କ ବୟତ କରିନେଲେ । *(ଅଲ୍‌କାମିଲ୍ ଫିତ୍ ତାରିଖ୍ ଖଣ୍ଡ-୨, ପୃ-୧୯୩.... ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ ୨୦୦୬) (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩.... ପୃ-୫୦୬.......ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ ୨୦୦୨)*

ଏହି ବୟତ ଇସ୍‌ଲାମୀୟ ଲିଟରେଚର୍‌ରେ ବୟତ ସକିଫାଃ ଏବଂ ବୟତେ ଖାସାଃ ନାମରେ ମଧ ଉଲ୍ଲେଖ କରାଯାଇଛି *(ତାରିଖୁଲ୍ ଖୋଲ୍‌ଫାଆ ଅର୍‌ରାଶିଦୀନ୍..... ପୃ-୨୨, ୩୬୭ ମୁଦ୍ରଣ ଦାରୁଲ୍ ନଫାଇସ୍ ବେରୁତ୍ ୨୦୧୧)*

ହଜ୍‌ରତ୍ ଅବୁ ମସୁଉଦ୍ ଅନ୍‌ସାରୀ ର:ଅ ବର୍ଣ୍ଣନା କରୁଛନ୍ତି କି, ଏକଦା ଆମେ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ମଜଲିସ୍‌ରେ ବସିଥିଲୁ ଯେ, ରସୁଲୁଲ୍ଲାଃ ସ:ଆ:ସ ଆମ ନିକଟରେ ପର୍ଦାପଣ କଲେ । ହଜ୍‌ରତ୍ ବଶୀର୍ ବିନ୍ ସାଆଦ ଆପଣ ସ:ଆ:ସଙ୍କ ଗୋଚରେ ନିବେଦନ କଲେ କି, ଅଲ୍ଲାଃ ତାଲା ଆମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆପଣ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରିବୁ, ତେବେ ଆମେ କିପରି ଆପଣଙ୍କ ଉପରେ ଦରୁଦ୍ ପ୍ରେରଣ କରିବୁ । ରାଓ୍ୱି କହୁଛନ୍ତି ଏହି ପ୍ରଶ୍ନ ଶୁଣି ରସୁଲୁଲ୍ଲାଃ ସ:ଆ:ସ ନିରବ ରହିଲେ । ବହୁତ ସମୟ ପର୍ଯ୍ୟନ୍ତ ନିରବ ରହିଲେ । ତେଣୁ ଆମେ ଏ କଥା ଚାହିଁଲୁ ଯେ, କାଳେ ସେ ଆପଣ ସ:ଆ:ସଙ୍କୁ ପ୍ରଶ୍ନ ନ ପଚାରିଥାନ୍ତେ । ପୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ, ଏହି ଭଳି କୁହ *ଅଲ୍ଲାହୁମ୍ମା ସଲ୍ଲି ଆଲା ମୁହମ୍ମଦିଉଁ ୱ ଆଲା ଆଲି ମୁହମ୍ମଦିନ୍ କମା ସଲ୍ଲୈତା ଆଲା ଇବ୍‌ରାହୀମା ୱବାରିକ୍ ଆଲା ମୁହମ୍ମଦିନ୍ ୱଆଲା ଆଲି ମୁହମ୍ମଦିନ୍ କମା ବାର୍‌କତା ଆଲା ଆଲି ଇବ୍‌ରାହିମା ଫିଲ୍ ଆଲ୍‌ମିନା ଇନ୍ନକା ହମିଦୁମ୍ ମଜିଦ୍* । ଏବଂ ସଲାମ୍ ହେଉଛି ସେହିପରି ଯେପରି କି ତୁମେ ଜାଣିଛ କି ଯେ, କିପରି ସଲାମ୍ କରାଯାଏ । *(ସହ୍‌ହି ମୁସଲିମ୍..... ହଦିସ୍ ୯୦୭)*

***ଅଲ୍ଲାହୁମ୍ମା ସଲ୍ଲି ଆଲା ମୁହମ୍ମଦିଉଁ ୱ ଆଲା ଆଲି ମୁହମ୍ମଦିନ୍ ୱ ବାରିକ୍ ୱ ସଲ୍ଲିମ୍ ଇନ୍ନକା ହମିଦୁମ୍ ମଜିଦ୍*** ।

ଏବେ ଆଜି ସେହି ସାହାବା ମାନଙ୍କର ଚର୍ଚ୍ଚା ଶେଷ ହେଲା । ଗୋଟିଏ ପ୍ରାର୍ଥନା ନିମନ୍ତେ ମୁଁ କହିବାକୁ ଚାହୁଁଛି ଯେ ବିଗତ ଦିନରେ ବଙ୍ଗଳା ଦେଶଠାରେ ଜଲ୍‌ସାର ଆୟୋଜନ ହେଉଥିଲା ଓ ସେମାନଙ୍କୁ ସେଠାରେ ଗୋଟିଏ ନୂଆ ସ୍ଥାନରେ ଜଲ୍‌ସା କରିବାକୁ ଥିଲା । ସେ ଯାଗାର ନାମ ହେଉଛି ଅହମଦ୍‌ନଗର ସେହି ସହରର ତଥାଗତିତ ୱଲେମାମାନେ ଓ ମୁଖାଲିଫମାନେ ବହୁତ ହୋ ହାଲ୍ଲା କଲେ । ସରକାରଙ୍କଠାରୁ ପ୍ରଥମେ ଏହି ଜଲ୍‌ସାକୁ ରୋକିବା ପାଇଁ କହିଲେ ଓ ଯେତେବେଳେ ସରକାର ସେମାନଙ୍କ କଥା ମାନିଲେ ନାହିଁ ଏଥିରେ ସେମାନେ ସାମୁହିକ ଦଳଗତ ରୂପେ ଦଳଗତ ହୋଇ ଅହେମଦୀମାନଙ୍କ ଘର ଓ ଦୋକାନ ଇତ୍ୟାଦି ଉପରେ ଅକ୍ରମଣ କଲେ । କିଛି ଘରକୁ ଜଳାଇଦେଲେ ଓ କିଛି ଦୋକାନ ଲୁଟି ନେଲେ, ଜଳାଇଦେଲେ ଏଥିରେ କିଛି ଅହେମଦୀ ମାନେ ଆଘାତ ମଧ ହେଲେ । ଦୁଆ କରନ୍ତୁ କି ଅଲ୍ଲାଃ ତାଲା ସେଠାର ପରିସ୍ଥିତିକୁ ସୁଧାରି ଦଅନ୍ତୁ ଓ ଯେଉଁମାନେ ଆଘାତ ପାଇଛନ୍ତି ଅଲ୍ଲାଃ ତାଲା ସେମାନଙ୍କୁ ଶିଘ୍ର ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ଅର୍ଥାତ୍ ପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କରନ୍ତୁ । ସେମାନଙ୍କ କ୍ଷୟକ୍ଷତିକୁ ମଧ ପୂରଣ କରନ୍ତୁ ଓ ଆସନ୍ତାକୁ ଯେବେ ଜଲ୍‌ସାର ତାରିଖ ଧାର୍ଯ୍ୟ ହେବ ସେଠାରେ ସେମାନେ ଶାନ୍ତିର ସହିତ ଜଲ୍‌ସାର ଆୟୋଜନ କରିପାରିବେ ।

ନମାଜ୍‌ପରେ ମୁଁ ଗୋଟିଏ ଯନାଜାଃ ଗାଏବ ମଧ ପଢ଼ାଇବି ଯାହା ହେଉଛି ମୋକରମା ସିଦିକା ବେଗମ୍ ସାହିବା ଦୁନିୟାପୁର ପାକିସ୍ତାନୀ ନିବାସିଙ୍କର । ସେ ଲୀକ ଅହମଦ୍ ମୁଶ୍‌ତାକ ସାହେବ ମୁବ୍‌ଲିଗ୍ ଇନ୍

***ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...***

# ଖୁତ୍‌ବା ଜୁମା

**''ମିଆଁ ମେହମୁଦ୍‌ଙ୍କ ନିକଟରେ ଏତେ ମାତ୍ରାରେ ଦୀନି ଜୋଶ୍ ମିଳୁଛି ଯେ, ମୁଁ ବେଳେବେଳେ ତାଙ୍କ ପାଇଁ ବିଶେଷରୂପେ ଦୁଆ କରୁଛି''**

(ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

**''ହେ ଅଲ୍ଲାଃ ମୋତେ ମୋ ଆଖି ସାମ୍‌ନରେ ଇସ୍‌ଲାମ୍‌କୁ ଜୀବିତ କରି ଦେଖାଅ''**

(ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ)

''ଆପଣ ର:ଅଙ୍କ ତକ୍‌ରିର୍, ଆପଣ ର:ଅଙ୍କ ଅଭିଭାଷଣ, ଆପଣ ର:ଅଙ୍କ ଲେଖା, ଆପଣ ର:ଅଙ୍କ ତଫ୍‌ସିର୍ କୁର୍‌ଆନ୍ ଏ କଥାର ସାକ୍ଷୀ ଅଛି ଯେ, ଖୁଦାତାଲା ଆପଣ ର:ଅଙ୍କୁ ପଢ଼ାଇଛନ୍ତି''

ଆପଣ ର:ଅଙ୍କ ଭାଷା ପ୍ରଭାବପୂର୍ଣ୍ଣ, ଆକର୍ଷଣ, ନିଷ୍ଠା ଓ କୋମଳାତାରେ ପରିପୂର୍ଣ୍ଣ ଥିଲା । ଆପଣ ର:ଅଙ୍କ ବାଣୀରେ କୃତ୍ରିମତା ନଥିଲା ଓ ଆପଣଙ୍କ ଲେଖା ମଧ୍ୟ କୃତ୍ରିମତାରୁ ପବିତ୍ର ଥିଲା । ତକ୍‌ରିର୍‌ରେ ଏକ ପ୍ରାକୃତିକ ଧାରା ବହୁଥିଲା ସେହିପରି ଆପଣଙ୍କ ଲେଖା ଏକ ବହିଯାଉଥିବା ନଦୀ ସଦୃଶ ଥିଲା ଦୁଇଟିଯାକରେ ପବିତ୍ର କୋରାନ୍‌ରେ ଜ୍ଞାନ ଓ ପାଣି ଦ୍ୱାରା ପରିପୁର୍ଣ୍ଣ ଓ ମନ, ବୁଦ୍ଧିକୁ ଏକ ସଙ୍ଗେ ତୃପ୍ତି କରୁଥିଲା (ସ୍ୱାନେହ ଫଜଲେ ଉମର୍)

''ଏତେ ଛୋଟ ବୟସରେ ଭାବନାରେ ପରପକ୍ୱତା କୌଣସି ଚମତ୍କାରିତାରୁ କମ୍ ନଥିଲା । ମୋ ମତରେ ଏହା ମଧ୍ୟ ହଜୁର୍ ଆ:ସଙ୍କ ସତ୍ୟତାର ଏକ ନିଦର୍ଶନ'' (ହଜ୍‌ରତ୍ କାଜି ମୁହମ୍ମଦ୍ ଜହୁରୁଦ୍ଦିନ୍ ଅକମଲ୍ ସାହେବ)

''ଯଦି ଏହା କହିବା ଠିକ୍ ହେବ ଯେ, ମନୁଷ୍ୟର ଆତ୍ମା ଅନ୍ୟ ଉପରେ ଅବତରଣ ହୁଏ ବୋଲି ତେବେ ଆମେ କହିପାରିବୁ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆତ୍ମା ଆପଣ ର:ଅଙ୍କ ଉପରେ ଅବତରଣ ହେଉଥିଲା ଓ ଏ କଥା କୁ ଘୋଷଣା କରୁଥିଲା ଯେ, ଇଏ ହେଉଛି ମୋର ପ୍ରୀୟ ପୁତ୍ର ଯାହାକୁ କରୁଣାର ନିଦର୍ଶନ ରୂପେ ମୋତେ ଦିଆଯାଇଥିଲା ଓ ଯାହାଙ୍କ ସମ୍ବନ୍ଧରେ ଏହା କୁହାଯାଇଥିଲା ଯେ ସେ ହୁସ୍‌ନ ଓ୍ୱ ଏହେସାନ୍ ଅର୍ଥାତ୍ ସୌନ୍ଦର୍ଯ୍ୟ ଓ ଅନୁଗ୍ରହରେ ତୁମର ଦୃଷ୍ଟାନ୍ତ ହେବ'' (ହଜ୍‌ରତ୍ ମୌଲବୀ ଶେର୍ ଅଲୀ ସାହେବ)

''ଏ ମୋର ଈଶ୍ୱର ମୋ ସମ୍ପ୍ରଦାୟକୁ ସମସ୍ତ ବିପଦଆପଦ ଦୁଃଖରୁ ବଂଚାଅ ଓ ନାନାପ୍ରକାର ଦୁଃଖକଷ୍ଟରୁ ସୁରକ୍ଷା ଦିଅ । ତାଙ୍କ ମଧ୍ୟରେ ବଡ଼ବଡ଼ ବୁଜୁର୍ଗ ଜନ୍ମକର ଏମାନେ ଗୋଟିଏ ଜାତି ହୋଇଯାଆନ୍ତୁ ଯାହାଙ୍କୁ ତୁମେ ପସନ୍ଦ କରିଛ'', ଆମିନ୍ ।

''ଅଲ୍ଲାଃ ତାଲା ହଜାର ହଜାର କରୁଣା ଆପଣଙ୍କ ଆତ୍ମା ଉପରେ ଅବତୀର୍ଣ୍ଣ କରନ୍ତୁ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୀନ୍‌କୁ ପ୍ରଚାର ପ୍ରସାର କରିବାପାଇଁ ଓ ଆପଣଙ୍କ ସଚ୍ଚା ଦାସ ମସିହ୍ ମଉଦ୍ ଓ ମେହେଦୀ ମାଉଦ୍‌ଙ୍କ ଉଦ୍ଦେଶ୍ୟକୁ ପୁରଣ କରିବାପାଇଁ ଦିନରାତି ଏକ କରି ନିଜ ପ୍ରତିଶୃତିକୁ ପୁରଣ କରି ଅଲ୍ଲାଃ ତାଲାଙ୍କ ଗୋଚରେ ହାଜର ହେଲେ ''

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ଉପରେ ଏକ ଜବରଦସ୍ତ ନିଦର୍ଶନ, ଏକ ମହାନ୍ ପୁତ୍ରର ଜନ୍ମ ସମ୍ବନ୍ଧରେ ପେଶ୍‌ଗୋଇର ଚର୍ଚ୍ଚା ଏହି ପେଶ୍‌ଗୋଇ ଅନୁରୁପ ହଜ୍‌ରତ୍ ମୁସ୍‌ଲେହ ମଉଦ୍‌ଙ୍କ ଜୀବନ ଚରିତରୁ ହୃଦୟସ୍ପର୍ଶୀ ଘଟଣାବଳୀର ଚର୍ଚ୍ଚା । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ହୃଦୟରେ ଘର କରିଥିବା ଗୋଟିଏ ଦୁଆର ବୟାନ୍ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୨ ଫେବୃଆରୀ ୨୦୧୯ ଅନୁଯାୟୀ ୨୨ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعَالَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜିକାଲି ଜମାତ୍‌ରେ ଯୋମେ ମୁସ୍‌ଲେହ୍ ମଉଦ୍ ପ୍ରସଙ୍ଗରେ ଜଲ୍‌ସାମାନ ଅନୁଷ୍ଠିତ କରାଯାଉଛି ଅର୍ଥାତ୍ ସେହି ପେଶ୍‌ଗୋଇ (ଅର୍ଥାତ୍ ଭବିଷ୍ୟବାଣୀ) ପ୍ରସଙ୍ଗରେ ଯେଉଁଥିରେ ଅଲ୍ଲାଃ ତାଲା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ଗୋଟିଏ ପ୍ରତିଶୃତ ପୁତ୍ର ଦେବାର ସୁସମାଚାର ଦେଇଥିଲେ । ଯାହାଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲା କହିଥିଲେ କି ସେହି ପୁତ୍ରକୁ ସେ ବିଶେଷ ଗୁଣରେ ପରିପୂର୍ଣ୍ଣ କରିବ । ସେ ଦୀନ୍‌ର ଖାଦିମ୍ ହେବ ଅର୍ଥାତ୍ ସେବକ ହେବ । ଲମ୍ବା ଆୟୁଷ ପାଇବ ଓ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମିଶନ୍‌କୁ ଆଗକୁ ଚଲାଇବ । ସେହି ପେଶ୍‌ଗୋଇଟି ୨୦ ଫେବୃୟାରୀ ୧୮୮୬ ମସିହାର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଉପରେ ହୋଇଥିବା ଉକ୍ତ ଭବିଷ୍ୟବାଣୀରେ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସମର୍ଥନ ଏବଂ ଆପଣ ଆ:ସଙ୍କ ସତ୍ୟତାର ଏକ ବହୁତ ବଡ଼ ନିଦର୍ଶନ ରହିଛି । ସୁତରାଂ ସେହି ପିଲାଟିର ଜନ୍ମ ପାଇଁ ଯେଉଁ ଅବଦ୍ଧି ନିର୍ଦ୍ଧାରଣ କରାଯାଇଥିଲା ତା ମୁତାବକ ୧୨ ଜାନୁୟାରୀ ୧୮୮୯ ମସିହାରେ ସେହି ପୁତ୍ର ଜନ୍ମ ଲାଭ କଲା । ଯାହାଙ୍କ ନାମ ମିର୍ଜା ବଶୀର୍‌ରୁଦ୍ଦିନ୍ ମେହମୁଦ୍ ଅହମଦ୍ ର:ଅ ରଖାଗଲା । ଯାହାଙ୍କୁ ଅଲ୍ଲାଃ ତାଲା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅୱ୍ୱଲ୍ ର:ଅଙ୍କ ଦେହାନ୍ତ ପରେ ଖିଲାଫତ୍‌ର ପୋଷାକ ପିନ୍ଧାଇଲେ ।

ବର୍ତମାନ ମୁଁ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅଙ୍କ ଜୀବନ ଚରିତରୁ କିଛି ଘଟଣାବଳୀ ଏବଂ ଆପଣ ର:ଅ ସେହି ପେଶ୍‌ଗୋଇ ଅନୁରୂପ ହେବା ସମ୍ବନ୍ଧରେ କିଛି କଥା ବର୍ଣ୍ଣନା କରିବି । କିନ୍ତୁ ଏହା ପୂର୍ବରୁ ମୁଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଭାଷାରେ ଉକ୍ତ ପେଶ୍‌ଗୋଇର ଗୁରୁତ୍ୱ ଓ ସତ୍ୟତା ସମ୍ବନ୍ଧରେ ଯାହା କିଛି ଆପଣ ଆ:ସ ବର୍ଣ୍ଣନା କରିଛନ୍ତି, ତାହା ଉପସ୍ଥାପନ କରୁଅଛି । ଏହି ପେଶ୍‌ଗୋଇ ଗୋଟିଏ ପୁତ୍ରର ଜନ୍ମ ହେବା ସମ୍ବନ୍ଧରେ ନଥିଲା ବରଂ ଏପରି ଏକ ମାହନ୍ ସୁପୁତ୍ରର ଜନ୍ମ ସମ୍ବନ୍ଧରେ ପେଶ୍‌ଗୋଇ ଥିଲା ଯାହାଙ୍କ ଆସିବା ଦ୍ୱାରା ଏକ ଆଧାତ୍ମିକ ଶିଳାନ୍ୟାସ ପଡ଼ିବାର ଥିଲା ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜ ବିରୋଦ୍ଧିମାନଙ୍କୁ ଯେଉଁ ଉତର ଦେଇଛନ୍ତି ତାହା ମୁଁ ଉପସ୍ଥାପନ କରୁଅଛି । ତାହା ଆପଣ ଆ:ସଙ୍କ ଲିଖିତ ବାକ୍ୟରେ ହିଁ ପଢ଼ିବା ଉଚିତ୍ ହେବ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ କହୁଛନ୍ତି କି, ''ଏଠାରେ ଆଖି ଖୋଲି ଦେଖିନେବା ଉଚିତ୍ କି ଏହା କେବଳ ଗୋଟିଏ ପେଶ୍‌ଗୋଇ ନୁହେଁ ବରଂ ଗୋଟିଏ ମହାନ୍ ଆକାଶିୟ ନିଦର୍ଶନ ଅଟେ ଯାହାଙ୍କୁ ମହିମାମୟ ଈଶ୍ୱର ଆମ କରୁଣାମୟ ନବୀ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ସତ୍ୟତା ଓ ମହାନତା ପରିପ୍ରକାଶ କରିବାପାଇଁ ପ୍ରକାଶ କରିଛନ୍ତି । ଓ ବାସ୍ତବରେ ଏହି ନିଦର୍ଶନ ଜଣେ ମୃତକୁ ଜୀବନ ଦେବାଠାରୁ ସହସ୍ରଗୁଣରେ ଉତମ, ଉଚ୍ଚତମ, ସମ୍ପୁର୍ଣ୍ଣ ଏବଂ ଶ୍ରେଷ୍ଠତମ ଅଟେ । କାରଣ ମୃତକୁ ଜୀବନ ଦେବାର ସତ୍ୟତା ହେଉଛି ଏହା କି, ପ୍ରଭୁଙ୍କ ନିକଟରେ ପ୍ରାର୍ଥନ କରି ଗୋଟିଏ ଆତ୍ମାକୁ ପୁଣିଥରେ ମଗାଇ ଦିଆ ଯାଏ ଓ ଏପରି ମୃତକୁ ଜୀବିତ କରିବା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ଏବଂ ଆଉକିଛି ଅମ୍ବିୟା ଆ:ସଙ୍କ ସମ୍ବନ୍ଧରେ ବାଇବେଲ୍‌ରେ ଲେଖା ଯାଇଅଛି । ଯାହାର ପ୍ରମାଣରେ ବିରୁଦ୍ଧିମାନଙ୍କୁ ବହୁତ କଥା ହେବାକୁ ପଡୁଛି ଏବଂ ପୁଣି ସେହି ସମସ୍ତ ବୌଦ୍ଧିକ ତର୍କ ପରେ ଏହା ମଧ୍ୟ ଉଦ୍ଧୃତ ଅଛି କି, ଏପରି ମୃତ ବ୍ୟକ୍ତି କେବଳ କିଛି ମିନିଟ ପାଇଁ ଜୀବିତ ରହୁଥିଲା ଓ ପୁଣି ପୂନର୍ବାର ନିଜ ପ୍ରିୟଲୋକମାନଙ୍କୁ ଦୁଇଗୁଣା ଦୁଃଖରେ ପକାଇ ଏ ସଂସାର ଛାଡ଼ି ଚାଲିଯିବାକୁ ପଡୁଥିଲା । ଏ ପୃଥିବୀକୁ ତା'ର ଆସିବାଦ୍ୱାରା ନା କିଛି ଲାଭ ହେଉଥିଲା ନା ତାକୁ କିଛି ଆରାମ ମିଳୁଥିଲା ଏବଂ ନା ତା ପ୍ରୀୟ ଲୋକଙ୍କୁ କିଛି ସତ୍ୟ ଖୁସି ମିଳୁଥିଲା । ସୁତରାଂ ଯଦି ହଜ୍‌ରତ୍ ମସିହ ଆ:ସଙ୍କ ଦୁଆ ଦ୍ୱାରା ମଧ୍ୟ କୌଣସି ଆତ୍ମା ଏ ପୃଥିବୀକୁ ଆସୁଥିଲା ତେବେ ବାସ୍ତବରେ ତାର ଆସିବା ନ ଆସିବା ସମାନ ଥିଲା ଏବଂ ଧରି ନିଅ ଯଦି ସେହି ଆତ୍ମା କେତେ ବର୍ଷ ତା ଶରୀରରେ ରହିଥାନ୍ତା ତେବେ ମଧ୍ୟ ଏକ ଅପୂର୍ଣ୍ଣ ଆତ୍ମା କୌଣସି ନୀଚ ବା ସାଂସାରିକ ବ୍ୟକ୍ତି, ଯେ ଲୋକମାନଙ୍କ ମଧ୍ୟରୁ ଜଣେ, ତା'ଠାରୁ ଏ ସଂସାରକୁ କ'ଣ ଲାଭ ପହଂଚି ପାରିଥାନ୍ତା ? କିନ୍ତୁ ଏ ସ୍ଥାନରେ.....'' ଆପଣ ଆ:ସ ପେଶ୍‌ଗୋଇ ସମ୍ବନ୍ଧରେ କହୁଛନ୍ତି କି, ଯଦି ପୂର୍ବରୁ ଏହି ଅମ୍ବିୟାମାନଙ୍କ ଆତ୍ମା ଫେରିଆସୁଥିଲା । କୌଣସି ମୃତ ବ୍ୟକ୍ତିକୁ ଜୀବିତ କଲା ତେବେ ଏକ ଅସ୍ଥାୟୀ କାର୍ଯ୍ୟଥିଲା ଏବଂ ସେହି ଲୋକମାନେ ସାଧାରଣ ବ୍ୟକ୍ତି ଥିଲେ କିନ୍ତୁ ଆପଣ ଆ:ସ କହୁଛନ୍ତି କି, ''..... ଏଠାରେ ଈଶ୍ୱରଙ୍କ କରୁଣା, ଅନୁଗ୍ରହ ଏବଂ ହଜ୍‌ରତ୍ ଖାତ୍‌ମୁଲ୍ ଅମ୍ବିୟା ସ:ଆ:ସଙ୍କ ବରକ୍ତ ଯୋଗୁଁ କରୁଣାମୟ ଈଶ୍ୱର ଏହି ଅଧମର ପ୍ରାର୍ଥନାକୁ ଗ୍ରହଣକରି ଏପରି ବାବରକ୍ତ ଆତ୍ମାକୁ ପଠାଇବାର ପ୍ରତିଶୃତି ଦେଲେ ଯାହାର ଅନ୍ତଃ ଏବଂ ବାହ୍ୟ ବରକତ୍ ସାରା ପୃଥିବୀରେ ବ୍ୟାପି ଯିବ ତେଣୁ ଯଦିଚ ପ୍ରକାଶ୍ୟରେ ଏହି ନିର୍ଦ୍ଦଶନ ମୃତକୁ ଜୀବିତ କରିବା ସମ ଜଣା ଯାଉଛି କିନ୍ତୁ ଧ୍ୟାନର ସହିତ ଚିନ୍ତା କଲେ ଜଣାପଡ଼ିବ ଯେ, ଏହି ନିର୍ଦ୍ଦଶନ ମୃତକୁ ଜୀବିତ କରିବା ଅପେକ୍ଷା ସହସ୍ର ଗୁଣରେ ଉତମ ଅଟେ । ମୃତ ବ୍ୟକ୍ତିର ଆତ୍ମା ହିଁ ପ୍ରାର୍ଥନା ସାହାଯ୍ୟରେ ଫେରି ଆସିଥାଏ ଓ ଏ ସ୍ଥାନରେ ମଧ୍ୟ ଦୁଆ ଅର୍ଥାତ୍ ପ୍ରାର୍ଥନା ଦ୍ୱାରା ଗୋଟିଏ ଆତ୍ମା ହିଁ ମଗାଯାଇଛି ।'' ଆପଣ ଆ:ସ କହିଲେ ପୁଅ ପାଇଁ ଯେଉଁ ପ୍ରାର୍ଥନା କାରାଯାଇଥିଲା ଅର୍ଥାତ୍ ଦୁଆ ଜରିଆରେ ହିଁ ଗୋଟିଏ ଆତ୍ମା ମଗାଯାଇଛି । ''କିନ୍ତୁ ସେହି ଆତ୍ମା ସମୂହ ଏବଂ ଏହି ଆତ୍ମାରେ ଲକ୍ଷ ଲକ୍ଷ କୋଶର ଫରକ୍ ଅଛି । ଯେଉଁ ଲୋକମାନେ ମୁସଲ୍‌ମାନମାନଙ୍କ ମଧ୍ୟରେ ଲୁକ୍କାୟିତ ଭାବରେ ମୁର୍‌ତଦ୍ (ଅର୍ଥାତ୍ ବିଧର୍ମି), ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମୋଜେଯାତ୍ ଅର୍ଥାତ୍ ଐଶି ଚମତ୍କାରିତାର ପ୍ରକାଶକୁ ଦେଖି ଖୁସି ହେଉନାହାନ୍ତି ବରଂ ସେମାନଙ୍କୁ ବହୁତ ଦୁଃଖ ହେଉଛି ଯେ ଏପରି କାହିଁକି ହେଲା ?''

*(ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୧, ପୃ-୧୧୪ ରୁ ୧୧୫, ଇସ୍ତେହାର୍ ୱାଜିବୁଲ୍ ଇଜ୍‌ହାର୍ ୨୨ ମାର୍ଚ୍ଚ ୧୮୮୬)*

ତବ୍ଲିଗ୍ ରିସାଲତ୍‌ରେ ଆପଣ ଆ:ସ ଏ କଥା ବର୍ଣ୍ଣନା କରିଛନ୍ତି । ସୁତରାଂ ଯେପରି କି, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ କୌଣସି ସାଧାରଣ ଆତ୍ମା ମାଗାଯାଇ ନଥିଲା ବରଂ ଗୋଟିଏ ନିଶାନ୍ ଅର୍ଥାତ୍ ନିର୍ଦ୍ଦେଶନ ମଗାଯାଇଥିଲା ଯାହାର ଉତରରେ ଈଶ୍ୱର ବହୁତ ଗୁଡ଼ିଏ ବିଶେଷ ଗୁଣସମ୍ପନ୍ନ ପୁତ୍ର ଜନ୍ମ ଲାଭ କରିବାର ସୁସମାଚାର ଦେଲେ । ଏପରି ଏକ ମହାନ୍ ପୁତ୍ରର ଖବର ଦିଆଗଲା ''ଯିଏ ଲମ୍ବା ଆୟୁସ ପାଇବ ଅତ୍ୟନ୍ତ ବୁଦ୍ଧି ସମ୍ପନ୍ନ ଓ ବିବେକି ହେବ । ସେ ପ୍ରତାପି, ମହିମାମୟ ଓ ବୈଭବ ପୂର୍ଣ୍ଣ ହେବ । ଜାତି ତା ଠାରୁ ବର୍‌କତ ପାଇବେ ସେ ଅନ୍ତଃ ଓ ବାହ୍ୟ ଜ୍ଞାନରେ ପରିପୂର୍ଣ୍ଣ ହେବ । କଲାମୁଲ୍ଲାଃ ଅର୍ଥାତ୍ ପବିତ୍ର କୋରାନର ଅତ୍ୟନ୍ତ ଗଭୀର ଜ୍ଞାନତାକୁ ପ୍ରଦାନ କରାଯିବ ଓ ସେ ସେହି ଐଶି ଜ୍ଞାନ ଦ୍ୱାରା ପବିତ୍ର କୋରାନର ଏପରି ମହାନ୍ ସେବା କରିବାର ସୌଭାଗ୍ୟ ପାଇବ ଯେ, ଅଲ୍ଲାଃଙ୍କ ବାଣୀର ପଦ ମର୍ଯ୍ୟାଦା ଏ ସଂସାର ଉପରେ ପ୍ରକାଶ ପାଇବ । ସେ ବନ୍ଦୀମାନଙ୍କର ମୁକ୍ତିର କାରଣ ହେବ, ସେ ଆଲିମେ କବାବ୍ ଅର୍ଥାତ୍ ତା' ଜୀବଦସାରେ ଏପରି ବିଶ୍ୱବ୍ୟାପୀ ଧ୍ୱଂସଲୀଳାର ବିପର୍ଯ୍ୟୟ ଆସିବ ଯାହା ଏ ପୃଥିବୀକୁ ଭସ୍ମ କରିଦେବ । ସେ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପ୍ରସିଦ୍ଧି ଲାଭ କରିବ'' ।

*(ସ୍ୱାନେହ୍ ଫଜ୍‌ଲେ ଉମ୍ରର ର:ଅ ଖଣ୍ଡ-୧, ପୃ- ୫୩ ରୁ ୫୪)*

ବର୍ତ୍ତମାନ ଆମେ ଦେଖିବା ଯେ, ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ଜମାନାରେ ଏପରି ବିଶ୍ୱବ୍ୟାପୀ ଧ୍ୱସଂଲୀଳା ଯୁଦ୍ଧ ଆକାରରେ ମଧ ଆସିଛି । ଦୁଇଟି ଯୁଦ୍ଧ ଅର୍ଥାତ୍ ଦୁଇଟି ବିଶ୍ୱ ଯୁଦ୍ଧ ହୋଇଛି ଓ ବହୁତ ବିପତିଆପଦ ମଧ ଆସିଛି । ପୁଣି ପ୍ରସିଦ୍ଧିଲାଭ କରିବାର ଯେଉଁଠି କଥା ଉଠିଛି ଆପଣ ନିଜ ଜୀବଦସାରେ ନୂଆନୂଆ ମିଶନ୍ ଏବଂ ଦବ୍‌ଲିଗ୍ କାର୍ଯ୍ୟ କରି ପୃଥିବୀର ବିଭିନ୍ନ ଦେଶ ଗୁଡ଼ିକରେ ଇସ୍‌ଲାମର ବାର୍ତା ପହଂଚାଇ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପ୍ରସିଦ୍ଧି ମଧ ପାଇଲେ ବରଂ ସେହି ପେଶ୍‌ଗୋଇ ଅନୁସାରେ ଆମେ ଦେଖୁଅଛେ ଯେ, ଏହି ସିଲ୍‌ସିଲା ଆଜି ମଧ ଜାରି ରହିଛି । ବର୍ତ୍ତମାନ ମୁଁ ହଜ୍‌ରତ୍ ମୁସଲେ୍‌ହ ମଉଦଙ୍କ ଜୀବନ ଚରିତ ସମ୍ବନ୍ଧରେ କିଛି କଥା ଉପସ୍ଥାପନ କରିବି ।

ଯେଉଁଠି ଆପଣ ର:ଅଙ୍କ ଶିକ୍ଷାଗତ ଯୋଗ୍ୟତା କଥା ଉଠୁଛି ଆପଣ ନାଜେରା କୋର୍‌ଆନ କରିମ୍ ପଢ଼ିବା ପରେ ନିୟମିତ ରୂପେ ସ୍କୁଲ୍‌ରେ ଦାଖଲ ହୋଇ ଯେଉଁ ପ୍ରଚଳନ ଶିକ୍ଷା ଥିଲା ତାହା ହାସଲ କରିବାର ମୌକା ମିଳିଲା ଓ ତା'ର ମଧ ଅବସ୍ଥା ଏପରି ଥିଲା କି, ନିଜ ଘରେ ମଧ ଶିକ୍ଷକଙ୍କଠାରୁ ଉର୍ଦ୍ଦୁ ଓ ଇଂରାଜିର ଶିକ୍ଷା ହାସଲ କଲେ । ଏ ସମ୍ବନ୍ଧରେ ହଜ୍‌ରତ୍ ପୀର୍ ମଞ୍ଜୁର ମୁହମ୍ମଦ୍ ସାହେବ ର:ଅ କିଛି ଦିନ ଅପାଣଙ୍କୁ ଉର୍ଦ୍ଦୁ ପଢ଼ାଇଲେ । ସୁତରାଂ ଯେଉଁ ଶିକ୍ଷକମାନଙ୍କୁ ଘରେ ପଢ଼ାଇବା ପାଇଁ ନିୟୋଜିତ କରାଯାଇଥିଲା ସେମାନଙ୍କ ମଧ୍ୟରୁ ପୀର୍ ମଞ୍ଜୁର ମୁହମ୍ମଦ୍ ସାହେବ ଆପଣଙ୍କୁ କିଛି ଦିନ ଉର୍ଦ୍ଦୁ ପଢ଼ାଇଛନ୍ତି । ତା'ପରେ କିଛି ଦିନ ମୌଲବୀ ଶେର ଅଲୀ ସାହେବ ର:ଅ ଆପଣଙ୍କୁ ଇଂରାଜୀ ପଢ଼ାଇଛନ୍ତି କିନ୍ତୁ ଏହିପରି ଶିକ୍ଷା କିପରି ପରିବେଶ ଓ କିପରି ଭାବେ ଦିଆଯାଇଥିଲା ସେ ସମ୍ବନ୍ଧରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ଯେତେବେଳେ ଫଜ୍‌ଲେ ଉମର୍‌ଙ୍କ ଜୀବନ ଚରିତ ଲେଖିଲେ ସେ ଲେଖିଛନ୍ତି କି ଏହା ଗୋଟିଏ ଅତ୍ୟନ୍ତ ରୋମାଚଂକର କଥା ଯାହାଙ୍କୁ ହଜ୍‌ରତ୍ ସାହାବଜାଦା ମିର୍ଜା ମେହମୁଦ୍ ଅହମଦ୍‌ଙ୍କ ଭାଷାରେ ହିଁ ଶୁଣିବା ଠିକ ହେବ । ଶିକ୍ଷା ହାସଲ କରିବାର ଅବସ୍ଥା କଣ ଥିଲା ? ଏ ସମ୍ବନ୍ଧରେ ଆମେ ହଜ୍‌ରତ୍ ମୁସ୍‌ଲେହ ମଉଦଙ୍କ ମୁହଁରୁ ଶୁଣିବା । ଆପଣ ର:ଅ କହୁଛନ୍ତି କି, ''ମୋ ଶିକ୍ଷା ସମ୍ବନ୍ଧରେ ମୋ ଉପରେ ସବୁଠାରୁ ଅଧିକା ଅନୁଗ୍ରହ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅୱଲଙ୍କର ରହିଛି । ଯେହେତୁ ସେ ଜଣେ ବୈଦ୍ୟ ମଧ ଥିଲେ ତେଣୁ ସେ ଏ କଥା ଜାଣିଥିଲେ ଯେ ମୋ ସ୍ୱାସ୍ଥ୍ୟ ପୁସ୍ତକ ଗୁଡ଼ିକୁ ଅଧିକ ସମୟ ପର୍ଯ୍ୟନ୍ତ ଦେଖିବାପାଇଁ ଓ ପଢ଼ିବାପାଇଁ ଯୋଗ୍ୟ ନୁହେଁ । ସେଥିଯୋଗୁଁ ତାଙ୍କର ଏପରି ଶୈଳୀ ଥିଲା କି, ସେ ମୋତେ ନିଜ ନିକଟରେ ବସାଇଦେଇ କହନ୍ତି ମିଆଁ ମୁଁ ପଢ଼ିଚାଲିଛି ତୁମେ ଶୁଣିଚାଲ । ଏହାର କାରଣ ଏହା ଥିଲା କି ପିଲା ଦିନେ ମୋ ଆଖିରେ ଭୀଷଣ କକୁରେ ପଡ଼ିଯାଇଥିଲା (ଅର୍ଥାତ୍ ଆଖି ରୋଗ ଥିଲା) ଫଳତଃ ତିନି ଚାରି ବର୍ଷ ପର୍ଯ୍ୟନ୍ତ ମୋ ଆଖି ବିନ୍ଧା ହେଉଥିଲା ଓ କକୁରେ ପାଇଁ ଏପରି ଭୀଷଣ କଷ୍ଟ ହେଉଥିଲା ଯେ ଡ଼ାକ୍ତରମାନେ ଏ କଥା କହିଲେ ଯେ ଏହାର ଦୃଷ୍ଟିଶକ୍ତି ନଷ୍ଟ ହୋଇଯିବ । ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୋ ସ୍ୱାସ୍ଥ୍ୟପାଇଁ ବିଶେଷରୂପେ ପ୍ରାର୍ଥନା କରିବା ଆରମ୍ଭ କରିଦେଲେ ଓ ତା ସହିତ ଆପଣ (ମୋ ସ୍ୱାସ୍ଥ୍ୟପାଇଁ) ରୋଜା ରଖିବା ଆରମ୍ଭ କରିଦେଲେ ସେ ଯାହା ହେଉ ତିନୋଟି ବା ସାତଟି ରୋଜା ଆପଣ ଆ:ସ (ମୋ ପାଇଁ) ରଖିଛନ୍ତି । ଯେତେବେଳେ ଶେଷ ରୋଜା ଦିନ ଆପଣ ଆ:ସ ଇଫ୍‌ତାରି କରିବାକୁ ଲାଗିଲେ ଏବଂ ରୋଜା ଖୋଲିବା ପାଇଁ ମୁଁହ ଭିତରେ କିଛି ଜିନିଷ ପକାଇଲେ ତେବେ ଅଚାନକ ମୁଁ ଆଖି ଖୋଲି ଦେଲି ଓ ମୁଁ ପାଟି କରି କହିଲି ଯେ ମୋତେ ଏବେ ସବୁ ଦେଖାଯାଉଛି କିନ୍ତୁ ଏହି ଭୀଷଣ ରୋଗ ଏବଂ ତା'ର ବାରମ୍ବାର ଆକ୍ରମଣ ଯୋଗୁଁ ମୋର ଗୋଟିଏ ଆଖିର ଦୃଷ୍ଟିଶକ୍ତି ଶେଷ ହୋଇଗଲା । ସୁତରାଂ ମୋର ବାମ ଆଖିରେ ଦୃଷ୍ଟିଶକ୍ତି ନାହିଁ । ମୁଁ ରାସ୍ତା ତ ଦେଖିପାରୁଛି କିନ୍ତୁ ପୁସ୍ତକ ପଢ଼ିପାରୁନାହିଁ କିନ୍ତୁ ଯଦି କେହି ଅପରିଚିତ ବ୍ୟକ୍ତି ବସିଥିବ ତେବେ ମୋତେ ତା ଚାହେରା ଦେଖାଯାଏ ନାହିଁ । କେବଳ ଡ଼ାହାଣ ଆଖି ଦେଖାଯାଉଛି କିନ୍ତୁ ସେଥିରେ ମଧ କକୁରେ ପଡ଼ିଗଲାଣି ଓ ତାହା ଏତେ ଭୀଷଣ ମାତ୍ରାରେ ପ୍ରଭାବ ପକାଇଛି ଯେ କେତେକେତେ ରାତି ମୁଁ ଅନିଦ୍ରାରେ କାଟିଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୋ ଶିକ୍ଷକମାନଙ୍କୁ ଏ କଥା କହିଦେଇଥିଲେ ଯେ ପାଠପଢ଼ା ତା ମର୍ଜି ମୁତାବକ ହେବ । ସେ ଯେତିକି ପଢ଼ିବାକୁ ଚାହିଁବ ସେତିକି ପଢୁ ଯଦି ସେ ପଢ଼ିବାକୁ ନ ଚାହେଁ ତେବେ ତାକୁ ଜୋର ଜବରଦସ୍ତି କରା ନଯାଉ କାରଣ ପଢ଼ିବା ବୋଝକୁ ବରଦାସ୍ତ କରିବାପାଇଁ ତା ସ୍ୱାସ୍ଥ୍ୟ ଅନୁପଯଗ୍ୟ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବାରମ୍ବାର ମୋତେ କେବଳ ଏହା କହୁଥିଲେ ଯେ, ତୁମେ ପବିତ୍ର କୋରାନ୍‌ର ଅନୁବାଦ ଏବଂ ବୁଖାରି ହଜ୍‌ରତ୍ ମୌଲବୀ ସାହାବଙ୍କଠାରୁ ପଢ଼ିନିଅ (ଅର୍ଥାତ୍ ହଜ୍‌ରତ୍ ମୌଲାନା ନୁରୁଦ୍ଦିନ୍ ଖଲିଫତୁଲ୍ ମସିହ୍ ଅୱଲ୍‌ଙ୍କଠାରୁ ପଢ଼ିନଅ) ଏତଦ୍‌ବ୍ୟତିତ ଆପଣ ଆ:ସ ଏହା ମଧ କହିଥିଲେ ଯେ କିଛି ତିବ୍ ଅର୍ଥାତ୍ ବୈଦ ସମ୍ବନ୍ଧିୟ କଥା ମଧ ପଢ଼ିନିଅ କାରଣ ଏହା ଆମ ବଂଶର କଳା ।'' ଆପଣ ର:ଅ କହୁଛନ୍ତି କି, ''ମାଷ୍ଟର ଫକିର୍‌ରୁଲ୍ଲାଃ ସାହେବ..... ଆମ ଗଣିତ ଶିକ୍ଷକ ଥିଲେ ଓ ପିଲାମାନଙ୍କୁ ବୁଝାଇବା ପାଇଁ ଏବଂ ବୋର୍ଡ଼ ଉପରେ ପ୍ରଶ୍ନର ସମାଧାନ କରୁଥିଲେ କିନ୍ତୁ ମୋତେ ନିଜ ଦୃଷ୍ଟିଶକ୍ତିର ଦୁର୍ବଳତା ହେତୁ ତାହା ଦେଖା ଯାଉନଥିଲା । କାରଣ ଯେତେ ଦୁରରେ ବୋର୍ଡ଼ଟି ଥିଲା ସେତେ ଦୁର ପର୍ଯ୍ୟନ୍ତ ମୋ ଦୃଷ୍ଟିଶକ୍ତି ପହଂଚିପାରୁନଥିଲା ପୁଣି ଅଧିକ ସମୟ ପର୍ଯ୍ୟନ୍ତ ମୁଁ ବୋର୍ଡ଼ ଆଡ଼କୁ ଏପରି ମଧ ଦେଖିପାରୁନଥିଲି କାରଣ ଆଖି ଥକି ଯାଉଥିଲା ସେଥିପାଇଁ ମୁଁ କ୍ଲାସ ଭିତରେ ବସିବାକୁ ଅନ୍ୟଥା ମଣୁଥିଲି । ଯେତେବେଳେ ମନ ଚାହୁଁଥିଲା ଚାଲଯାଉଥିଲି ଓ ମନ ନ ହେଲେ ଯାଉନଥିଲି । ମାଷ୍ଟର ଫକିରୁଲ୍ଲାଃ ସାହେବ ଥରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିକଟରେ ମୋ ସମ୍ବନ୍ଧରେ ଅଭିଯୋଗ କଲେ କି, ହଜୁର୍ ୟେ କିଛି ପଢୁନାହିଁ କେବେ ମଦରସା ଆସୁଛି ତ କେବେ ଆସୁନାହିଁ । ମୋର ଏ କଥା ମନେ ଅଛି'' ଆପଣ ର:ଅ ଲେଖୁଛନ୍ତି କି, ''ମୋର ମନେ ଅଛି ଯେ ଯେତେବେଳେ ମାଷ୍ଟର ସାହେବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିକଟରେ ଏ ଅଭିଯୋଗ କଲେ ସେତେବେଳେ ମୁଁ ଭୟରେ ଲୁଚିଗଲି କି ଜଣା ନାହିଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କିପରି ନାରାଜ ହେବେ । କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେତେବେଳେ ଏ କଥା ଶୁଣିଲେ କହିଲେ ଯେ (ଅର୍ଥାତ୍ ମାଷ୍ଟର ସାହାବଙ୍କୁ କହିଲେ ଯେ) ଆପଣଙ୍କର ବହୁତ ବଡ଼ ଦୟା ଯେ ଆପଣ ପିଲାଟିର ଧ୍ୟାନ ରଖୁଛନ୍ତି ଓ ମୋତେ ଆପଣଙ୍କ କଥା ଶୁଣି ବହୁତ ଖୁସି ଲାଗିଲା ଯେ ୟେ ବେଳେବେଳେ ମଦରସା ଚାଲିଯାଉଛି । (ଏହା ତ ବହୁତ ଭଲ କଥା ଯେ ସେ ବେଳେବେଳେ ଯାଉଛି) ନଚେତ୍ ମୋ ନିକଟରେ ତ' ତାର ସ୍ୱାସ୍ଥ୍ୟ ପଢ଼ିବାପାଇଁ ଯୋଗ୍ୟ ନୁହେଁ । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହସିଦେଇ କହିଲେ କି ଆ ଦ୍ୱାରା ଆମେ କୌଣସି ଡ଼ାଲି, ଚାଉଳର ଦୋକାନ ଖୋଲିବୁ ନାହଁ ଯେ ତାକୁ ଗଣିତ ଶିଖାଯିବ ଗଣିତ ପାଠ ତାକୁ ଆସୁ ବା ନ ଆସୁ କିଛି କଥା ନାହିଁ । ପୁଣି କହିଲେ ଯେ, ରସୁଲ୍ଲେ କରିମ୍ ସ:ଆ:ସ ବା ଆପଣଙ୍କ ସାହାବା କେଉଁ ଗଣିତ ଶିଖିଥିଲେ । ଯଦି ୟେ ମଦରସା ଯାଉଛି ତେବେ ଭଲ କଥା ନଚେତ ତାକୁ ବାଧ କରିବା ଠିକ୍ ନୁହେଁ । ଏ କଥା ଶୁଣି ମାଷ୍ଟର ସାହେବ ଫେରିଗଲେ । ମୁଁ ଏପରି ନମ୍ର ଆଚରଣ ଦ୍ୱାରା ଆହୁରି ମଧ ଲାଭ ଉଠାଇବା ଆରମ୍ଭ କରିଦେଲି ଓ ପୁଣି ମଦରସା ଯିବା ଛାଡ଼ିଦେଲି ବେଳେବେଳେ ମାସକରେ ଥରେ ଦୁଇଥର ଚାଲିଯାଏ ସୁତରାଂ ଏହି ପରି ଶୈଳୀରେ ମୋ ଶିକ୍ଷା ଗ୍ରହଣ ହେଲା ଓ ମୁଁ ବାସ୍ତବରେ ବହୁତ ବିବଶ ଥିଲି କାରଣ ପିଲାଦିନେ ଆଖି କଷ୍ଟ ବ୍ୟତିତ ମୋ କଳିଜାରେ କିଛି ରୋଗ ମଧ ଥିଲା ଛ'ଅ ଛ'ଅ ମାସ ଧରି ମୁଗଡ଼ାଲିର ପାଣି ବା ଶାଗ ପାଣି ମୋତେ ଦିଆଯାଉଥିଲା, (କଳିଜାର ଉପଚାର ନିମନ୍ତେ) । ପୁଣି ଏହା ସହିତ ତିଲି ମଧ ବଢ଼ିଯାଇଥିଲା । Red Iodide of Mercuryକୁ ତିଲିସ୍ଥାନରେ ମାଲିସ୍ କରାଯାଉଥିଲା ସେହିପରି ତାହାକୁ ଗଳାରେ ମଧ ମାଲିସ୍ କରାଯାଉଥିଲା କାରଣ ମୋତେ ଟଂସିଲ୍‌ର ବେମାରୀ ମଧ ଥିଲା ସୁତରାଂ ଆଖିରେ କକୁରେ, କଳିଜାରେ ବେମାରି, ତିଲି ର ରୋଗ ଏବଂ ପୁଣି ତା ସହିତ ଛ'ଅ ଛ'ଅ ମାସ ଧରି ଜ୍ୱର ଛାଡୁନଥିଲା ତେଣୁ ମୋ ପାଠ ପଢ଼ା ସମ୍ବନ୍ଧରେ ମୁରବୀମାନଙ୍କର ଏ ନିଷ୍ପତି ଦେବା କି, ୟେ ଯେତିକି ପଢ଼ିବାକୁ ଚାହୁଁଛି ପଢ଼ିନେଉ ତାକୁ ବାଧ କରାନଯାଉ । ଏହି ଭଳି ଅବସ୍ଥାରେ ପ୍ରତ୍ୟେକ ବ୍ୟକ୍ତି ଆକଳନ ଲଗାଇପାରିବ ଯେ, ମୋ ଶିକ୍ଷାର ଯୋଗ୍ୟତାର ଅବସ୍ଥା କ'ଣ ଥିବ ।''

ସେ କହୁଛନ୍ତି ''ଥରେ ଆମ ନାନାଜାନ୍ ହଜ୍‌ରତ୍ ମୀର୍ ନାସିର୍ ନୱାବ ସାହେବ ର:ଅ ମୋ ଉର୍ଦ୍ଦୁର ପରୀକ୍ଷା ନେଲେ ।'' ହଜ୍‌ରତ୍ ମୁସଲେହ ମଉଦ୍ ର:ଅ ଲେଖୁଛନ୍ତି କି, ''ମୋ ଅକ୍ଷର ବର୍ତ୍ତମାନ ବି ବହୁତ ଖରାପ କିନ୍ତୁ ସେ ସମୟରେ ମୋ ଅକ୍ଷର ଏତେ ଖରାପ ଥିଲା ଯେ ତାହା ପଢ଼ାଯାଉନଥିଲା କି ମୁଁ କ'ଣ ଲେଖିଛି । ମୁଁ କ'ଣ ଲେଖିଛି ତାହା ଜାଣିବା ପାଇଁ ସେ ବହୁତ ଚେଷ୍ଟାକଲେ କିନ୍ତୁ ସେ କିଛି ଜାଣିପାରିଲେ ନାହିଁ ।'' ଆପଣ ର:ଅ ଲେଖୁଛନ୍ତି ମୋ ପିଲାମାନଙ୍କର ଅଧିକାଂଶଙ୍କ ଲେଖା ମୋ ଠାରୁ ଭଲ କିନ୍ତୁ ମୋ ଲେଖାର ନମୁନା କେବଳ ମୋ ଝିଅ ଅମତୁର୍ ରଶିଦ୍‌ଙ୍କ ଲେଖାରେ ମିଳିଥାଏ । ତା'ର ଲେଖା ଏପରି କି ଆମେ ତା ଲେଖାରେ ଏକଟଙ୍କା ପୁରସ୍କାର ଧାର୍ଯ୍ୟ କରିଦେଇଥିଲୁ ଯେ ଯଦି ନିଜେ ଅମତୁର୍ ରଶିଦ୍ ପଢ଼ି ବତାଇଦେବେ ଯେ ସେ କ'ଣ ଲେଖିଛନ୍ତି ବୋଲି ତେବେ ଏକଟଙ୍କା ପୁରସ୍କାର ଦିଆଯିବ ।'' ପୁଣି କହୁଛନ୍ତି କି, ''ଏହିପରି ଅବସ୍ଥା ସେ ସମୟରେ ମୋର ଥିଲା ଯେ ମୋ ଦ୍ୱାରା ଲେଖାଯାଇଥିବା କଥା ମଧ ପଢ଼ି ହେଉନଥିଲା । ଯେତେବେଳେ ମୀର୍ ସାହେବ ମୋ ଖାତା ଦେଖିଲେ ସେତେବେଳେ ସେ ରାଗିଯାଇ କହିଲେ କି, ଏହା ତ ହେଉଛି ଏପରି ଯେପରି ଲଣ୍ଡେ ଲେଖାଯାଇଥାଏ । ତାଙ୍କ ସ୍ୱଭାବ ବହୁତ ତେଜ୍ ଥିଲା ତେଣୁ ସେ ତତ୍‌କ୍ଷଣାତ୍ ରାଗି ଯାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିକଟରେ ପହଂଚିଲେ ସଂଯୋଗ ବଶତଃ ମୁଁ ବି ସେତେବେଳେ ଘରେ ଥିଲି । ଆମେ ତ ପୂର୍ବରୁ ମଧ ତାଙ୍କ ଆଚରଣ ଦ୍ୱାରା ଭୟ କରୁଥିଲୁ ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିକଟରେ ସେ ଅଭିଯୋଗ ନେଇ ପହଂଚିଲେ ସେତେବେଳେ ଆହୁରି ଅନେକ ଭୟ ସୃଷ୍ଟି ହୋଇଗଲା ଯେ ଜଣା ନାହିଁ ବର୍ତ୍ତମାନ କଣ ହେବ ସେ ଯାହା ହେଉ ମୀର୍ ସାହେବ ଆସିଲେ ଏବଂ ହଜ୍‌ରତ୍ ସାହେବଙ୍କୁ କହିଲେ ଯେ, ମେହମୁଦ୍‌ଙ୍କ ଶିକ୍ଷା ପ୍ରତି ଆପଣଙ୍କୁ କୌଣସି ଧ୍ୟାନ ନାହିଁ । ମୁଁ ତା ଉର୍ଦ୍ଦୁ ପରୀକ୍ଷା ନେଇଥିଲି । ଆପଣ ଟିକେ ତା ଖାତାକୁ ଦେଖନ୍ତୁ ତା'ର ଲେଖା ଏତେ ଖରାପ ଯେ, କୌଣସି ବ୍ୟକ୍ତି ତାହା ପଢ଼ିପାରିବେ ନାହିଁ । ପୁଣି ସେହି ପରି କ୍ରୋଧିତ ଅବସ୍ଥାରେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ କହିଲେ ଯେ ଆପଣ ବିଲ୍‌କୁଲ୍ ପରବାୟ କରୁନାହାନ୍ତି ଓ ପୁତ୍ରର ବୟସ ଖରାପ ହେଉଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେତେବେଳେ ହଜ୍‌ରତ୍ ମୀର୍ ସାହେବଙ୍କୁ ଏପରି କ୍ରୋଧିତ ଅବସ୍ଥାରେ ଦେଖିଲେ କହିଲେ ''ହଜ୍‌ରତ୍ ମୌଲବୀ ସାହେବଙ୍କୁ ଡାକ'' ଆପଣ ର:ଅ କହୁଛନ୍ତି ''ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୌଣସି ଅସୁବିଧାରେ ପଡ଼ନ୍ତି ସେତେବେଳେ ସର୍ବଦା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ର:ଅଙ୍କୁ ଡକାଉଥିଲେ । ହଜ୍‌ରତ୍ ଖଲିଫା ଅୱଲ୍ ର:ଅଙ୍କୁ ମୋ ସହିତ ବହୁତ ପ୍ରେମ ଥିଲା । ସେ ଆସି ତାଙ୍କ ଅଭ୍ୟାସ ମୁତାବକ ମୁଣ୍ଡକୁ ତଳକୁ କରି ଗୋଟିଏ ପଟେ ଛିଡ଼ା ହୋଇଗଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି'' ମୌଲବୀ ସାହେବ ! ମୁଁ ଆପଣଙ୍କୁ ଏଥିପାଇଁ ଡକାଇଅଛି ଯେ, ମୀର୍ ସାହେବ କହୁଛନ୍ତି କି, ମେହମୁଦ୍‌ର ଲେଖା ପଢ଼ାଯାଉ ନାହିଁ ତେଣୁ ମୋ ମନ ଚାହୁଁଛି

ଯେ ତାର ପରୀକ୍ଷା ନିଆଯାଉ ।'' ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି, ମୁଁ ଭାବୁଛି ଯେ ତାର ପରୀକ୍ଷା ନିଆଯାଉ । ଏହା କହି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କଲମ ଉଠାଇଲେ ଓ ଦୁଇ ତିନି ଧାଡ଼ିରେ ଗୋଟିଏ ବାକ୍ୟ ଲେଖି ମୋତେ ଦେଇ କହିଲେ କି, ଏହାକୁ ନକଲ କର । ହଜ୍‌ରତ୍ ମୁସ୍‌ଲେହ ମଉଦ୍ କହୁଛନ୍ତି ସୁତରାଂ ଏହା ପରୀକ୍ଷା ଥିଲା ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନେଲେ । ମୁଁ ସତର୍କତାର ସହିତ ଓ ବୁଝି ଜାଣି ତାହାକୁ ନକଲ କରିଦେଲି ପ୍ରଥମତଃ ସେହି ବାକ୍ୟଟି ଅଧିକା ଲମ୍ବା ନଥିଲା ଦ୍ୱିତୀୟତଃ ମୋତେ କେବଳ ନକଲ କରିବାର ଥିଲା ଓ ନକଲ କରିବାତ ବହୁତ ସହଜ ହୋଇଥାଏ କାରଣ ଅସଲ ବସ୍ତୁ ସାମନାରେ ଥାଏ ତେଣୁ ମୁଁ ଧିରେ ଧିରେ ନକଲ କଲି । ***ଅଲିଫ୍*** ଏବଂ ***ବା*** ଇତ୍ୟାଦି ଅକ୍ଷର ଗୁଡ଼ିକୁ ସତର୍କରେ ନକଲ କଲି । ଯେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାହା ଦେଖିଲେ କହିଲେ ଯେ, ମୋତେ ତ ମୀର୍ ସାହେବଙ୍କ କଥାରୁ ବହୁତ ଚିନ୍ତା ସୃଷ୍ଟି ହୋଇଯାଇଥିଲା କିନ୍ତୁ ଏହାର ଲେଖା ତ ମୋ ଲେଖା ସଦୃଶ ଅଟେ । ହଜ୍‌ରତ୍ ଖଲିଫା ଅୱ୍ୱଲ ତ ପ୍ରଥମରୁ ହିଁ ମୋ ପ୍ରଶଂସା କରୁଥିଲେ । ସେ କହିଲେ ହଜୁର୍ ! ମୀର୍ ସାହେବଙ୍କୁ କେବଳ ଏପରି କଥାରେ (ବେକାରଟାକୁ) କ୍ରୋଧ ଆସିଛି ନଚେତ୍ ଏହାର ଲେଖା ତ ବହୁତ ଭଲ ।

ହଜ୍‌ରତ୍ ଖଲିଫାଃ ଅୱ୍ୱଲ୍ ର:ଅ ସର୍ବଦା ମୋତେ କହୁଥିଲେ ଯେ, ମିଆଁ ତୁମ ସ୍ୱାସ୍ଥ୍ୟର ଅବସ୍ଥା ଏପରି ନୁହେଁ କି ତୁମେ ନିଜେ ପଢ଼ିପାରିବ ମୋ ନିକଟକୁ ଆସିଯାଅ ମୁଁ ପଢ଼ିଚାଲିବି ଓ ତୁମେ ଶୁଣି ଚାଲିବ । ସୁତରାଂ ସେ ବହୁତ ଜୋର୍ ଦେଇ ପ୍ରଥମେ କୋରାନ୍ ପଢ଼ାଇଲେ ଓ ପୁଣି ବୁଖାରୀ ପଢ଼ାଇଲେ । ଏପରି ନୁହେଁ କି, ସେ ଧିରେ ଧିରେ ମୋତ କୋରାନ୍ ପଢ଼ାଇଛନ୍ତି ବରଂ ତାଙ୍କର ଏ ଶୈଳୀ ଥିଲା କି, ସେ କୋରାନ୍ ପଢ଼ିଚାଲନ୍ତି ଓ ସଙ୍ଗେ ସଙ୍ଗେ ତାର ଅନୁବାଦ କରିଦିଅନ୍ତି । କୌଣସି କଥା ଯଦି ଆବଶ୍ୟକ ମଣନ୍ତି ତେବେ ବତାଇ ଦିଅନ୍ତି ନଚେତ୍ ଶୀଘ୍ର ଶୀଘ୍ର ପଢ଼ାଇଚାଲନ୍ତି ସେ ମୋତେ ତିନି ମାସରେ ପୁରା କୋରାନ ପଢ଼ାଇଦେଇଥିଲେ । ତା ପରେ କିଛି ଦିନ ନାଗା ହୋଇଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ ହଜ୍‌ରତ୍ ଖଲିଫାଃ ଅୱ୍ୱଲ୍ ର:ଅ ପୁଣି ମୋତେ କହିଲେ ଯେ, ମିଆଁ ମୋଠାରୁ ବୁଖାରୀ ପୁରା ପଢି ନିଅ । ବାସ୍ତବରେ ମୁଁ ଆପଣ ର:ଅଙ୍କୁ ବତାଇଦେଇଥିଲି ଯେ,ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୋତେ କହୁଥିଲେ କି ମୌଲବୀ ସାହାବଙ୍କ ଠାରୁ କୋରାନ୍ ଏବଂ ବୁଖାରୀ ପଢ଼ିନିଅ ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନରେ ହିଁ ମୁଁ ଆପଣ ର:ଅଙ୍କଠାରୁ କୋରାନ୍ ଓ ବୁଖାରୀ ପଢ଼ିବା ଆରମ୍ଭ କରିଦେଇଥିଲି ଯଦିଚ କିଛି ବ୍ୟବଧାନ ପଡ଼ିଯାଉଥିଲା । ସେହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶ ମୁତାବକ ମୁଁ ଆପଣ ର:ଅଙ୍କଠାରୁ ଚିକିତ୍ସା ବିଦ୍ୟା ଶିଖିବା ଆରମ୍ଭ କରିଦେଇଥିଲି । ଚିକିତ୍ସା ବିଦ୍ୟାର ସବକ(ଜ୍ଞାନ) ମୁଁ ଓ ମୀର୍ ଇଶ୍‌ହାକ୍ ସାହାବ ର:ଅ ଗୋଟିଏ ଦିନରେ ହିଁ ଆରମ୍ଭ କରିଥିଲୁ । ପୁଣି ସେ କହୁଛନ୍ତି କି, ମୀର୍ ସାହେବଙ୍କ ଗୋଟିଏ ଲତିଫା (ଅର୍ଥାତ୍ ମଜାଳିଆ କଥା) ଯାହା ଆମ ଘରେ ଖୁବ୍ ଚର୍ଚ୍ଚାର କେନ୍ଦ୍ର ଥିଲା ଯେ, ଦ୍ୱିତୀୟ ଦିନ ହିଁ, (ପ୍ରଥମ ଦିନର ଶିକ୍ଷା ଦୁଇଜଣ ଯାକ ହାସଲ କରିବା ପରେ ଯେବେ ୨ୟ ଦିନ ହେଲା) ''ମୀର୍ ଇଶ୍‌ହାକ୍ ସାହେବ ର:ଅ ନିଜ ମା'ଙ୍କୁ କହିଲେ ଯେ, ଅମ୍ମାଜାନ୍ ମୋତେ ସକାଳ ବେଳ ଶୀଘ୍ର ଜଗାଇଦେବେ କାରଣ ମୌଲବୀ ସାହେବ ର:ଅ (ଅର୍ଥାତ୍ ଖଲିଫା ଅୱ୍ୱଲ୍ ର:ଅ) ଚିକିତ୍ସାଳୟକୁ ବିଳମ୍ବରେ ଆସୁଛନ୍ତି ତେଣୁ ମୁଁ ପୁର୍ବରୁ ଚିକିତ୍ସାଳୟ ଯାଇ ରୋଗୀମାନଙ୍କୁ ଔଷଧ ଲେଖିଦେବି, ଯଦିଚ ଏବେ ଗୋଟିଏ ଦିନ ହିଁ ଚିକିତ୍ସା ଶିକ୍ଷା ଆରମ୍ଭ ହୋଇଥିଲା ।

ସୁତରାଂ ମୁଁ ଆପଣ ର:ଅଙ୍କ ଠାରୁ ଚିକିତ୍ସା ବିଦ୍ୟା ମଧ୍ୟ ପଢ଼ିଲି ଓ ପବିତ୍ର କୋରାନ୍‌ର ତଫ୍‌ସିର୍ ମଧ୍ୟ ପଢ଼ିଲି । ପବିତ୍ର କୋରାନ୍‌ର ତଫ୍‌ସିର୍ ଆପଣ ମୋତେ ଦୁଇମାସରେ ହିଁ ଶେଷ କରାଇଦେଲେ । ଆପଣ ମୋତେ ନିଜ ନିକଟରେ ହିଁ ବସାଇ ଦେଉଥିଲେ ଓ କେବେ ଅଧ ପାରା ଓ କେବେ ପୂରା ପାରା ଅନୁବାଦ କରି ପଢ଼ି ଶୁଣାଇ ଦେଉଥିଲେ ଗୋଟିଏ ଗୋଟିଏ ଆୟତର ତଫ୍‌ସିର୍ ମଧ୍ୟ କରିଦଅନ୍ତି । ସେହିପରି ଆପଣ ର:ଅ ଦୁଇ ତିନିମାସ ମଧ୍ୟରେ ମୋତେ ବୁଖାରୀ ପଢ଼ାଇ ଶେଷ କରାଇଦେଲେ । ଏକଦା ରମ୍‌ଜାନ ମାସରେ ଆପଣ ର:ଅ ସାରା କୋରାନ୍‌ର ଦରସ ଦେଲେ ସେଥିରେ ମୁଁ ମଧ୍ୟ ଯୋଗ ଦେଇଥିଲି କିଛି ଆରୋଗୀ ପ୍ରତ୍ରିକା ଆପଣ ର:ଅଙ୍କ ଠାରୁ ପଢ଼ିବାର ସୌଭାଗ୍ୟ ମିଳିଛି । ସୁତରାଂ ଏହା ଥିଲା ମୋ ଜ୍ଞାନର ପରିସିମା । ଯେତେବେଳେ ମୁଁ ଏହି କୋର୍ସ ଶେଷ କରୁଥିଲି ସେହିଦିନ ଗୁଡ଼ିକରେ ମୋତେ ଗୋଟିଏ ସ୍ୱପ୍ନ ଅଲ୍ଲାଃ ତାଲ ଦେଖାଇଲେ'' ଯାହା ଆପଣଙ୍କ ଜ୍ଞାନର ଉନ୍ନତି ସମ୍ବନ୍ଧରେ ଥିଲା । *(ସ୍ୱାନେହ୍ ଫଜ୍‌ଲେ ଉମର୍ ର:ଅ ଖଣ୍ଡ-୧ ପଢ-୧୦୪ ରୁ ୧୦୯)*

ସୁତରାଂ ଆମେ ଦେଖୁଛେ ଯେ, ଏହା ଥିଲା ଆପଣ ର:ଅଙ୍କର ଶିକ୍ଷାଗତ ଯୋଗ୍ୟତା କିନ୍ତୁ ଆପଣ ର:ଅଙ୍କ ଅଭିଭାଷଣ, ଅପାଣ ର:ଅଙ୍କ ତକ୍‌ରିର୍, ଅପାଣ ର:ଅଙ୍କ ଲେଖା, ଅପାଣ ର:ଅଙ୍କ କୋରାନ୍‌ର ତଫ୍‌ସିର୍ (ଅର୍ଥାତ୍ ବ୍ୟାଖ୍ୟା) ଏ କଥାର ମୁକ ସାକ୍ଷୀ ଅଟେ କି ଖୁଦାତାଲା ହିଁ ଆପଣଙ୍କୁ ପଢ଼ାଇଛନ୍ତି । ନିଶ୍ଚିତ ରୂପେ ଏହା ବହୁତ ବଡ଼ ପ୍ରମାଣ ଓ ଭବିଷ୍ୟବାଣୀର ସତ୍ୟତା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନରେ ୧୯୦୬ ମସିହାରେ ଯେଉଁ ଜଲ୍‌ସା ସାଲନା ଅନୁଷ୍ଠିତ ହୋଇଥିଲା ସେଥିରେ ଆପଣ ର:ଅ (ଅର୍ଥାତ୍ ହଜ୍‌ରତ୍ ମୁସ୍‌ଲେହ ମଉଦ୍) ପ୍ରଥମ ପବ୍ଲିକ ତକ୍‌ରିର୍ ଅର୍ଥାତ୍ ଜନସମୂହ ସମ୍ମୁଖରେ ପ୍ରଥମ ଭାଷଣ ଦେଇଥିଲେ । ସେହି ତକ୍‌ରିର୍‌ର ତତ୍ୱଜ୍ଞାନ ଓ ମର୍ମ ସ୍ରୋତାମାନଙ୍କ ଉପରେ ଯେଉଁ ପ୍ରକାରର ପ୍ରଭାବ ପକାଇଥିଲା ତାହାର କିଛିଟା ଅନୁମାନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମହାନ୍ ସାହାବୀ ଓ କବି ହଜ୍‌ରତ୍ କାଜୀ ମୁହମ୍ମଦ୍ ଜହରୁଦ୍ଦିନ୍ ଅକ୍‌ମଲ୍ ସାହେବ ର:ଅଙ୍କ ନିମ୍ନଲିଖିତ ବାକ୍ୟରୁ ଲଗାଯାଇପାରେ । ଅପଣ ର:ଅ କହୁଛନ୍ତି ''ନବୁଓ୍ୱତ୍‌ର ନକ୍ଷତ୍ର ମଣ୍ଡଳର ଆଲୋକମୟ ତାରା, ଉନ୍ନତ ରିସାଲତ୍‌ର ଜ୍ୟୋତିର୍ମୟ ମୋତି ମେହମୁଦ୍ ସଲ୍‌ମହୁଲ୍ଲାହୁ ଅଲ୍‌ଓ୍ୱଦୁତ୍ ଶିର୍କ (ଅର୍ଥାତ୍ ଅଲ୍ଲାଃଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ କରିବା) ବିଷୟବସ୍ତୁ ଉପରେ ତକ୍‌ରିର୍ କରିବାପାଇଁ ଛିଡ଼ାହେଲେ ମୁଁ ତାଙ୍କର ବକ୍ତବ୍ୟକୁ ଧ୍ୟାନର ସହିତ ଶୁଣିବାକୁ ଲାଗିଲି କ'ଣ କହିବି ତାହା ସାହିତ୍ୟର ଏକ ବନ୍ୟା ଥିଲା ଯାହା କ୍ଷୀପ୍ରଗତିରେ ବହି ଚାଲିଥିଲା । ପ୍ରକୃତରେ ଏତେ ଛୋଟ ବୟସରେ ଏପରି ଦୃଢ଼ ମନୋଭାବ କୌଣସି ଚମତ୍କାରଠାରୁ କମ୍ ନୁହେଁ । ମୋ ମତରେ ଏହା ମଧ୍ୟ ହଜୁର୍ ଆ:ସଙ୍କ ସତ୍ୟତାର ଏକ ନିର୍ଦ୍ଦଶନ ଓ ଏଥିରୁ ପ୍ରକାଶ ହୋଇପାରେ ଯେ, ମସିହ୍‌ଙ୍କ ତରବିୟତ୍‌ର ଗୁଣ କେଉଁ ଉଚସ୍ତରକୁ ପହଂଚି ପାରିଛି । ଅପାଣ ର:ଅ ଆଧାତ୍ମିକର ପୂର୍ଣ୍ଣତା ଉପରେ ଚମତ୍କାର ଶୈଳୀରେ ତର୍କ କରିଛନ୍ତି ।''

*(ଅଲ୍‌ହକମ୍, ୧୦ ଜାନୁୟାରୀ୧୯୦୭, ଯୁବ୍‌ଲି ସଂଖ୍ୟା ୧୯୩୯) (ଉଦ୍ଧୃତ ପୁସ୍ତକ ସ୍ୱାନେହ୍ ଫଜ୍‌ଲେ ଉମର୍ ର:ଅ ଖଣ୍ଡ-୧ ପୃ-୧୨୧ ରୁ ୧୨୨)*

ସେ ସମୟରେ (ଆପଣ ର:ଅଙ୍କ) ଧର୍ମ କାର୍ଯ୍ୟ ଓ ସେଥିରେ ଜୋସ୍, ବୌଦ୍ଧିକ ଓ ଆଧତ୍ମିକତାରେ ବଢ଼ିଚାଲିବା ଏ କଥା ବତାଉଥିଲା ଯେ, ପେଶ୍‌ଗୋଇରେ ଯେଉଁ ବାକ୍ୟଥିଲା କି ସେ ଶୀଘ୍ରଶୀଘ୍ର ବଢ଼ିବ, ସେହି ପେଶ୍‌ଗୋଇର ଅନୁରୁପ ଆପଣ ର:ଅ ହିଁ ଅଟନ୍ତି । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ସେହି ଦୀନି ଜୋସ୍‌କୁ ଅନୁଭବ କରିଛନ୍ତି ସୁତରାଂ ଆପଣ ଆ:ସ ଗୋଟିଏ ଅବସରରେ କହିଲେ ଯେ, ''ମିଆଁ ମେହମୁଦ୍‌ଙ୍କ ନିକଟରେ ଏତେ ମାତ୍ରାରେ ଧର୍ମକାର୍ଯ୍ୟ କରିବାପାଇଁ ଉତ୍ସାହ ମିଳୁଛି ଯେ, ମୁଁ ବେଳେବେଳ ତାଙ୍କ ପାଇଁ ବିଶେଷ ରୂପେ ଦୁଆ କରୁଅଛି ।'' *(ତାରିଖେ ଅହମଦିୟତ୍ ଖଣ୍ଡ-୪, ପୃ-୨୬)*

ଏହା ଥିଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସଦ୍ଧ । ନିଶ୍ଚିତରୂପେ ଏହି ଦୁଆ ସେଥିପାଇଁ ହୋଇଥିବ ଏବଂ ଏ ଦୁଆ କରୁଥିବେ ଯେ ଅଲ୍ଲାଃ ତାଲା ତାଙ୍କୁ ସେହି ପୁତ୍ର ବନାଇ ଦିଅନ୍ତୁ ଯାହାର ସୁସମାଚାର ଦିଆଯାଇଥିଲା ଓ ତା ଉପରେ ନିଜ କରୁଣାର ବର୍ଷାକୁ ଅଧିକ କରିଦିଅନ୍ତୁ ଓ ସମସ୍ତ ସୁସମାଚାର ତା ସପକ୍ଷରେ ପୁରଣ ହେଉ ।

ହଜ୍‌ରତ୍ ମିର୍ଜା ତାହେର୍ ଅହେମଦ୍ ସାହେବ ରହେମୁଲ୍ଲାଃ ଯେଉଁ ସିରତ୍ ଲେଖିଛନ୍ତି ସେଥିରେ ଗୋଟିଏ ସ୍ଥାନରେ ଆପଣ ଲେଖୁଛନ୍ତି ଯେ ''ଖିଲାଫତେ ଉଲା ଅର୍ଥାତ୍ ପ୍ରଥମ ଖିଲାଫତ୍‌ର ଆରମ୍ଭରେ ହଜ୍‌ରତ୍ ସାହେବଜାଦା ସାହେବ (ଅର୍ଥାତ୍ ମୁସ୍‌ଲେହ ମଉଦ୍)ଙ୍କ ବୟସ ୧୯ବର୍ଷ ଥିଲା ଓ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱ୍ୱଲ ର:ଅଙ୍କ ଦେହାନ୍ତ ସମୟରେ ତାଙ୍କର ବୟସ ୨୬ ତମ ବର୍ଷରେ ପ୍ରବେଶ କରୁଥିଲା । ଏତେ କମ୍ ବୟସରେ ତାଙ୍କ ତକ୍‌ରିର୍ ଓ ତାଙ୍କର ଲେଖା ଗୁଡ଼ିକର ଯେଉଁ ରୂପ ଥିଲା ତାହାର କିଛି ନମୁନା ମୁଁ ଉପସ୍ଥାପନା କରୁଅଛି । ତାଙ୍କର ଭାବନା ଓ ଚିନ୍ତାଧାରାରେ ଜଣେ ବ୍ୟୟଜ୍ୟୋଷ୍ଠ ଚିନ୍ତା ନାୟକଙ୍କ ପରିପକ୍ୱତା ଆସି ସାରିଥିଲା । ତାଙ୍କର ଶବ୍ଦଗୁଡ଼ିକ ପ୍ରଭାବପୂର୍ଣ୍ଣ, ଆକର୍ଷଣ, ସ୍ୱଷ୍ଟତା ଏବଂ କୋମଳତାରେ ଭରି ରହିଥିଲା । ତାଙ୍କ ବାଣୀରେ ସେଥିରେ କୃତ୍ରିମତା ନଥିଲା ଓ ତାଙ୍କ ଲେଖା କୃତ୍ରିମତାରୁ ପବିତ୍ର ଥିଲା । ତକ୍‌ରିର୍‌ରେ ଏକ ପ୍ରାକୃତିକ ଧାରା ବହୁଥିଲା ଓ ଲେଖା ଗୁଡ଼ିକ ଏକ ବହିଯାଉଥିବା ନଦୀ ସଦୃଶ ଥିଲା । ଦୁଇଟିଯାକ (ଅର୍ଥାତ୍ ଭାଷଣ ଓ ଲେଖା)ରେ ପବିତ୍ର କୋରାନ୍‌ର ଜ୍ଞାନ ଦ୍ୱାରା ଏବଂ ବୌଦ୍ଧିକ ପାଣିରେ ପରିପୁର୍ଣ୍ଣ ହୋଇରହିଥିଲା ଓ ତାହା ବୁଦ୍ଧି ଓ ହୃଦୟକୁ ଏକ ସଙ୍ଗେ ତୃପ୍ତ ଦେଉଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ ୧୯ବର୍ଷ ବୟସରେ ଅପାଣ ର:ଅ ଯେଉଁ ପ୍ରଥମ ତକ୍‌ରିର୍ କଲେ ସେ ସମ୍ବନ୍ଧରେ ଜଣେ ଜ୍ଞାନୀ ବୟସ୍କବ୍ୟକ୍ତି ହଜ୍‌ରତ୍ ମୌଲବୀ ଶେର୍ ଅଲୀ ସାହେବ କହୁଛନ୍ତି କି,''ଆଉଗୋଟିଏ ଘଟଣା ଯାହାର ଚର୍ଚ୍ଚା ମୁଁ ଏ ବିଷୟରେ କରିବାକୁ ଚାହୁଁଛି ତାହା ହେଉଛି ହଜୁର୍ ର:ଅଙ୍କ ପ୍ରଥମ ତକ୍‌ରିର୍ । ଅର୍ଥାତ୍ (ମୌଲବୀ ସାହେବ ର:ଅଙ୍କ ଜମାନାରେ ତ ଜୀବିତ ଥିଲେ) ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ପ୍ରଥମ ତକ୍‌ରିର୍ ଯାହାକୁ ହଜୁର୍ ର:ଅ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ ପ୍ରଥମ ଜଲ୍‌ସା ସାଲନା ଅବସରରେ କରିଥିଲେ । ସେହି ଜଲ୍‌ସା ମଦର୍‌ସା ଅହେମଦୀୟାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱ୍ୱଲ୍ ର:ଅ ହଜୁର୍‌ଙ୍କ ଡାହାଣପଟେ ମଂଚ ଉପରେ ବିରାଜମାନ ଥିଲେ ଓ ମଂଚର ମୁହଁ ଉତର ଦିଗକୁ ହୋଇଥିଲା । ଏହି ତକ୍‌ରିର୍ ବିଷୟରେ ଦୁଇଟି କଥା କହିବା ଯୋଗ୍ୟ । ମୌଲବି ଶେର୍ ଅଲୀ ସାହେବ ଲେଖୁଛନ୍ତି ପ୍ରଥମ ଆଶ୍ଚର୍ଯ୍ୟ କଥା ଥିଲା କି ସେତେବେଳେ ଆପଣ ର:ଅଙ୍କ ଆବାଜ୍ ଓ ଆପଣଙ୍କ ଶୈଳୀ ଓ ଆପଣ ର:ଅଙ୍କ ଭାଷଣର ଶୈଳୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭାଷଣ ଶୈଳୀ ସହିତ ଏତେ ମାତ୍ରାରେ ସମାନ ଥିଲା ଯେ, ସେ ସମୟରେ ଶୁଣିବା ଲୋକମାନଙ୍କ ମନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସ୍ମୃତି ତାଜା ହୋଇଗଲା, ଯେ ଏବେ ଅଳ୍ପଦିନ ହେବ ଆମଠାରୁ ବିଦାୟ ନେଇଥିଲେ । ଶ୍ରୋତାମାନଙ୍କ ଭିତରେ ବହୁତ ଲୋକ ଏପରି ଥିଲେ ଯାହାଙ୍କ ଆଖିରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସେହି ଆବାଜ ଯୋଗୁଁ, ଯାହା ତାଙ୍କ ପ୍ରତିଶୃତ ପୁତ୍ରଙ୍କ ଶ୍ରୀମୁଖରୁ ସେ ସମୟରେ ଏପରି ପହଂଚୁଥିଲା ଯେପରି ଗ୍ରାମଫୋନ୍‌ରୁ ଜଣେ ଲୋକର ସ୍ୱର ଆଖି ଆଗରୁ ଅର୍ନ୍ତଧାନ ହେବା ସତ୍ୱେ ମଧ୍ୟ ଶୁଣାଯାଉଥିଲା, ଅଶ୍ରୁ ବହିଚାଲିଲା ଓ ସେହି ଅଶ୍ରୁ ବୁହାଉଥିବା ଲୋକମାନଙ୍କ ମଧ୍ୟରେ ଏ ଅଧମ ମଧ୍ୟ ଥିଲା । ଯଦି ଏହା କହିବା ଠିକ୍ ହେବ ଯେ, ମନୁଷ୍ୟର ଆତ୍ମା ଅନ୍ୟ ଜଣକ ଉପରେ ଅବତୀର୍ଣ୍ଣ ହୋଇଥାଏ ବୋଲି ତେବେ ଆମେ କହିପାରିବୁ ଯେ, ସେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆତ୍ମା ଆପଣ ର:ଅଙ୍କ ଉପରେ ଅବତୀର୍ଣ୍ଣ ହେଉଥିଲା ଓ ତାହା ଏ କଥାକୁ ଘୋଷଣା କରୁଥିଲା ଯେ ଇଏ ହେଉଛି ମୋର ପ୍ରୀୟତମ ପୁତ୍ର ଯାହାଙ୍କୁ ମୋତେ କରୁଣାର ନିର୍ଦ୍ଦଶନରୂପେ ଦିଆଯାଇଥିଲା ଓ ଯାହାଙ୍କ ସମ୍ବନ୍ଧରେ ଏ କଥା କୁହାଯାଇଥିଲା ଯେ, ସେ ହୁସ୍‌ନ ଓ୍ୱ ଏହେସାନ୍ ଅର୍ଥାତ୍ ସୌନ୍ଦର୍ଯ୍ୟ ଓ କରୁଣାରେ ତୁମର ଦୃଷ୍ଟାନ୍ତ ହେବ ।

ସେହି ତକ୍‌ରିର୍ ସମ୍ବନ୍ଧରେ ଯେଉଁ ୨ୟ କଥାଟି କହିବା ଯୋଗ୍ୟ ତାହା ହେଉଛି ଏହା କି, ଯେତେବେଳେ ତକ୍‌ରିର୍ ଶେଷ ହେଲା ସେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅୱ୍ୱଲ ର:ଅ ଯାହାଙ୍କ ସାରାଜୀବନ ପବିତ୍ର କୋରାନ୍ ଉପରେ ଗଭୀର ଅଧ୍ୟୟନ କରିବାରେ ବିତିଥିଲା ଓ ପବିତ୍ର କୋରାନ୍ ଯାହାଙ୍କ ଆତ୍ମାର ଖାଦ୍ୟଥିଲା, ସେ କହିଲେ ଯେ ମିଆଁ ବହୁତ ଗୁଡ଼ିଏ ଆୟାତର ଏପରି ତଫ୍‌ସିର କରିଛନ୍ତି ଯାହା ମୋ ପାଇଁ ମଧ୍ୟ ନୂଆ ଥିଲା । ମୌଲବୀ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ସାହାବ ଲେଖୁଛନ୍ତି କି, ଏହା ଆପଣ ର:ଅଙ୍କ ପ୍ରଥମ ତକ୍‌ରିର୍ ଥିଲା ଯାହାଙ୍କୁ ଅପାଣ ଜମାତ୍‌ର ସମ୍ମୁଖରେ ପ୍ରଥମଥର ପାଇଁ କରିଛନ୍ତି । ସେହି ପ୍ରଥମ ତକ୍‌ରିର୍‌ରେ ପବିତ୍ର କୋରାନ୍‌ର ସେହି ତତ୍ତ୍ୱଜ୍ଞାନ ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ ଏପରି ଜ୍ଞାନ ବର୍ଣ୍ଣନା କରିଛନ୍ତି ଯାହା ସମ୍ବନ୍ଧରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅୱଲ ର:ଅଙ୍କ ପରି ଆଲିମେ କୁର୍‌ଆନ୍ (ଅର୍ଥାତ୍ କୋରାନ୍ ଜ୍ଞାନ ରଖିଥିବା ବ୍ୟକ୍ତି) ଏହା ସ୍ୱୀକାର କଲେ ଯେ, ଏହା ତାଙ୍କ ପାଇଁ ମଧ୍ଯ ନୂଆ ତତ୍ତ୍ୱଜ୍ଞାନ ଥିଲା । ସୁତରାଂ ଏହି ନବଯୁବକଙ୍କୁ ଏପରି ଜ୍ଞାନ କିଏ ଶିଖାଇଲା ? ଏହି ବୁଦ୍ଧି ଓ ଏହି ଜ୍ଞାନ ଆପଣ ର:ଅଙ୍କୁ ଯୁବକ ଅବସ୍ଥାରେ କିଏ ଦେଲେ । ସେ ଯିଏ ପବିତ୍ର କୋରାନ୍‌ରେ ହଜ୍‌ରତ୍ ୟୁସୁଫ୍ ଆ:ସଙ୍କ ସମ୍ବନ୍ଧରେ କହିଛନ୍ତି *ୱ ଲମ୍ମା ବଲଗା ଅଶୁଦ୍‌ଦହୁ ଆତୈନାହୁ ହୁକ୍‌ମଉନ୍ ୱ ଇଲ୍‌ମା ୱ କଜାଲିକା ନଜ୍‌ଜିଲ୍ ମୁହ୍‌ସିନୀନ୍ (ୟୁସୁଫ୍: ୨୩)* ଏବଂ ଯେବେ ସେ ନିଜର ମଜବୁତ୍ ବୟସକୁ ପହଂଚିଲା ସେତେବେଳେ ଆମେ ତାକୁ ବୁଦ୍ଧି ଓ ଜ୍ଞାନ ପ୍ରଦାନ କଲୁ ଓ ଏହିପରି ଆମେ ଅନୁଗ୍ରହ କରୁଥିବା ଲୋକଙ୍କୁ ପୁରସ୍କାର ଦେଇଥାଉ । କହୁଛନ୍ତି କି, ଆପଣ ର:ଅ କେବଳ ସାଧାରଣ ଜ୍ଞାନ ଓ ବୁଦ୍ଧିମତାର କଥା ବର୍ଣ୍ଣନା କରିନାହାନ୍ତି ବରଂ ପବିତ୍ର କୋରାନ୍‌ର ତତ୍ତ୍ୱଜ୍ଞାନକୁ ବର୍ଣ୍ଣନା କରିଛନ୍ତି ଏବଂ ଅଲ୍ଲାଃ ତାଲା ପବିତ୍ର କୋରାନ୍ ସମ୍ବନ୍ଧରେ କହୁଛନ୍ତି *ଲା ୟମସ୍‌ସୁହୁ ଇଲ୍ଲଲ ମୁତହ୍‌ହରୁଲ୍ (ୱାକେୟା: ୮୦)* ଏହାର ଅନୁବାଦ ହେଉଛି ଏପରି କି, କେହିତାକୁ ଛୁଇଁ ପାରିବେ ନାହିଁ କେବଳ ପବିତ୍ର ଲୋକ ହିଁ ଛୁଇଁ ପାରିବେ । କହୁଛନ୍ତି ଯେ, ପିଲାଳିଆମି ଚରିତ୍ରରୁ ବାହାରିବା କ୍ଷଣି ଆପଣଙ୍କର ଲୋକମାନଙ୍କ ସମ୍ମୁଖରେ ପବିତ୍ର କୋରାନ୍‌ର ନୂତନ ଓ ସୂକ୍ଷ୍ମ ଜ୍ଞାନକୁ ବର୍ଣ୍ଣନା କରିବା ଏ କଥାର ଗୋଟିଏ ସ୍ୱଷ୍ଟ ସାକ୍ଷୀ ଅଟେ ଯେ, ଆପଣ ର:ଅ ନିଜର ପିଲାଦିନକୁ ଅଲ୍ଲାଃ ତାଲାଙ୍କ ବିଶେଷ ତର୍‌ବିୟତରେ ବିତାଇଛନ୍ତି ଓ ଆପଣ ର:ଅ ପିଲାଦିନେ ହିଁ ମୁତ୍‌ହରିନ୍ ଅର୍ଥାତ୍ ପବିତ୍ର ଲୋକମାନଙ୍କର ଗୋଷ୍ଠିରେ ସାମିଲ ଥିଲେ । *(ସ୍ୱାନେହ୍ ଫଜ୍‌ଲେ ଉମର ଖଣ୍ଡ-୧ ପୃ-୨୧୭ ରୁ ୨୧୯)*

ଅପାଣ ର:ଅଙ୍କ ଜୀବନ ଚରିତ ସମ୍ବନ୍ଧରେ ଜଣେ ଅଣଜମାତିୟ ପତ୍ରକାରଙ୍କ ମନୋଭାବ । ଏ କଥା ବର୍ଣ୍ଣନା କରିବା ପୂର୍ବରୁ ସେ ପତ୍ରକାର ଜଣଙ୍କର ପରିଚୟ ପ୍ରଦାନ କରି ଲେଖୁଛନ୍ତି କି: ''ମାର୍ଚ୍ଚ ୧୯୧୩ ମସିହାରେ ଜଣେ ଗୈର୍ ଅହେମଦୀ ପତ୍ରକାର ମୁହମ୍ମଦ ଅସ୍‌ଲମ୍ ସାହେବ ଅମୃତସରରୁ କାଦିୟାନ୍ ଆସିଲେ ଓ କିଛି ଦିନ ଏଠାରେ ରହି ଫେରି ଚାଲିଗଲେ । ସେ ଜମାତ୍‌କୁ ଅତ୍ୟନ୍ତ ନିକଟରୁ ଅଧ୍ୟୟନ କରିବାପରେ ନିଜ ମନୋଭାବକୁ ଗୋଟିଏ ବ୍ୟାଖ୍ୟା ରୂପକ ବର୍ଣ୍ଣନା ଦେଇଛନ୍ତି । ସେ ହଜ୍‌ରତ୍ ସାହାବଜାଦା ସାହେବଙ୍କ ସମ୍ବନ୍ଧରେ ଲେଖୁଛନ୍ତି (ହଜ୍‌ରତ୍) ସାହାବଜାଦା ବଶୀରୁଦ୍ଦିନ୍ ମେହମୁଦ୍ ଅହେମଦ୍ ସାହେବଙ୍କ ସହିତ ମଧ୍ଯ ମିଶି ଆମକୁ ବହୁତ ଖୁସି ଲାଗିଲା । ସାହାବଜାଦା ସାହେବ ଅତ୍ୟନ୍ତ ଚରିତ୍ରବାନ ଓ ସାଧାସିଧା ବ୍ୟକ୍ତିତ୍ୱ ଅଟନ୍ତି । ଉତମ ଚରିତ୍ର ବ୍ୟତିତ ସେ ଅତ୍ୟନ୍ତ ଜ୍ଞାନୀ ଓ ଚିନ୍ତାନାୟକ ମଧ୍ଯ ଅଟନ୍ତି । ଅନ୍ୟସମସ୍ତ କଥାକୁ ବାଦ୍ ଦେଲାପରେ ତାଙ୍କର ଓ ମୋ ମଧ୍ୟରେ ହୁନ୍ଦୁସ୍ଥାନର ଭବିଷ୍ୟତ ଉପରେ ଯେଉଁ ବାର୍ତାଳାପ ହେଲା, ଓ ସେଥିରେ ସାହାବଜାଦା ସାହେବ ଆନ୍ତର୍ଜାତୀୟ ଜାତିସଂଘର ଅତୀତର ଘଟଣାବଳୀ ଆଧାରରେ ଯେଉଁ କଥା ପ୍ରକାଶ କରିଛନ୍ତି ତାହା ଅତ୍ୟନ୍ତ ଜବରଦସ୍ତ ନିତିଜ୍ଞାନରେ ପରିପୂର୍ଣ୍ଣ ଥିଲା'' ଏହା ଖିଲାଫତ୍ ପୂର୍ବର କଥା ଅର୍ଥାତ୍ ୧୯୧୩ ମସିହାର କଥା । ହଜ୍‌ରତ୍ ଖଲିଫା ଅୱଲଙ୍କ ସମୟର କଥା ପୁଣି ସେ ଲେଖୁଛନ୍ତି କି ''ସାହାବଜାଦା ସାହେବ ଅତ୍ୟନ୍ତ ନିଷ୍ଠାର ସହିତ ଓ ପ୍ରେମପୂର୍ଣ୍ଣ ଶୈଳୀରେ ଏ ଇଚ୍ଛା ପ୍ରକାଶ କଲେ କି ମୁଁ ଅତି କମ୍‌ରେ ଗୋଟିଏ ସପ୍ତାହ କାଦିୟାନ୍‌ରେ ରହିବି । ଯଦିଚ ଅନେକ କାରଣ ଯୋଗୁଁ ମୁଁ ତାଙ୍କର ଉପଦେଶ ଉପରେ ପରିଚାଳିତ ହେବାରୁ ବଂଚିତ ରହିଲି କିନ୍ତୁ ସାହାବଜାଦା ସାହେବଙ୍କ ସେହି ଉଚ୍ଚ ଦୃଷ୍ଟିକୋଣ ପ୍ରେମ ଓ କରୁଣାର ମୁଁ କୃତଜ୍ଞତା ଜ୍ଞାପନ କରୁଛି । ସାହାବଜାଦା ସାହେବଙ୍କ ଧର୍ମ ପରାୟଣତା ଓ ସତ୍ୟନିଷ୍ଠା ଏବଂ ତାଙ୍କର ବିଶାଳ ମନୋଭାବର ସାଧାପଣିଆ ସର୍ବଦା ମନେ ରହିବ'' *(ସ୍ୱାନେହ୍ ଫଜ୍‌ଲେ ଉମର ଖଣ୍ଡ-୧ ପୃ-୩୨୪)*

ଆପଣ ର:ଅଙ୍କ ଇବାଦତ୍ ଅର୍ଥାତ୍ ଉପାସନାର ସ୍ତର ପିଲାଦିନୁ ହିଁ କିପରି ଥିଲା ସେ ସମ୍ବନ୍ଧରେ ''ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବ ର:ଅ ମଧ୍ଯ ଯିଏ ଆପଣ ର:ଅଙ୍କ ପିଲାଦିନର ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଥିଲେ, ସେ ନିଜର ମନୋଭାବର ପରିପ୍ରକାଶ ଏହି ବାକ୍ୟ ଜରିଆରେ କରୁଛନ୍ତି'' ସେ କହୁଛନ୍ତି କି ''ଯେହେତୁ ଏ ଅଧମ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ ୧୮୯୦ ମସିହାର ଶେଷରେ କରିଥିଲା ଓ ସେବେଠାରୁ ସର୍ବଦା ଯିବାଆସିବାର ଧାରା ଅନବରତ ଜାରି ଥିଲା । ମୁଁ ହଜ୍‌ରତ୍ ବିଶାଳ ହୃଦୟ ମିର୍ଜା ବଶିର୍ ଉଦ୍ଦିନ ମେହମୁଦ ଅହମଦ ର:ଅ.....ଙ୍କୁ ତାଙ୍କ ପିଲାଦିନୁ ହିଁ ଦେଖୁଅଛି ଯେ କିପରି ତାଙ୍କର ଲଜ୍ଜାଶୀଳ ଅଭ୍ୟାସ, ଭଦ୍ର, ସଦାଚାରି ଏବଂ ଧର୍ମ ପ୍ରତି ଉତ୍ସାହିତ ଧ୍ୟାନ ଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଧାର୍ମିକ କାର୍ଯ୍ୟରେ ପିଲାଦିନୁ ହିଁ ତାଙ୍କୁ ସୌକ ଥିଲା । ନମାଜ୍‌ରେ ଅଧିକାଂଶ ସମୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଯାମେ ମସ୍‌ଜିଦ୍‌କୁ ଯାଉଥିଲେ ଓ ଖୁତ୍‌ବା ଶୁଣୁଥିଲେ'' କହୁଛନ୍ତି କି ''ଥରେ ମୋର ମନେ ଅଛି କି, ଯେତେବେଳେ ଆପଣ ର:ଅଙ୍କ ବୟସ ୧୦ବର୍ଷ ପାଖାପାଖି ଥିବ ଆପଣ ମସ୍‌ଜିଦ୍ ଅକ୍‌ସାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ନମାଜ୍‌ରେ ଛିଡ଼ା ହୋଇଥିଲେ ଓ ପୁଣି ସଜ୍‌ଦାଃରେ ବହୁତ କାନ୍ଦୁଥିଲେ । ପିଲାଦିନୁ ହିଁ ଆପଣ ର:ଅଙ୍କୁ ପ୍ରାକୃତିକ ରୂପେ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କ ସହିତ ବିଶେଷ ପ୍ରେମପୂର୍ଣ୍ଣ ସମ୍ପର୍କ ଥିଲା'' *(ସ୍ୱାନେହ୍ ଫଜ୍‌ଲେ ଉମର ଖଣ୍ଡ-୧ ପୃ-୧୧୬ ରୁ ୧୧୭)*

ଆପଣ ର:ଅଙ୍କ ଇଶ୍ୱରଙ୍କ ନିକଟରେ ବିଳାପ କରିବା ଓ ସଜ୍‌ଦାରେ ବହୁ ସମୟ ପର୍ଯ୍ୟନ୍ତ ପଡ଼ିରହି ଦୁଆ କରିବାର ଗୋଟିଏ ଘଟଣା ରହିଛି ସେଥିରେ ବଡ଼ ବଡ଼ ଲୋକମାନଙ୍କୁ ମଧ୍ଯ ବହୁତ ଆଶ୍ଚର୍ଯ୍ୟରେ ପକାଇଦେଉଥିଲା ଓ ଏପରି ଅବସ୍ଥାରେ କି ଯେତେବେଳେ ବ୍ୟୟଜ୍ୟୋଷ୍ଠଲୋକମାନେ ଏ କଥା ଜାଣିଥିଲେ ଯେ, ତାଙ୍କୁ କୌଣସି ପ୍ରକାରର ଦୁଃଖ, ଚିନ୍ତା ନଥିଲା । ଏହି ପରି ପରିସ୍ଥିତିରେ ଯେତେବେଳେ ବଡ଼ମାନେ ଆପଣ ର:ଅଙ୍କ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିବାର ଦେଖୁଥିଲେ, ସେଥିରେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହେଉଥିଲେ ଓ ଏ ପ୍ରଶ୍ନ ଉଠୁଥିଲା ଯେ ଏହି ପିଲାଟି ଉପରେ କଣ ବିତିଛି ଯେ ସେ ରାତିରେ ଲୁଚିଲୁଚି ଉଠୁଛି ଓ ନିଜ ପାଳନକର୍ତାଙ୍କ ନିକଟରେ ଭୋ ଭୋ ହୋଇ କାନ୍ଦୁଛି ଓ ନିଜର ନୀରିହ ଅଶ୍ରୁ ଦ୍ୱାରା ସଜ୍‌ଦାଗାଃ କୁ ଭିଜେଇ ଦେଉଛି ।

ହଜ୍‌ରତ୍ ମିର୍ଜା ତାହେର୍ ଅହମଦ୍ ସାହେବ ରହେମୁଲ୍ଲାଃ ତା:ଲା ଯେବେ ସ୍ୱାନେହ୍ ଲେଖିଲେ ସେତେବେଳେ ସେ ଲେଖୁଛନ୍ତି କି, ଏହି ଆଶ୍ଚର୍ଯ୍ୟ ଶେଖ୍ ଗୁଲାମ ଅହମଦ୍ ସାହେବ ୱାଏଜ୍ ର:ଅଙ୍କ ମନରେ ମଧ୍ଯ ସୃଷ୍ଟି ହେଲା ଯିଏ ଜଣେ ନୁଆ ମୁସ୍‌ଲିମ ଥିଲେ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହାତରେ ଇସ୍‌ଲାମ୍‌ରେ ଦାଖିଲ ହୋଇଥିଲେ ଓ ସେ ଭକ୍ତିଭାବ ଓ ବିଶ୍ୱାସରେ ଏତେ ମାତ୍ରାରେ ଉନ୍ନତି କଲେ ଯେ, ତାଙ୍କର ଗଣନା ଜଣେ ଉପାସକ ନିଷ୍ଠାବାନ ଏବଂ କଶଫ୍ ୱ ଇଲ୍‌ହାମ୍ (ଅର୍ଥାତ୍ ଯାହାଙ୍କ ଉପରେ ସ୍ୱର୍ଗବାଣୀ ହୋଇଥାଏ ଓ ଯାହାଙ୍କୁ ସଚ୍ଚା ସ୍ୱପ୍ନ ଜାଗ୍ରତ ଅବସ୍ଥାରେ ଦେଖାଇ ଦିଆଯାଏ) ହେଉଥିବା ବୁଜ୍‌ରୁଗ୍‌ମାନଙ୍କ ମଧ୍ୟରେ ହୋଇଥା । ଶେଖ୍ ଗୁଲାମ ଅହମଦ୍ ସାହେବ କହୁଥିଲେ ଯେ, ''ଥରେ ମୁଁ ଏ କଥା ଇଚ୍ଛା କଲି ଯେ, ଆଜି ରାତିଟି ମସ୍‌ଜିଦ୍ ମୁବାରକ୍‌ରେ ବିତାଇବି ଓ ଏକାନ୍ତରେ ନିଜ ମୌଲାଙ୍କଠାରୁ ଯାହା ଇଚ୍ଛା ଚାହିଁବି ତାହା ମାଗିବି'' ସେ କହୁଛନ୍ତି ''କିନ୍ତୁ ଯେତେବେଳେ ମୁଁ ମସ୍‌ଜିଦ୍‌ରେ ପହଂଚିଲି ସେଠାରେ କଣ ଦେଖୁଛି କି, କେହି ଜଣେ ବ୍ୟକ୍ତି ସଜ୍‌ଦାରେ ପଡିରହିଛି ଓ ହୃଦୟ ଖୋଲି ବିଳାପ କରି ପ୍ରାର୍ଥନା କରୁଅଛି । ତାର ସେହି ବିଳାପ ଯୋଗୁଁ ମୁଁ ମଧ୍ଯ ନମାଜ୍ ପଢ଼ିପାରିଲି ନାହିଁ ଓ ସେହି ବ୍ୟକ୍ତିର ଦୁଆର ପ୍ରଭାବ ମୋ ଉପରେ ମଧ୍ଯ ତ୍ୱରାନିତ ହୋଇଗଲା ଫଳତଃ ମୁଁ ମଧ୍ଯ ଦୁଆ କରିବାରେ ମଗ୍ନ ହୋଇଗଲି ଓ ମୁଁ ଏ ପ୍ରାର୍ଥନା କଲି କି ହେ ପ୍ରଭୁ ! ଏହି ବ୍ୟକ୍ତି ଜଣକ ତୋ ନିକଟରୁ ଯାହା କିଛି ମାଗୁଅଛି ତାହା ସବୁ ତାକୁ ଦେଇଦିଅ । ମୁଁ ଛିଡ଼ା ହୋଇ ଥକି ଗଲି ଯେ କେତେବେଳେ ଏହି ଲୋକ ଜଣକ ମୁଣ୍ଡ ଉଠାଇବ ସେତେବେଳେ ମୁଁ ଏକଥା ଜାଣିବି ଯେ ଏ ଲୋକଟି କିଏ ।'' କହୁଛନ୍ତି କି ''ମୁଁ ଏକଥା କହିପାରିବି ନାହିଁ ଯେ, ସେ ମୋ ପୂର୍ବରୁ କେତେ ସମୟ ହେବ ଏଠାକୁ ଆସିଥିଲେ କିନ୍ତୁ ଯେତେବେଳେ ଆପଣ ର:ଅ ମୁଣ୍ଡ ଉଠାଇଲେ ସେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ, ସେ ହେଉଛନ୍ତି ହଜ୍‌ରତ୍ ମିଆଁ ମେହମୁଦ୍ ଅହମଦ୍ ସାହେବ ର:ଅ । ମୁଁ ତାଙ୍କୁ *ଅସ୍‌ସଲାମୁ ଆଲୈକୁମ୍* କହିଲି ଏବଂ ହାତ ମିଳାଇଲି ଓ ତାଙ୍କୁ ପଚାରିଲି ମିଆଁ ! ଆଜି ଅଲ୍ଲାଃ ତାଲାଙ୍କ ଠାରୁ କ'ଣ ସବୁ ମାଗି ନେଇ ନେଲ ଏଥିରେ ସେ କହିଲେ ମୁଁ ତ ଏହା ମାଗିଲି ଯେ ହେ ପ୍ରଭୁ ! ମୋତେ ମୋ ଆଖି ସାମ୍ନାରେ ଇସ୍‌ଲାମ୍‌କୁ ଜୀବିତ କରି ଦେଖାଅ ଏତିକି କହି ସେ ଘର ଭିତରକୁ ଚାଲିଗଲେ । ଇସ୍‌ଲାମ୍‌ର ବିଜୟ ଦିନକୁ ଦେଖିବାର ଆଗ୍ରହର ଅଭିଳାଷ ଯାହା ସେହି ଅଳ୍ପ ବୟସରେ ଆପଣ ର:ଅଙ୍କ ମନ ଭିତରେ ଥିଲା ଓ ଆପଣ ର:ଅଙ୍କ କମ୍ ବୟସରେ ହିଁ ତାହା ପୁଣି ଫଳ ଆଣିଦେଲା

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....*

ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଆମର ଜଣେ ପାରିବାରିକ ବନ୍ଧୁ ଏଠାକୁ ଆସିବା ପାଇଁ ନିମନ୍ତ୍ରଣ ଦେଇଥିଲେ ଓ ମୁଁ ଏ କଥାର ଅନ୍ୱେଷଣରେ ଆସିଥିଲି କି, ଅହେମଦୀମାନଙ୍କ ପ୍ରୋଗ୍ରାମକୁ ଯାଇ କିଛି ଦେଖିବି । ମୁଁ ହଜୁର ଅନଓ୍ୱରଙ୍କ ବ୍ୟକ୍ତିତ୍ୱ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ହଜୁରଙ୍କ ବାର୍ତା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ହଜୁର ଆମକୁ ଯେଉଁ ଭଳି ଦୃଢ଼ୋକ୍ତି ଦେଇଛନ୍ତି କି, ଏହି ମସ୍‌ଜିଦ ନିଜର ଉଦ୍ଦେଶ୍ୟକୁ ପୁରଣ କରିବ, ତେଣୁ ମୁଁ ଦେଖିବାକୁ ଚାହୁଁଛି ଯେ, ବର୍ତମାନ ଏଠିକାର କମ୍ୟୁନିଟି କିଭଳି ସେହି ଉଦ୍ଦେଶ୍ୟଗୁଡ଼ିକ ପୁରଣ କରିବ । ମୋ ମତରେ ଆପଣ ଉଚିତ ସମୟରେ ବହୁତ ସୁନ୍ଦର ଶୈଳିରେ ଆମକୁ ଏ କଥା ବୁଝାଇ ଦେଇଛନ୍ତି କି, ଆମେ ସମସ୍ତେ ନିଜ ନିଜର ମତଭେଦକୁ ଭୁଲାଇ ଆପୋଷ ସମୋଭାବ କଥାରେ ଏକତ୍ରିତ ହୋଇ ସମାଜର ସେବା କରିବା ଉଚିତ । ମୋର ଇଚ୍ଛା ଥିଲା କି, ଆମକୁ ଏପରି କୌଣସି ପ୍ଲାଟଫର୍ମ ମିଳୁ ଏବଂ ସେହି ପ୍ଲାଟଫର୍ମଟିକୁ ଆମକୁ ହଜୁର ଅନଓ୍ୱର ଯୋଗାଇଦେଲେ । ମୁଁ ଭାବୁଛି ଯେ, ଅହେମଦୀୟା ମୁସ୍‌ଲିମ ଜମାତ୍ ବହୁତ ଉତମ କାର୍ଯ୍ୟ କରୁଅଛି ଓ ମୁଁ ସେହି କାର୍ଯ୍ୟଗୁଡ଼ିକୁ ଆହୁରି ଅଧିକା ବଢ଼ିବା ଓ ପ୍ରସାର ହେବାର ଦେଖିବାକୁ ଚାହୁଁଛି ।

ନ୍ୟୁଜର୍ସିରୁ ଆସିଥିବା ଜଣେ ମେଡ଼ିକାଲ୍ ଛାତ୍ରୀ ଲୈଲା କାଜି ସାହିବା ମଧ୍ଯ ଏହି ପ୍ରୋଗ୍ରାମରେ ଯୋଗଦେଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ସବୁ ଲୋକମାନଙ୍କୁ ଆପୋଷରେ ମିଳିମିଶି କାମ କରିବା ନିମନ୍ତେ ହଜୁର ଅନଓ୍ୱର ଯେଉଁ ଉପଦେଶ ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଅଟେ । ହଜୁର ଅନଓ୍ୱର କହିଲେ କି, ମସଜିଦ୍ ହେଉଛି ଲୋକମାନଙ୍କର ଏକତ୍ରିତ ହେବାର ଏକ ସ୍ଥାନ, ନା କେବଳ ଏଠାରେ ଉପାସନା କରିବା ପାଇଁ ବରଂ ମିଳିମିଶି ସମାଜର ସେବା କରିବାର ଉଚିତ ସ୍ଥାନ । ମୁଁ ଏହି ବାର୍ତା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ବିଶେଷରୂପେ ୯/୧୧ ର ଦୁଃଖଦ ଘଟଣା ଘଟିବା ପରେ ଏଠାରେ ମୁସଲ୍‌ମାନମାନଙ୍କୁ ଏକ ଅଜବ ଦୃଷ୍ଟିରେ ଦେଖାଯାଇଥାଏ ସେହି ପରି ଇସ୍‌ଲାମୀୟ ମସ୍‌ଜିଦକୁ ମଧ୍ଯ ସନ୍ଦେହ ଦୃଷ୍ଟିରେ ଦେଖାଯାଇଥାଏ । ମୋ ମତରେ ଏହି ପ୍ରୋଗ୍ରାମ ବହୁତ ଭଲ ପ୍ରୋଗ୍ରାମ ଥିଲା । ଏଥିରେ ଅଣ ମୁସଲିମ୍ ଲୋକମାନଙ୍କୁ ମଧ୍ଯ ନିମନ୍ତ୍ରଣ କରାଯାଇଥିଲା ଯଦ୍ୱାରା ସେମାନେ ଏଠାକୁ ଆସି ନିଜେ ଦେଖିପାରିବେ, ଓ ମସଜିଦ୍ ନିର୍ମାଣ ହେବାର ଉଦ୍ଦେଶ୍ୟ ସମ୍ବନ୍ଧରେ ଖୋଲାଖୋଲି ଭାବେ ପଚାରି ବୁଝିପାରିବେ ଓ ନିଜକୁ ସନ୍ତୁଷ୍ଟି କରିପାରିବେ । ହଜୁର ଅନଓ୍ୱର ଏହା ମଧ୍ଯ କହିଲେ ଯେ ତାଙ୍କ ଜମାତ୍ ସମାଜର ଉନ୍ନତି ସାଧନ ନିମନ୍ତେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ସମ୍ପାଦନ କରୁଛି । ମୋ ମତରେ ଅଣ ମୁସଲିମମାନେ ଏଠାରୁ ଇସଲାମ ସମ୍ବନ୍ଧରେ ବହୁତ ସକାରାତ୍ମକ ମନୋଭାବ ନେଇ ଯିବେ । (କ୍ରମଶଃ)

*(ବହୱାଲା ଅଖ୍‌ବାର ବଦର ଉର୍ଦ୍ଦୁ ୩୧ ଜାନୁୟାରୀ ୨୦୧୯)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 04 April 2019 Issue No. 14

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION**:Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୨୦ ଅକ୍ଟୋବର ୨୦୧୮ (ଶନିବାର) ରିପୋର୍ଟ୍‌ର ବଳକା ଅଂଶ**

**ମସଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଥିବା ଅତିଥିମାନଙ୍କର ମନୋଭାବ ବ୍ୟକ୍ତ**

ହଜୁର ଅନଓ୍ୱର ଅ:ବ:ଅ ମସଜିଦ୍ ବଇତୁସ୍ ସମଦ୍ (ବାଲ୍ଟିମ୍ୟୁର)ର ଉଦ୍‌ଘାଟନୀ ଉତ୍ସବ ସମାରୋହ ଅବସରରେ ଯେଉଁ ଅଭିଭାଷଣ ପ୍ରଦାନ କରିଥିଲେ ତାହା ଅତିଥିମାନଙ୍କ ମନରେ ଗଭୀର ପ୍ରଭାବ ପକାଇଅଛି ସୁତରାଂ ଅନେକ ଅତିଥି ନିଜନିଜର ମନୋଭାବକୁ ପରିପ୍ରକାଶ କଲେ ।

ଜଣେ ଶିକ୍ଷକ ଅତିଥି କହିଲେ : ହଜୁର ଅନଓ୍ୱରଙ୍କ ଅଭିଭାଷଣ ମୋତେ ବହୁତ ପ୍ରଭାବିତ କରିଛି ତେଣୁ ଏହି ସ୍ପଷ୍ଟିକରଣ ଦେବା ଅତ୍ୟନ୍ତ ଜରୁରୀ ଥିଲା । ମୋତେ ବିଶେଷ ରୂପେ ଏ କଥାରେ ବହୁତ ଆନନ୍ଦ ଲାଗିଲା ଯେ ମସଜିଦ୍ ନିର୍ମାଣର ଉଦ୍ଦେଶ୍ୟ ଗୁଡ଼ିକ ସମ୍ବନ୍ଧରେ ହଜୁର ଯାହାକିଛି ବର୍ଣ୍ଣନା କଲେ ତାହା ଅତିସୁନ୍ଦର କଥା ଓ ପୁଣି ହଜୁର୍ କହିଲେ କି ମସଜିଦ୍ ନିଜ ପଡ଼ୋଶୀମାନଙ୍କ ନିମନ୍ତେ କି'ପ୍ରକାର କାମରେ ଆସିବ । ଆମକୁ ଆମର ମତର ବିଭେଦତା ହେବା ସତ୍ୱେ ମଧ୍ୟ ଯେଉଁ କଥା ଗୁଡ଼ିକରେ ଆମର ସମ ବିଶ୍ୱାସ ରହିଛି, ସେ କଥାରେ ଏକାଠି ହେବା ଉଚିତ୍ ଏବଂ ଆପୋଷରେ ମିଳିମିଶି ସମାଜର ଉନ୍ନତି ନିମନ୍ତେ କାମ କରିବା ଉଚିତ୍ । ଏ କଥା ଏକ ମାହନ୍ ବାର୍ତ୍ତା ଥିଲା ଯଦି ତା ଉପରେ ଆମେ ପରିଚାଳିତ ହେବା ତେବେ ସମାଜ ବହୁତ ଉତ୍ତମ ହୋଇପାରିବ ।

ଗୋଟିଏ ୟୁନିର୍ଭିସିଟିର ଜଣେ ପ୍ରଫେସର ନିଜର ମନୋଭାବକୁ ପରିପ୍ରକାଶ କରି କହିଲେ: ହଜୁର ଅନଓ୍ୱରଙ୍କର ଯେଉଁ ବାର୍ତ୍ତା ଥିଲା କି ଆମେ ସମସ୍ତେ ସକାରାତ୍ମକ ଜିନିଷକୁ ଦେଖିବା ଉଚିତ ଯେଉଁଠି ଆମ ମାନଙ୍କ ଭିତରେ ବିଭେଦତା ରହିଛି ସେଠାରେ ଆମ ମାନଙ୍କ ମଧ୍ୟରେ ଅନେକ କଥା ଏକ ଅଛି । ଏହା ଏକ ଆଶ୍ଚର୍ଯ୍ୟ ଚକିତ ବାର୍ତ୍ତାଥିଲା କି ଏହା ମାଧ୍ୟମରେ ଆମେ ସମାଜରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସୃଷ୍ଟି କରିପାରିବା । ଆମେ ଜଣେ ଅନ୍ୟଜଣଙ୍କ ସହିତ ମିଶି କାମ କରିବା ଉଚିତ ଓ ଜଣେ ଅନ୍ୟଜଣଙ୍କ ସମ୍ମାନ କରିବା ଉଚିତ । ଏହି ବାର୍ତ୍ତା ଅତ୍ୟନ୍ତ ସୁନ୍ଦର ବାର୍ତ୍ତା ଥିଲା ଓ ୟୁ.ଏସ୍.ଏ ର ମାହୋଲରେ ଏ ବାର୍ତ୍ତା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେରିକୀୟ ହୋଇଥିବାରୁ ଆମକୁ ନା କେବଳ ନିଜ ପାଇଁ ବରଂ ନିଜ ପିଲାମାନଙ୍କ ପାଇଁ କାର୍ଯ୍ୟ କରିବା ଉଚିତ । ସମାଜରେ ସମସ୍ତଙ୍କୁ ଏକାଠି କରି ଆଗକୁ ବଢ଼ିବାକୁ ହେବ । ଏହି ବାର୍ତ୍ତାଟି ମୋତେ ବହୁତ ପ୍ରଭାବିତ କଲା ।

ଗାମ୍ବିୟାନ ଆମ୍ବାସି ସହିତ ସମ୍ପର୍କ ରଖିଥିବା Lamin ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ହଜୁରଙ୍କ ଅଭିଭାଷଣ ଅତ୍ୟନ୍ତ ପ୍ରଭାବଶାଳି ଥିଲା ମୁଁ ନିଜେ ମଧ୍ୟ ଗୋଟିଏ ଅହେମଦୀୟା ସ୍କୁଲ୍‌ରେ ପାଠ ପଢ଼ିଛି । ଆଜି ଯାହା ମୁଁ କିଛି ହୋଇପାରିଛି ତାହା କେବଳ ଅହେମଦୀୟା ଜମାତ୍ ଯୋଗୁଁ ହୋଇପାରିଛି । ମୁଁ ଆପଣମାନଙ୍କର ବହୁତ କୃତଜ୍ଞତା ଜ୍ଞାପନ କରୁଅଛି । ମୁଁ ଗାମ୍ବିୟାର ରାଜଦୂତ ଏବଂ ଦେଶର ସମସ୍ତ ନାଗରିକଙ୍କ ତରଫରୁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି । ଗାମ୍ବିୟାରେ ଆପଣମାନଙ୍କର ଯେଉଁ ଉନ୍ନତିମୂଳକ କାର୍ଯ୍ୟ ରହିଛି ତାହା ଅତ୍ୟନ୍ତ ସୁନ୍ଦର କାର୍ଯ୍ୟ ଅଟେ । ଆପଣଙ୍କ ସ୍କୁଲ, ଡାକ୍ତରଖାନା ଇତ୍ୟାଦି ଏବଂ ପ୍ରତ୍ୟେକ ସ୍ଥାନରେ ଆପଣମାନେ ମାନବ ସେବାର କାର୍ଯ୍ୟ କରୁଛନ୍ତି ତେଣୁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

ଜଣେ ମହିଳା ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ମୁଁ ହଜୁର ଅନଓ୍ୱରଙ୍କ ଅଭିଭାଷଣକୁ ଶୁଣିବାପରେ ବହୁତ ଭାବବିହୋଳ ହୋଇଯାଇଛି । ମୋ ପାଇଁ ଏହା ଅତ୍ୟନ୍ତ ସାନ୍ତ୍ୱନାମୂଳକ କଥା ଥିଲା ସେଥିରେ ଆଶାର କିରଣ ଦୃଷ୍ଟିଗୋଚର ହେଉଅଛି ବର୍ତ୍ତମାନ ପରିସ୍ଥିତିରେ ସେହି ଅଭିଭାଷଣ ମୋ ପାଇଁ ବହୁତ ହିଁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଥିଲା । ମୁସଲମାନ ଓ ଅଣମୁସଲମାନ, କଳା ଏବଂ ଗୋରା ମଧ୍ୟରେ ଏଠାରେ ବହୁତ ବିଭେଦ ଦେଖା ଦେଇଛି ଆମେ ସମସ୍ତେ ସେ ସବୁ ଶେଷ କରିବାପାଇଁ ଓ ତା'ର ସମାଧାନର ବାଟକୁ ଖୋଜିବାକୁ ହେଲେ ତାହା କେବଳ ଏ କଥାରେ ସମ୍ଭବ ହୋଇପାରିବ କି, ଆମେ ଜଣେ ଅନ୍ୟଜଣଙ୍କର ସମ୍ମାନ କରିବା । ହଜୁର ଅନଓ୍ୱର ପଡ଼ୋଶୀମାନଙ୍କର ଯେଉଁ ସଂଜ୍ଞା ନିରୂପଣ କରିଛନ୍ତି, ପଡ଼ୋଶୀମାନଙ୍କ ସହିତ ସୁବ୍ୟବହାର କରିବା ପାଇଁ ଯେଉଁ ବାର୍ତ୍ତା ଦେଇଛନ୍ତି ମୋ ପାଇଁ ତାହା ଅତ୍ୟନ୍ତ ମହାନ ବାର୍ତ୍ତା ଏହି ବାର୍ତ୍ତାକୁ ଶୁଣି ମୋତେ ଇସଲାମ ସମ୍ବନ୍ଧରେ ଆହୁରି ଅଧିକା କିଛି ଜାଣିବାକୁ ଉତ୍ସାହ ସୃଷ୍ଟି ହେଲା । ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

ଆଉ ଜଣେ ଅତିଥି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଆମେ ଜଣେ ଅନ୍ୟଜଣଙ୍କ ସହିତ ମିଶି କାମ କରିବା, ଏହା ବହୁତ ହିଁ ସୁନ୍ଦର ବାର୍ତ୍ତା ଥିଲା । ମୁଁ ହେଉଛି ଜଣେ ହିନ୍ଦୁ ବ୍ୟକ୍ତି ଏହା ସତ୍ୱେ ମଧ୍ୟ ଏଠାକୁ ଆସିଛି କାରଣ ଆମେ ସମସ୍ତେ ହେଉଛେ ମାନବ ଆମେ ସମସ୍ତେ ମିଳିମିଶି କାମ କରିବା ଉଚିତ୍ ଏଠାକୁ ଆସି ଏପରି ବାର୍ତ୍ତା ଶୁଣିବା ଦ୍ୱାରା ମୁଁ ବହୁତ ଆନନ୍ଦିତ ।

ବିଲାଲ୍ ଅଲୀ ସାହେବ (Representative of State from 41 District) ମଧ୍ୟ ଏ ପ୍ରୋଗ୍ରାମରେ ସାମିଲ ଥିଲେ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ହଜୁର ଅନଓ୍ୱର ଯେଉଁ ବାର୍ତ୍ତା ଦେଇଛନ୍ତି ତାର ଗୁଞ୍ଜନ ଏଠାରେ ଥିବା ସମସ୍ତଙ୍କୁ ଶୁଭୁଅଛି । ଐକ୍ୟ ମନୋଭାବ, ଆପୋଷ ଏକତା, ପ୍ରେମ ଏବଂ ସ୍ନେହର ବାତାବରଣ ସ୍ଥାପନ କରିବା ପାଇଁ ଏହି ବାର୍ତ୍ତା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ । ଇସ୍‌ଲାମ ବିରୁଦ୍ଧରେ ଯେଉଁ ସଙ୍କା ଦେଖିବାକୁ ମିଳୁଛି, ତାହା ସବୁ ଦୂର କରିବାପାଇଁ ଉକ୍ତ ବାର୍ତ୍ତାରୁ ବହୁତ ସାହାଯ୍ୟ ମିଳିବ । ଆପଣଙ୍କର ଯେଉଁ ମୋଟୋ ରହିଛି ''ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ'' ତାହା ହେଉଛି ଏପରି ଏକ ବାର୍ତ୍ତା ଯାହା ଆମ ସମସ୍ତଙ୍କ ପାଇଁ ଗ୍ରହଣଯୋଗ୍ୟ ଅଟେ । ହଜୁର ଅନଓ୍ୱର ଉଚିତ୍ ସମୟରେ ହିଁ ଅନେକ ସମସ୍ୟାଗୁଡ଼ିକର ସମାଧାନ ଆମକୁ ବତାଇଛନ୍ତି ବିଶେଷ ରୂପେ ଏଠିକାର ପରିସ୍ଥିତିରେ, ଏଠାରେ ବହୁମାତ୍ରାରେ ରାଜନିତିକ ବୟାନବାଜୀ ମଧ୍ୟ ମୁସଲମାନଙ୍କ ବିରୋଦ୍ଧରେ କୁପ୍ରଚାର କରୁଅଛି । ହଜୁର ଅନଓ୍ୱରଙ୍କ ପରି ମହାନ୍ ବ୍ୟକ୍ତି ବିଶେଷଙ୍କ ଏଠାକୁ ଆସିବା ଏବଂ ସେହି ସବୁ ବିଷୟ ପ୍ରସଙ୍ଗରେ ମାର୍ଗଦର୍ଶନ ପ୍ରଦାନକରିବା, ବହୁତ ହିଁ ଉତ୍ତମ ପଦକ୍ଷେପ ଅଟେ । ଏହିଭଳି ପରିବେଶରେ ହଜୁର ଅତ୍ୟନ୍ତ ବୌଦ୍ଧିକ ଓ ପ୍ରମାଣପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି, ଏହାକୁ କୌଣସି ବୁଦ୍ଧିମାନ ବ୍ୟକ୍ତି ଅସ୍ୱୀକାର କରିପାରିବ ନାହିଁ, ମୁଁ ଏଠାରୁ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାର ବହୁତ ସହଜ ସମାଧାନ ଶିଖିବାକୁ ପାଇଛି, ତାହା ହେଉଛି ଏପରିକି ନିଜ ଘରୁ ହିଁ ଆରମ୍ଭ କରନ୍ତୁ । ପଡ଼ୋଶୀମାନଙ୍କ ସହିତ ଉତ୍ତମ ବ୍ୟବହାର କରନ୍ତୁ, ଆପଣଙ୍କୁ ସାରା ପୃଥିବିକୁ ବଦଳାଇବାର ଆବଶ୍ୟକତା ନାହିଁ କେବଳ ସେହି ସବୁ ଲୋକମାନଙ୍କ ସହିତ ପ୍ରେମ ବାଟନ୍ତୁ ଯେଉଁମାନଙ୍କ ସଙ୍ଗେ ଆପଣମାନେ ମିଶୁଛନ୍ତି । ସେମାନଙ୍କର ସେବା କରନ୍ତୁ ଯଦ୍ୱାରା ଏ ସମାଜ ଶାନ୍ତିମୟ ହୋଇଯିବ । ଏହା ଗୋଟିଏ ବହୁତ ସହଜ ଉପାୟ । ଇସ୍‌ଲାମ ସତ୍ୟପ୍ରତି ଆମନ୍ତ୍ରଣ କରିବାକୁ ଶିକ୍ଷା ଦେଇଥାଏ । ଅସଲ୍ ଦାଓ୍ୱତେ ହକ୍ (ଅର୍ଥାତ୍ ସତ୍ୟପ୍ରତି ଆମନ୍ତ୍ରଣ) ହେଉଛି ଆପଣମାନଙ୍କର ନିଜର ନମୁନା । ଯଦି ଆପଣମାନଙ୍କର ନମୁନା ଠିକ୍ ଅଛି ତେବେ ପୁଣି ସବୁ କାମ ସହଜ ହୋଇଯାଏ । ବାଲ୍ଟିମ୍ୟୁରରେ ପରିସ୍ଥିତିର ମୁକାବିଲା କରିବା ପାଇଁ ଅହେମଦୀୟା ମୁସ୍‌ଲିମ ଜମାତ୍ କ୍ଷେତ୍ରକୁ ଓହ୍ଲାଇଛି । ସମାଜରେ ସକାରାତ୍ମକ ରୋଲ ନିର୍ବାହ କରିବାପାଇଁ ସେ ନିଜର ସଂକଳ୍ପକୁ ପ୍ରକାଶ କରିଛି । ଏହା ଅତ୍ୟନ୍ତ ଗ୍ରହଣୀୟ ନମୁନା ଅଟେ କିନ୍ତୁ ଆପଣମାନଙ୍କର ସମସ୍ତ ଜନମଙ୍ଗଳ କାର୍ଯ୍ୟଗୁଡ଼ିକ ମିଡ଼ିଆରେ ଏତେ ମାତ୍ରାରେ ପେଶ କରାଯାଉନାହିଁ ଓ ସେହି କାର୍ଯ୍ୟଗୁଡ଼ିକୁ ପ୍ରଶଂସା କରାଯାଉନାହିଁ ମୁଁ ପ୍ରତି କ୍ଷେତ୍ରରେ ଆପଣମାନଙ୍କ ସହିତ ଅଛି ।

District 48 ଆସିଥିବା ଷ୍ଟେଟର ପ୍ରତିନିଧି ମଧ୍ୟ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୁଁ ଏକଥା କହିବାକୁ ଚାହୁଁଛି ଯେ, ମୁଁ ହଜୁରଙ୍କ ଅଭିଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ବିଶେଷରୂପେ ଏପରି ସମୟରେ ଯେତେବେଳେ ମୁସଲମାନମାନଙ୍କ ସମ୍ବନ୍ଧରେ ଏ ସମାଜରେ ଭୟର ବାତାବରଣ ରହିଛି ଏବଂ ଏ ଦେଶରେ ଜାତିଆଣ ଭେଦଭାବ ରହିଛି, ଏହି ଭଳି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ମୋତେ ବହୁତ ଖୁସି ଲାଗିଲା ଯେ ହଜୁର ଅନଓ୍ୱର ଆମକୁ ଆମର ଦାୟିତ୍ୱପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ହଜୁର ଆମଙ୍କୁ ବତାଇଲେ ଯେ ସମସ୍ତଙ୍କୁ ପ୍ରେମକର ଓ କାହାରିକୁ ମଧ୍ୟ ଘୃଣା କରନାହିଁ ଏହାର ଆବଶ୍ୟକତା ଏଠାରେ ରହିଛି । ପ୍ରେମ, ଶାନ୍ତି, ନ୍ୟାୟ ଏହିପ୍ରକାରର ଚରିତ୍ର ଗୁଡ଼ିକ ବାଲ୍ଟିମ୍ୟୁରରେ ଆବଶ୍ୟକତା ରହିଛି, ଆପଣ ମହାଶୟ ଏଠାକୁ ଆସି ଏପରି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାପ୍ରତି ଆମର ଧ୍ୟାନ ଆକର୍ଷଣ କରାଇଥିବା ଯୋଗୁଁ ମୁଁ ଆପଣଙ୍କର କୃତଜ୍ଞତା ଜ୍ଞାପନ କରୁଅଛି ।

ତାଙ୍କ ସ୍ୱାମୀ ମଧ୍ୟ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯେପରି କି ମୋ ସ୍ତ୍ରୀ କହିସାରିଛନ୍ତି ଯେ, ଏହି ବାର୍ତ୍ତା ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ହଜୁର ଅନଓ୍ୱରଙ୍କ ଉପସ୍ଥିତି ଆମମାନଙ୍କ ପାଇଁ ବହୁତ ସମ୍ମାନର କଥା ଆମେ ନିଜେ ସମାଜର ଉନ୍ନତି ନିମନ୍ତେ ଯେତେ କଥା କଲେ ମଧ୍ୟ ତାହାର ପ୍ରଭାବ ସେତେଟା ହୋଇପାରିବାନାହିଁ ଯେତେ ମାତ୍ରାରେ ହଜୁର ଅନଓ୍ୱରଙ୍କ ଉପସ୍ଥିତି ଦ୍ୱାରା ହୋଇଛି । ଅହେମଦୀୟା ମୁସ୍‌ଲିମ କମ୍ୟୁନିଟି କେବଳ ଏଠାରେ ନୁହେଁ ବରଂ ସମଗ୍ର ୟୁ.ଏସ୍.ଏ ରେ ଏକ ସୁନ୍ଦର ଅଭିନୟ ନିର୍ବାହ କରୁଅଛି । ଆମେ ଦୁଇଜଣ ଯାକ ଖ୍ରୀଷ୍ଟଧର୍ମୀ ଓ ଆମର ଅନେକ ମୁସଲମାନ ବନ୍ଧୁ ଅଛନ୍ତି ଓ ସେମାନଙ୍କ ସହିତ ଆମର ଗଭୀର ସମ୍ପର୍କ ରହିଛି । ଆପଣ ସମସ୍ତଙ୍କର ଯେଉଁ ଚେଷ୍ଟା ରହିଛି ସେଥିଯୋଗୁଁ ବହୁତ ବହୁତ ଧନ୍ୟବାଦ ।

ଜଣେ ବୟସ୍କା ମହିଳା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୁଁ ହଜୁର ଅନଓ୍ୱରଙ୍କଠାରୁ ବହୁତ କିଛି ଶିଖିବାକୁ ପାଇଲି । U.S.A ପାଇଁ ଏହି ବାର୍ତ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ମୋର ଆନ୍ତରିକ ଇଚ୍ଛା ଏହାକି, ଏହିପରି ବଡ଼ ବଡ଼ ବ୍ୟକ୍ତି ବିଶେଷ ଯେଉଁମାନେ ଶାନ୍ତି ସ୍ଥାପନ ପାଇଁ ଚେଷ୍ଟା ଚଳାଇଛନ୍ତି ସେମାନେ ଆଗକୁ ଏହି କାର୍ଯ୍ୟ ଜାରି ରଖନ୍ତୁ, ଯେପରିକି ହଜୁର ଅନଓ୍ୱର ଚେଷ୍ଟା ଜାରି ରଖିଛନ୍ତି, ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

ଅମିରାଃ କାଜି ସାହିବା ନାମକ ଜଣେ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan